NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
5 MAY 2026
ମଙ୍ଗଳବାର
୫ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 346 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୪୬ ଭୁବନେଶ୍ୱର। ବ୍ରହ୍ମପୁର। ସମ୍ବଲପୁର। ବାଲେଶ୍ୱର। ଯାଜପୁର

## ମମତା ଯୁଗ ଶେଷ

# ବଙ୍ଗରେ ବିଜେପି ସରକାର

## ମୋଦୀ ମ୍ୟାଜିକ୍: ଦିଦି ଆଉଟ୍, ପଦ୍ମର ଡବଲ୍ ସେଞ୍ଚୁରୀ

**ନୂଆଦିଲ୍ଲୀ, ୪।୫/ଏଜେନ୍ସି:**



### ପ୍ରଥମ ଥର ସରକାର ଗଠନ କରିବ ବିଜେପି

### ଆସାମରେ ପୁଣି ହିମନ୍ତ ସରକାର

### ତାମିଲନାଡୁରେ ବଦଳିଲା ସମୀକରଣ

ସତ ହେଲା ଶାହାଙ୍କ ଭବିଷ୍ୟବାଣୀ, ବଙ୍ଗର ମଙ୍ଗ ଧରିଲା ବିଜେପି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ବିଜେପି ୧୫ ବର୍ଷ ପରେ ଶାସନ ଗାଦିରୁ ହଟାଇଛି। ମମତାଙ୍କ ନିରୁଙ୍କଶ ଯାତ୍ରାରେ ଲାଗିଛି ବ୍ରେକ୍। ମୋଦୀ ଗ୍ୟାରେଣ୍ଟିରେ ଟିଏମ୍‌ସି ଗଡ଼ ପୂରା ଚୁରମାର୍। ଟିଏମ୍‌ସିର ଅପରାଜେୟ ଦର୍ପ ଅବିଶ୍ୱସନୀୟଭାବେ ଭାଙ୍ଗିଯାଇଛି। ପଶ୍ଚିମବଙ୍ଗରେ ଉଡ଼ିଛି ବିଜେପିର ବିଜୟ ବାନା। ବିଧାନସଭା ନିର୍ବାଚନରେ ବିଜେପିକୁ ମିଳିଛି ବହୁମତ। ମମତା ଯୁଗ ଶେଷ। ପଶ୍ଚିମବଙ୍ଗରେ ଏଥର ବିଜେପି ସରକାର।

ସୋମବାର ପଶ୍ଚିମବଙ୍ଗ ସମେତ କେରଳମ୍, ତାମିଲନାଡୁ, ଆସାମ ଏବଂ ପୁଡୁଚେରୀ ଆଦି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ-୨୦୨୬ର ଫଳାଫଳ ସାମ୍ନାକୁ ଆସିଛି। ଫଳାଫଳକୁ ଦେଖିଲେ ଅଧିକାଂଶ ଏକ୍‌ଜିଟ୍ ପୋଲ୍ ସତ ସାବ୍ୟସ୍ତ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ବିଜେପି ପ୍ରଥମ ଥର ପାଇଁ ବଙ୍ଗଳାରେ କ୍ଷମତା ହାଇେବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଅଧିକାଂଶ ଏଜେନ୍ସିଗୁଡିକ ଏଥର ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରୁଥିବା ଦର୍ଶାଇଥିଲେ, ତାହାହିଁ ହୋଇଛି। ପଶ୍ଚିମବଙ୍ଗରେ ବିଜେପି ଏଥର ୨୦୬ ଆସନ ହାସଲ ପୂର୍ବକ ଏକ ଐତିହାସିକ ବିଜୟ ହାସଲ କରିଛି, ଯାହାଫଳରେ ରାଜ୍ୟରେ ଏକ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହାର ସିଧାସଳଖ ଅର୍ଥ ମମତା ବାନାର୍ଜୀ ଏବଂ ତାଙ୍କ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଦୀର୍ଘ ୧୫ ବର୍ଷର କ୍ଷମତାରୁ ଏବେ ବିଦାୟ ନେଇଛି। ସେହିପରି ଅଧିକାଂଶ ଏଜେନ୍ସିଗୁଡିକ ଦର୍ଶାଇଥିଲେ ଯେ ଆସାମ ଓ ପୁଡୁଚେରୀରେ ବିଜେପି ପୁନଃ ସରକାର ଗଠନ କରିବ। ତାହା ହିଁ ହୋଇଛି ବିଜେପି ନିଜ କ୍ଷମତା ବଜାୟ ରଖିବାରେ ସଫଳ ହୋଇଛି। ଆସାମରେ ମୋଟ୍ ୧୨୬ ଆସନରୁ ସରକାର ଗଢ଼ିବା ପାଇଁ ୬୪ ଆସନର ଆବଶ୍ୟକତା ଥିବାବେଳେ ବିଜେପି ମୋଟ୍ ୮୨ ଆସନ ଜିତିବାରେ ସଫଳ ହୋଇଛି। ଅନ୍ୟପକ୍ଷେ କଂଗ୍ରେସ ୧୯, ଏଜିପି ୧୦, ଏଆଇୟୁଡିଏଫ୍ ୨ଟି ଆସନ ଲେଖାଏ ଜିତିଥିବା ବେଳେ ଅନ୍ୟାନ୍ୟ ଖାତାକୁ ୧୩ ଆସନ ଯାଇଛି। ଫଳରେ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ଆସାମରେ ପୁଣିଥରେ ବିଜେପି ସରକାର ଗଠନ କରିବା ସ୍ପଷ୍ଟ ହୋଇଯାଇଛି। ଯଦି ପୁଡୁଚେରୀ କଥା ଦେଖିବା ତେବେ ଏଠାରେ ମୋଟ୍ ୩୦ ବିଧାନସଭା ଆସନ ମଧ୍ୟରୁ ଏଆଇଏନ୍‌ଆରସି ଏବଂ ବିଜେପି ମେଣ୍ଟ (ଏନ୍‌ଡିଏ) ଏଠାରେ ମୋଟ୍ ୧୮ ଆସନ ଜିତି ସରକାର ଗଠନ କରିବାକୁ ଦୃଢ଼ ଦାବିଦାର ସାଜିଛି। ସରକାର ଗଠନ କରିବାକୁ ▶▶ ୬







| ପଶ୍ଚିମବଙ୍ଗ | |
|---|---|
| ଆସନ ସଂଖ୍ୟା - ୨୯୩ | |
| ବିଜେପି | ୨୦୬ |
| ଟିଏମ୍‌ସି | ୮୧ |
| କଂଗ୍ରେସ | ୦୨ |

| ଆସାମ | |
|---|---|
| ଆସନ ସଂଖ୍ୟା - ୧୨୬ | |
| ବିଜେପି | ୧୦୨ |
| କଂଗ୍ରେସ | ୨୧ |
| ଅନ୍ୟ | ୦୩ |

| ତାମିଲନାଡୁ | |
|---|---|
| ଆସନ ସଂଖ୍ୟା - ୨୩୪ | |
| ଟିଭିକେ | ୧୦୭ |
| ଏଆଇଏଡିଏମ୍‌କେ | ୫୧ |
| ଡିଏମ୍‌କେ | ୬୫ |

| କେରଳମ୍ | |
|---|---|
| ଆସନ ସଂଖ୍ୟା - ୧୪୦ | |
| ୟୁଡିଏଫ୍+ | ୧୦୨ |
| ଏଲ୍‌ଡିଏଫ୍ | ୩୫ |
| ବିଜେପି | ୦୩ |

| ପୁଡୁଚେରୀ | |
|---|---|
| ଆସନ ସଂଖ୍ୟା - ୩୦ | |
| ଏନ୍‌ଡିଏ | ୧୮ |
| କଂଗ୍ରେସ | ୦୬ |
| ଅନ୍ୟ | ୦୬ |

## ନୂଆଦିଲ୍ଲୀରୁ ମୋଦୀଙ୍କ ବିଜୟୀ ଶଙ୍ଖଧ୍ୱନି

# ଗଙ୍ଗୋତ୍ରୀରୁ ଗଙ୍ଗାସାଗର ଯାଏଁ 'ପଦ୍ମ'

### ପ୍ରଥମ କ୍ୟାବିନେଟ୍‌ରେ ଆୟୁଷ୍ମାନ ଭାରତକୁ ମିଳିବ ମଞ୍ଜୁରୀ

### ଅନୁପ୍ରବେଶକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

### ମହିଳାଙ୍କୁ ସୁରକ୍ଷିତ ପରିବେଶ ସହ ଯୁବକଙ୍କୁ ମିଳିବ ରୋଜଗାର, ବନ୍ଦ ହେବ ପଳାୟନ



**ନୂଆଦିଲ୍ଲୀ, ୪।୫/ଏଜେନ୍ସି:**

ସୋମବାର ୫ ପ୍ରଦେଶର ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରୁ ଏହି ୫ ପ୍ରଦେଶର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନିଜ ଅଭିଭାଷଣ ରଖିଛନ୍ତି। ମୋଦୀ ପଶ୍ଚିମବଙ୍ଗରେ ଦଳକୁ ମିଳିଥିବା ଐତିହାସିକ ବିଜୟ ସମ୍ପର୍କରେ କହିଛନ୍ତି ଯେ, ଏହି ବିଜୟ ବିଜେପିର ନୁହେଁ ବରଂ ଗଣତନ୍ତ୍ର ତଥା ସମ୍ବିଧାନର ବିଜୟ। ଏହି ପରିପ୍ରେକ୍ଷୀରେ ସେ ବିଜେପି ପକ୍ଷରୁ ରାଜ୍ୟବାସୀଙ୍କୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତିଗୁଡିକୁ ମଧ୍ୟ ଦୋହରାଇଥିଲେ। ମୋଦୀ କହିଛନ୍ତି, ବଙ୍ଗଳାର ପ୍ରଥମ କ୍ୟାବିନେଟ୍ ବୈଠକରେ ହିଁ ଆୟୁଷ୍ମାନ ଭାରତକୁ ମଞ୍ଜୁରୀ ମିଳିବ। ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହିଳାମାନଙ୍କୁ ସୁରକ୍ଷିତ ପରିବେଶ ମିଳିବ, ଯୁବକମାନଙ୍କୁ ରୋଜଗାର ମିଳିବ, ପଳାୟନ ବନ୍ଦ ହେବ। ମୋଦୀ କହିଛନ୍ତି, ଆଜି ଦିନରେ ମହିଳା ସଂରକ୍ଷଣ ବିରୋଧୀମାନଙ୍କୁ ଜନତା ଜନାର୍ଦ୍ଦନ ହିଁ ଉଚିତ୍ ଶିକ୍ଷା ଦେଇଛନ୍ତି। ବିଜେପିର ବିଜୟ ସହ ବଙ୍ଗଳାର ଭାଗ୍ୟରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ରାଜ୍ୟ ଏବେ ଭୟମୁକ୍ତ ଏବଂ ବିକାଶ ଆଡ଼କୁ ଅଗ୍ରସର ହେବ। ବନ୍ଦେ ମାତରମ୍‌ର ୧୫୦ତମ ବର୍ଷରେ ଏହି ବିଜୟ ଅଧିକ ଗୁରୁତ୍ୱପୂର୍ଣ୍ଣ।

କେରଳ ଓ ତାମିଲନାଡୁକୁ ବାଦ୍ ଦେଲେ ବାକି ତିନି ପ୍ରଦେଶ ଯେପରିକି ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ଏବେ ଦଳ ସରକାର ଗଠନ କରିବାକୁ ଯାଉଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାରରେ ପୂର୍ବରୁ ବିଜେପି କ୍ଷମତାରେ ଥିବା ବେଳେ ଏବେ ପଶ୍ଚିମବଙ୍ଗରେ ବିଜେପି/ଏନ୍‌ଡିଏ ସରକାର ଆସିଛି। ଅର୍ଥାତ୍ ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପର୍ଯ୍ୟନ୍ତ ପଦ୍ମ ଫୁଟିଛି। ଗଙ୍ଗା ମାତା ଏବଂ ପବିତ୍ର ବ୍ରହ୍ମପୁତ୍ର ନଦୀର ଆଶୀର୍ବାଦରୁ ଏହା ସମ୍ଭବ ହୋଇପାରିଛି। ବର୍ଷ ବର୍ଷର ସାଧନା ଯେତେବେଳେ ସିଦ୍ଧିରେ ପରିଣତ ହୁଏ, ସେତେବେଳେ ଯେଉଁ ଖୁସି ମିଳେ ତାହା କର୍ମକର୍ତ୍ତାଙ୍କ ମୁହଁରେ ଦେଖିବାକୁ ମିଳୁଛି। ମୋଦୀ ନିଜ ଭାଷଣ ମାଧ୍ୟମରେ ଦଳର ଏହି ବୃହତ୍ ବିଜୟର ଶ୍ରେୟ ନିଜ ଦଳର କର୍ମକର୍ତ୍ତାମାନଙ୍କୁ ଦେଇଛନ୍ତି। ମୋଦୀ କହିଛନ୍ତି ଆଜିର ▶▶ ୬

ଭରସା ଓ ବିଶ୍ୱାସର ବିଜୟ: ମୁଖ୍ୟମନ୍ତ୍ରୀ | ପୃଷ୍ଠା ୩ | ବଙ୍ଗର ଜନସାଧାରଣଙ୍କ ବିଜୟ: ଧର୍ମେନ୍ଦ୍ର



## ବିଜେପିର ଐତିହାସିକ ବିଜୟ ପଛର ଗୁରୁତ୍ୱପୂର୍ଣ୍ଣ ଫ୍ୟାକ୍ଟର

# ଟିଏମ୍‌ସି ହାତରୁ ଛଡ଼ାଇନେଲା ୫୮% ଆସନ







### ମମତାଙ୍କୁ ମହଙ୍ଗା ପଡ଼ିଲା ମହିଳାଙ୍କ ପ୍ରତି ଉଦାସୀନତା, ମୁସଲିମ୍ ଭୋଟର ବି ହାତ ଛାଡ଼ିଲେ

**କୋଲକାତା, ୪।୫/ଏଜେନ୍ସି:** ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ କରିବାକୁ ଜନାଦେଶ ପାଇଛି। ସୂଚନା ଅନୁଯାୟୀ, ବିଜେପି ଏଥର ୨୦୮ ବିଧାନସଭା ଆସନ ଅକ୍ତିଆର କରିବାରେ ସଫଳ ହୋଇଛି, ଯାହାକି ଏକ ବଡ଼ ଐତିହାସିକ ଫଳାଫଳକୁ ଦର୍ଶାଉଛି। ୨୦୨୧ରେ ବିଜେପି ଏଠାରେ ମାତ୍ର ୭୭ ଆସନ ଜିତିବାରେ ସମର୍ଥ ହୋଇଥିବା ବେଳେ ଏଥର କିନ୍ତୁ ୧୩୧ ଅତିରିକ୍ତ ଆସନ ଜିତିଛି। ତେବେ ବିଜେପି ଖାତାକୁ ଆସିଥିବା ଏହି ଅତିରିକ୍ତ ଆସନକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ବିଜେପି ଖାତାକୁ ଆସିଥିବା ଏହି ଅତିରିକ୍ତ ଆସନ ମଧ୍ୟରୁ ପ୍ରାୟ ୫୮% ଆସନ ଟିଏମ୍‌ସି ଗଡ଼ ଭାବେ ପୂର୍ବରୁ ବିବେଚିତ ହୋଇଆସୁଥିଲା। ଯଦି ଭୋଟ୍ ସେୟାର କଥା କହିବା ତେବେ ୨୦୨୧ ତୁଳନାରେ ୨୦୨୬ରେ ବିଜେପିର ଭୋଟ୍ ମାତ୍ର ୭% ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଥିଲେ ମଧ୍ୟ ଆସନ ସଂଖ୍ୟା କିନ୍ତୁ ୧୩୧ଟି ବୃଦ୍ଧି ପାଇଛି। ଏହାର ଅର୍ଥ ୧୫ ବର୍ଷ ଧରି ନିରଙ୍କୁଶ କ୍ଷମତା ଉପଭୋଗ କରିଆସୁଥିବା ମମତା ବାନାର୍ଜୀ ନିଜ ଗଡ଼କୁ ମଧ୍ୟ ଏଥର ରକ୍ଷା କରିପାରିଲେ ନାହିଁ। ଯେଉଁ ୧୧୯ଟି ସିଟ୍‌ରେ ଟିଏମସି ଗତ ୧୫ ବର୍ଷ ଧରି କ୍ରମାଗତ ଭାବେ କବ୍‌ଜା କରି ରଖିଥିଲା, ସେଥିମଧ୍ୟରୁ ୬୯ଟି ଆସନ ଅର୍ଥାତ୍ ପ୍ରାୟ ୫୮% ଆସନ ବିଜେପି ଛଡ଼ାଇ ନେଉଥିବା ଦେଖାଯାଉଛି। ହୁଏତ ଏହି ସଫଳତା ପଛରେ ବିଜେପିର ସଠିକ୍ ରଣନୀତି ରହିଥାଇପାରେ କିନ୍ତୁ ମମତା ଯେ ବିଫଳ ହୋଇଛନ୍ତି ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସେହିପରି ଗତ ୧୦ ବର୍ଷର ଗଣିତ ଦେଖାଯାଏ ତେବେ ଟିଏମ୍‌ସି ଦଖଲରେ ଥିବା ପ୍ରାୟ ୧୬୨ ଆସନ ମଧ୍ୟରୁ ବିଜେପି ଏଥର ୯୫ ଆସନ ହାତେଇବାରେ ସଫଳ ହୋଇଛି। ତେବେ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ବିଜେପିର ଏପ୍ରକାର ଏକତରଫା ଐତିହାସିକ ବିଜୟ ତଥା ଟିଏମ୍‌ସିର ପତନ ପଛରେ ଅନେକ ରାଜନୈତିକ ଫ୍ୟାକ୍ଟର ରହିଥିବା ବିଶ୍ୱାସ କରାଯାଏ।

### ମୁସଲିମ୍ ବହୁଳ ଅଞ୍ଚଳରୁ ବିଜେପିକୁ ବିପୁଳ ଜନସମର୍ଥନ

ମୁସଲିମ୍ ବହୁଳ ଅଞ୍ଚଳରୁ ମଧ୍ୟ ବିଜେପିକୁ ଏଥର ବିପୁଳ ଜନସମର୍ଥନ ମିଳିବା ଦେଖିବାକୁ ମିଳିଛି। ମୁର୍ଶିଦାବାଦ୍, ମାଲଦା, ଉତ୍ତର ଦିନାପୁର, ଦକ୍ଷିଣ ୨୪ ପ୍ରଗଣା, ଉତ୍ତର ୨୪ ପ୍ରଗଣା ଏବଂ ବୀରଭୂମ ଭଳି ମୁସଲିମ୍ ବହୁଳ ଜିଲ୍ଲାର ମୋଟ୍ ୧୧୮ ଆସନ ମଧ୍ୟରୁ ପ୍ରାୟ ୪୫% ଅର୍ଥାତ୍ ୫୩ଟି ଆସନରେ ବିଜେପି ବିଜୟୀ ହୋଇଛି। ୨୦୨୧ ବିଧାନସଭା ନିର୍ବାଚନରେ ବିଜେପି ଏଠାରୁ ମାତ୍ର ୧୪ ଆସନ ହିଁ ଜିତିପାରିଥିଲା। ଅନ୍ୟପକ୍ଷେ ୨୦୨୧ରେ ଟିଏମ୍‌ସି ଏହି ୧୧୮ ମୁସଲିମ୍ ବହୁଳ ଆସନ ମଧ୍ୟରୁ ୧୦୩ ଆସନରେ ବିଜୟୀ ହୋଇଥିବା ବେଳେ ଏଥର କିନ୍ତୁ ମାତ୍ର ୫୮ ଆସନକୁ ଖସିଆସିଛି। ଏହାର ଅର୍ଥ ବିଜେପିକୁ ଆଜି ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ୫୦% ହିନ୍ଦୁ ଭୋଟ୍ ମିଳିଆସୁଥିବା ବେଳେ ଏଥର ମୁସଲିମ୍ ଭୋଟ୍ ମଧ୍ୟ ମିଳିଛି। ମୁସଲିମ୍ ଭୋଟ୍ ଆଜି ପର୍ଯ୍ୟନ୍ତ ଟିଏମ୍‌ସି ଖାତାକୁ ଯାଉଥିବା ବେଳେ ଏଥର କିନ୍ତୁ ଦଳର ଭୋଟ୍‌ବ୍ୟାଙ୍କ ରାଜନୀତି କାମ ଦେଇନି। ସେହିପରି ମମତା ବାନାର୍ଜୀ ନିଜ ଦଳ ପାଇଁ ମହିଳା ଭୋଟରଙ୍କୁ ପ୍ରାଥମିକତା ଦେଇଆସୁଥିବା ବେଳେ ମହିଳା ଭୋଟରମାନେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ନିରାଶ କରିନଥିଲେ। କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବଢ଼ିଥିବା ମହିଳା ବିରୋଧୀ ଅପରାଧ ପ୍ରସଙ୍ଗରେ ମମତାଙ୍କ ଉଦାସୀନତା ତାଙ୍କର ଏହି ପ୍ରମୁଖ ଅସ୍ତ୍ରକୁ ମଧ୍ୟ ତାଙ୍କ ବିପକ୍ଷରେ ଛିଡା କରାଇଦେଇଛି। ଯେଉଁଠି ରାଜ୍ୟର ୫୦%ରୁ ଊର୍ଦ୍ଧ୍ୱ ମହିଳା ଭୋଟର ଟିଏମ୍‌ସି ତଥା ମମତାଙ୍କୁ ଅନ୍ଧ ଭାବେ ଭୋଟ୍ ଦେଇଆସୁଥିଲେ ଏଥର କିନ୍ତୁ ସେହି ମହିଳା ଭୋଟରମାନେ ବିଜେପିକୁ ଜନାଦେଶ ଦେଇଛନ୍ତି।

### ଟିଏମ୍‌ସିକୁ ମହିଳା ବିରୋଧୀ ଦର୍ଶାଇବାରେ ବିଜେପି ସଫଳ, ମହିଳା ଭୋଟରଙ୍କ ପ୍ରତି ବିଜେପିର ପ୍ରତିଶ୍ରୁତି

ଏତଦ୍‌ବ୍ୟତୀତ ମମତା ବାନାର୍ଜୀ ଯେଉଁଠି ମହିଳାମାନଙ୍କୁ 'ଲକ୍ଷ୍ମୀର ଭଣ୍ଡାର' ଯୋଜନା ଅଧୀନରେ ୫୦୦ ଟଙ୍କା ବଢ଼ାଇ ସାଧାରଣ ବର୍ଗର ମହିଳାମାନଙ୍କୁ ୧୫୦୦ ଏବଂ ଏସ୍‌ସି/ଏସ୍‌ଟି ମହିଳାମାନଙ୍କୁ ମାସିକ ୧୭୦୦ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ ବିଜେପି କିନ୍ତୁ ସବୁ ବର୍ଗର ମହିଳାମାନଙ୍କୁ ପ୍ରତି ମାସରେ ୩ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ମମତା ମୋଟ୍ ୯ଟି ପ୍ରତିଶ୍ରୁତି ଦେଇଥିବା ବେଳେ ବିଜେପି ନିଜ ଘୋଷଣାପତ୍ରରେ ମହିଳାମାନଙ୍କ ସହ ଜଡ଼ିତ ୧୫ଟି ପ୍ରତିଶ୍ରୁତି ଦେଇଛି, ଯେପରିକି - ସରକାରୀ ଚାକିରିରେ ୩୩% ସଂରକ୍ଷଣ ଏବଂ ମାଗଣା ବସ୍ ସେବା। କେବଳ ସେତିକି ନୁହେଁ ବିଜେପିର ରଣନୀତିକାରମାନେ ଠିକ୍ ବିଧାନସଭା ନିର୍ବାଚନ ପୂର୍ବରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇ ୩ଟି ବିଲ୍ (ଏଥିମଧ୍ୟରୁ ଦୁଇଟି ବିଲ୍ ଲୋକସଭା ସିଟ୍‌କୁ ୫୪୩ରୁ ୮୧୬କୁ ବଢ଼ାଇବା ଏବଂ ତୃତୀୟ ବିଲ୍‌ଟି ସୀମା ନିର୍ଦ୍ଧାରଣ ସହ ଜଡ଼ିତ ଥିଲା) ଆଣିଥିଲେ। ବିଜେପି ଦେଶବାସୀଙ୍କୁ ସ୍ପଷ୍ଟ ଭାବେ ବୁଝାଇଦେଇଥିଲା ଯେ ଏସବୁ ବିଲ୍ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଅତ୍ୟନ୍ତ ଜରୁରି। କିନ୍ତୁ କଂଗ୍ରେସ ଓ ଟିଏମ୍‌ସି ସମେତ ସମସ୍ତ ବିରୋଧୀ ଦଳ ଏହାକୁ ବିରୋଧ କରିଥିଲେ ଏବଂ ବିଲ୍ ପାସ୍ ହୋଇପାରିଲା ନାହିଁ। ବିଜେପି ଏହାକୁ ଏକ ବଡ଼ ଅସ୍ତ୍ର କରିଥିଲା ଏବଂ ପ୍ରଚାର କଲା ଯେ ସେମାନେ ମହିଳାମାନଙ୍କୁ ଶାସନରେ ୩୩% ଅଂଶୀଦାର କରିବାକୁ ଚାହୁଁଛନ୍ତି, କିନ୍ତୁ କଂଗ୍ରେସ ଓ ଟିଏମସି ସମେତ ସମସ୍ତ ବିରୋଧୀ ଏହାକୁ ବିରୋଧ କରୁଛନ୍ତି। ଏହା ମମତା ବାନାର୍ଜୀଙ୍କ ସେହି ଯୁକ୍ତିକୁ ଦୁର୍ବଳ କରିଦେଲା ଯେ ବିଜେପି ଏକ ମହିଳା-ବିରୋଧୀ କିମ୍ବା ପୁରୁଷ-ପ୍ରଧାନ ଦଳ। ଏସବୁ ମଧ୍ୟରେ ନଭେମ୍ବର ୨୦୨୩ ପରଠାରୁ ୧୧ଟି ରାଜ୍ୟରେ ନିର୍ବାଚନ ପୂର୍ବରୁ ବିଜେପି ମହିଳାମାନଙ୍କୁ ନଗଦ ଟଙ୍କା ଦେବାର ଯୋଜନା ଲାଗୁ କରିଛି ବା ପ୍ରତିଶ୍ରୁତି ଦେଇଛି। ଏଥିମଧ୍ୟରୁ ପଶ୍ଚିମବଙ୍ଗ ସମେତ ୧୦ଟି ରାଜ୍ୟରେ ବିଜେପିକୁ କ୍ଷମତା ମିଳିବାରେ ଏହି ଫ୍ୟାକ୍ଟର ବେଶ୍ ପ୍ରଭାବୀ ଢ଼ଙ୍ଗରେ କାମ କରିଥିବାର ଦେଖିବାକୁ ମିଳିଛି।

### ପୀଡ଼ିତ ମହିଳାଙ୍କ ପରିବାର ସଦସ୍ୟଙ୍କୁ ବିଜେପି ଟିକଟ୍ ଦେବା

ସନ୍ଦେଶଖାଲି ଏବଂ ଆରଜି କର ମେଡିକାଲ କଲେଜ ଘଟଣା ବଙ୍ଗଳାରେ ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବିଜେପି କିନ୍ତୁ ଏହି ପ୍ରସଙ୍ଗକୁ ହାତକୁ ନେବା ପାଇଁ ଏହି ଘଟଣାଗୁଡ଼ିକର ମୁଖ୍ୟ ଚେହେରାମାନଙ୍କୁ ଟିକଟ୍ ଦେଇଥିଲା।

ସନ୍ଦେଶଖାଲି ଆନ୍ଦୋଳନର ଚେହେରା ସାଜିଥିବା ରେଖା ପାତ୍ରଙ୍କୁ ହିଙ୍ଗଲଗଞ୍ଜ ସିଟ୍ ଏବଂ ଆରଜି କର ଦୁଷ୍କର୍ମ ମାମଲାର ପୀଡ଼ିତାଙ୍କ ମା' ରତ୍ନା ଦେବନାଥଙ୍କୁ ପନିହାଟୀ ସିଟ୍‌ରୁ ବିଜେପି ପକ୍ଷରୁ ଟିକେଟ୍ ଦିଆଯାଇଥିଲା। ଏପରିକି ୨୪ ଏପ୍ରିଲରେ ଦମଦମ୍ ଠାରେ ପିଏମ୍ ନରେନ୍ଦ୍ର ମୋଦୀ ରତ୍ନା ଦେବନାଥଙ୍କ ପାଇଁ ରାଲି କରିଥିଲେ। ୧୪ ଏପ୍ରିଲର ଏକ ରାଲିରେ ଘୋଷଣା କରାଯାଇଥିଲା ଯେ ବିଜେପି ସରକାର ଆସିଲେ ବଙ୍ଗଳାର ମା' ଭଉଣୀମାନଙ୍କୁ ରାତି ୨ଟାରେ ମଧ୍ୟ ଘରୁ ବାହାରିବାକୁ ଭୟ ଲାଗିବ ନାହିଁ। ପିଏମ୍ ମୋଦୀ ମମତାଙ୍କ ୧୨ ଅକ୍ଟୋବର ୨୦୨୫ର ସେହି ବୟାନ ଉପରେ ସିଧାସଳଖ ଆକ୍ରମଣ କରିଥିଲେ, ଯେଉଁଥିରେ ମମତା ପରାମର୍ଶ ଦେଇଥିଲେ ଯେ ମହିଳାମାନେ ରାତିରେ ବାହାରକୁ ବାହାରିବା ଉଚିତ୍ ନୁହେଁ।

### ଏସ୍‌ଆଇଆର୍ ପ୍ରକ୍ରିୟା ଅନ୍ତର୍ଗତ ୯୧ ଲକ୍ଷ ଭୋଟର୍ ବାଦ୍ ପଡ଼ିବା

ବିଜେପିର ଏହି ବିଜୟ ପଛରେ ମୁସଲମାନ ଭୋଟରଙ୍କ ସଂଖ୍ୟା କମିବା ଏବଂ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)ର ପ୍ରଭାବ ସ୍ପଷ୍ଟ ପ୍ରତୀତ ହୋଇଛି। ନିର୍ବାଚନ ପୂର୍ବରୁ ବଙ୍ଗଳାରେ ସ୍ୱତନ୍ତ୍ର ଗଭୀର ସଂଶୋଧନ ହୋଇଥିଲା, ଯେଉଁଥିରେ ୯୧ ଲକ୍ଷ ଭୋଟରଙ୍କ ନାମ ହଟାଇ ଦିଆଯାଇଥିଲା। ଯାହାଫଳରେ ମୋଟ ଭୋଟର ସଂଖ୍ୟା ୭.୬୬ କୋଟିରୁ ହ୍ରାସ ପାଇ ୬.୭୫ କୋଟି ହୋଇଯାଇଥିଲା। ରିପୋର୍ଟ ଅନୁଯାୟୀ, ହଟାଯାଇଥିବା ନାମ ମଧ୍ୟରୁ ୫୭.୪୭ ଲକ୍ଷ ହିନ୍ଦୁ (୬୩%) ଏବଂ ୩୧.୧ ଲକ୍ଷ ମୁସଲମାନ (୩୪%) ଅଟନ୍ତି। ଯଦିଓ ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୨୭% ମୁସଲମାନ ଜନସଂଖ୍ୟା ଅଛି।

## ଆସାମରେ କ୍ଷମତା ବଜାୟ ରଖିଲା ବିଜେପି

**ଦିସପୁର, ୪।୫/ଏଜେନ୍ସି:** ଆସାମରେ ବିଜେପି କ୍ଷମତା ବଜାୟ ରଖିବାରେ ସଫଳ ହୋଇଛି। ଦଳ ମୋଟ୍ ୧୨୬ ଆସନରୁ ୮୨ ଆସନ ଜିତିବାରେ ସଫଳ ହୋଇଛି। ଅନ୍ୟପକ୍ଷେ କଂଗ୍ରେସ ୧୯, ଏଜିପି ୧୦, ଏଆଇୟୁଡିଏଫ୍ ୨ଟି ଆସନ ଲେଖାଏ ଜିତିଥିବା ବେଳେ ଅନ୍ୟାନ୍ୟ ଖାତାକୁ ୧୩ ଆସନ ଯାଇଛି। ଫଳରେ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ଆସାମରେ ପୁଣିଥରେ ବିଜେପି ସରକାର ଗଠନ କରିବା ସ୍ପଷ୍ଟ ହୋଇଯାଇଛି। ଆସାମରେ ଏସ୍‌ଆଇଆର୍ ତଥା ହିମନ୍ତଙ୍କ ମାତ୍ରାଧିକ ହିନ୍ଦୁତ୍ୱବାଦୀ ରାଜନୀତି ଯୋଗୁ ଦଳକୁ କ୍ଷତି ପହଞ୍ଚିପାରେ ବୋଲି ଆଶଙ୍କା କରାଯାଉଥିଲେ ମଧ୍ୟ ତାହା ଭୁଲ୍ ପ୍ରମାଣିତ ହୋଇଛି। ଆସାମରେ ମୁସଲିମ୍ ଭୋଟରଙ୍କ ଭୋଟ୍ ମଧ୍ୟ ଏଥର ବିଜେପି ଖାତାକୁ ଆସିଛି। ସେହିପରି ଯଦି ପୁଡୁଚେରୀ କଥା ଦେଖିବା ତେବେ ଏଠାରେ ମୋଟ୍ ୩୦ ବିଧାନସଭା ଆସନ ମଧ୍ୟରୁ ଏଆଇଏନ୍‌ଆରସି ଏବଂ ବିଜେପି ମେଣ୍ଟ (ଏନ୍‌ଡିଏ) ଏଠାରେ ମୋଟ୍ ୧୮ ଆସନ ଜିତି ସରକାର ଗଠନ କରିବାକୁ ଦୃଢ଼ ଦାବିଦାର ସାଜିଛି। ସରକାର ଗଠନ କରିବାକୁ ଏଠାରେ ଆବଶ୍ୟକ ସଂଖ୍ୟା ୧୬ ଥିବା ବେଳେ ଡିଏମ୍‌କେ ଏବଂ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ମିଳିତ ଭାବେ ୬ଟି ଆସନ ଜିତିଛି। ଅନ୍ୟାନ୍ୟ ଖାତାକୁ ୬ଟି ଆସନ ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବଚ୍ଛିନ୍ନ ବିକାଶର ନାରା ଆସାମବାସୀଙ୍କ ଭୋଟ୍ ହାତେଇବାରେ ବେଶ୍ ସଫଳ ହୋଇଛି।

## ତାମିଲନାଡୁରେ ଟିଭିକେର ଅଭ୍ୟୁଦୟ

**ଚେନ୍ନାଇ, ୪।୫/ଏଜେନ୍ସି:** ଆଜି ଯେଉଁ ୫ ରାଜ୍ୟର ବିଧାନସଭା ଫଳାଫଳ ସାମ୍ନାକୁ ଆସିଛି ସେଥିମଧ୍ୟରୁ ବଡ଼ ଓଲଟପାଲଟ ତାମିଲନାଡୁରେ ହୋଇଛି। ଯେଉଁଠାରେ ୨ ବର୍ଷ ପୂର୍ବେ ଗଠିତ ହୋଇଥିବା ଅଭିନେତା ବିଜୟଙ୍କ ଦଳ ଟିଭିକେ ଏବେ ନମ୍ବର ୱାନ୍ ହୋଇଯାଇଛି। ଟିଭିକେ ମୋଟ୍ ୧୦୭ ଆସନ ଜିତିବାରେ ସଫଳ ହୋଇଛି। ତାମିଲନାଡୁର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍ କୋଲାଥୁର ଆସନରୁ ହାରିଯାଇଛନ୍ତି। ତାଙ୍କୁ ଟିଭିକେର ଭି.ଏସ. ବାବୁ ୮୦୦୦ରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି। ବାବୁ ପୂର୍ବରୁ ଡିଏମ୍‌କେରେ ଥିଲେ। ଫେବୃଆରୀ ୨୦୨୬ରେ ହିଁ ସେ ବିଜୟଙ୍କ ଦଳରେ ଯୋଗ ଦେଇଥିଲେ। ତେବେ ଏବେ ଟିଭିକେକୁ ସରକାର ଗଠନ ପାଇଁ ୧୧୮ଟି ସିଟ୍‌ର ବହୁମତ ଆବଶ୍ୟକ। ସବୁଠୁ ବଡ଼କଥା ହେଉଛି, ବିଜୟଙ୍କ ଡ୍ରାଇଭରଙ୍କ ପୁଅ ଆର. ସବରିନାଥନ ବିରୁଗମ୍ବକ୍କମ ଆସନରୁ ବିଜୟ ହାସଲ କରିଛନ୍ତି।

ପ୍ରକାଶ, ଅଭିନେତା ବିଜୟ ୨ ବର୍ଷ ପୂର୍ବରୁ ଗଠନ କରିଥିଲେ ଟିଭିକେ। ବିଜୟ ନିଜ ନିର୍ବାଚନୀ ପ୍ରଚାରରେ ୨ଟି ଚର୍ଚ୍ଚିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମତଃ ବିବାହ ପାଇଁ ଝିଅମାନଙ୍କୁ ୮ ଗ୍ରାମ ସୁନା ଏବଂ ନବଜାତ ଶିଶୁମାନଙ୍କୁ ସୁନା ମୁଦି। ଟିଭିକେ ସମସ୍ତ ୨୩୪ଟି ଆସନରେ ନିର୍ବାଚନ ଲଢ଼ିଥିଲା। ଦଳ ନାଲି-ହଳଦିଆ ରଙ୍ଗର ପତାକା ଜାରି କରିଥିଲା, ଯେଉଁଥିରେ 'ଭାଗାଇ' ଫୁଲ ଏବଂ ଦୁଇଟି ହାତୀର ଚିହ୍ନ ରହିଛି।



## ହର୍ମୁଜ୍ ପ୍ରଣାଳୀରେ ପୁଣି ବଢ଼ିଲା ଉତ୍ତେଜନା

# ଆମେରିକୀୟ ଜାହାଜ ଉପରେ ଇରାନ୍‌ର ମିସାଇଲ୍ ଆକ୍ରମଣ

**ତେହେରାନ, ୱାଶିଂଟନ ଡିସି, ୪।୫/ଏଜେନ୍ସି:** ଆମେରିକା-ଇରାନ୍ ତିକ୍ତତା ମଧ୍ୟରେ ଇରାନ୍ ସେନା ହର୍ମୁଜ ପ୍ରଣାଳୀରେ ଏକ ଆମେରିକୀୟ ନୌସେନା ଜାହାଜ ଉପରେ ଦୁଇଟି ମିସାଇଲ୍ ମାଡ଼ କରିଥିବା ଦାବି କରାଯାଇଛି। ଏହି ଆକ୍ରମଣରେ ଜାହାଜଟି କ୍ଷତିଗ୍ରସ୍ତ ହୋଇଥିବା ଏବଂ ଏହା ପରେ ତାକୁ ପଛକୁ ହଟିବାକୁ ପଡ଼ିଥିବା କୁହାଯାଉଛି। ଇରାନର ନ୍ୟୁଜ୍ ଏଜେନ୍ସି 'ଫାର୍ସ' ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଆମେରିକୀୟ ଜାହାଜଟି ଇରାନ୍ ନୌସେନାର ଚେତାବନୀକୁ ଅଣଦେଖା କରି ହର୍ମୁଜ ଦେଇ ଯିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଆକ୍ରମଣ କରାଯାଇଥିଲା।

ଅନ୍ୟପକ୍ଷେ ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ ହର୍ମୁଜରେ ନିଜର କୌଣସି ନୌସେନା ଜାହାଜ ଉପରେ ଆକ୍ରମଣ ହୋଇଥିବା ଖବରକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ସେଣ୍ଟକମ୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କହିଛି ଯେ, ଆମେରିକୀୟ ସେନା ହର୍ମୁଜରେ 'ପ୍ରୋଜେକ୍ଟ ଫ୍ରିଡମ୍' ଅଧୀନରେ କାର୍ଯ୍ୟ କରୁଛି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ କହିଥିଲେ ଯେ, ଆମେରିକୀୟ ସେନା ଏହି ଅଞ୍ଚଳରେ ଫସି ରହିଥିବା ଜାହାଜଗୁଡ଼ିକୁ ସୁରକ୍ଷିତ ଭାବେ ବାହାର କରିବାରେ ସାହାଯ୍ୟ କରିବ ଏବଂ କୌଣସି ବି ପ୍ରକାର ବାଧାବିଘ୍ନର କଡ଼ା ଜବାବ ଦିଆଯିବ। ଏସବୁ ମଧ୍ୟରେ ସାମରିକ ଏବଂ ସାମୁଦ୍ରିକ ମାମଲାର ବିଶେଷଜ୍ଞ ଆଲେକ୍ସଜାଣ୍ଡ୍ରୁ ହୁଡିଷ୍ଟିନୁଙ୍କ କହିବା ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଇରାନ ପାଇଁ ଏକ ବଡ଼ ଶକ୍ତି ସଦୃଶ। ଇରାନ ଏହି ପ୍ରଣାଳୀକୁ ନିଜର ସବୁଠାରୁ ବଡ଼ ରଣନୈତିକ ଶକ୍ତି ବୋଲି ମାନେ, ତେଣୁ ସେ ଏହାକୁ ଯେକୌଣସି ପରିସ୍ଥିତିରେ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିବ।

ଇରାନ୍‌ର ରିଭଲ୍ୟୁସନାରୀ ଗାର୍ଡସ (ଆଇଆର୍‌ଜିସି)ର ପୂର୍ବତନ କମାଣ୍ଡର ମୋହସିନ୍ ରଜାଇ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଆମେରିକା ଯଦି ହର୍ମୁଜ୍‌ରେ କୌଣସି ପ୍ରକାର ସାମରିକ କାର୍ଯ୍ୟକଳାପ କରିବାକୁ ସାମାନ୍ୟତମ ଚେଷ୍ଟା ମଧ୍ୟ କରେ ତେବେ ହର୍ମୁଜ ପ୍ରଣାଳୀକୁ ହିଁ ଆମେରିକୀୟ ସେନାର କବରସ୍ଥାନ କରିଦିଆଯିବ। ଅନ୍ୟପକ୍ଷେ ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକାକୁ ଇରାନ ପକ୍ଷରୁ ଏକ ୧୪-ପଏଣ୍ଟ ବିଶିଷ୍ଟ ପ୍ରସ୍ତାବ ଦିଆଯାଇଛି। ଏହା ଉପରେ ଟ୍ରମ୍ପ କହିଛନ୍ତି ଯେ ସେ ଏହି ନୂଆ ପ୍ରସ୍ତାବର ସମୀକ୍ଷା କରୁଛନ୍ତି। ଏହାରି ମଧ୍ୟରେ ଆଇଆର୍‌ଜିସି ପକ୍ଷରୁ ଏକ କାର୍ଗୋ (ବାଣିଜ୍ୟିକ) ଜାହାଜ ଉପରେ ଛୋଟ ଛୋଟ ବୋଟ୍ ସାହାଯ୍ୟରେ ଆକ୍ରମଣ କରିଥିବା ସୂଚନା ମିଳିଛି। ତେବେ ଏହି ଜାହାଜଟି କେଉଁ ଦେଶର ଏବଂ ଏହି ଆକ୍ରମଣରେ କେତେ ସଂଖ୍ୟକ ବ୍ୟକ୍ତି ମୃତାହତ ହୋଇଛନ୍ତି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଯେତେବେଳେ କି, ଆମେରିକୀୟ ସେନାର ସେଣ୍ଟ୍ରାଲ କମାଣ୍ଡ ସୂଚନା ଦେଇଛି ଯେ, ଇରାନ ବନ୍ଦରଗୁଡ଼ିକରେ ଚାଲିଥିବା ଘେରାବନ୍ଦୀ ମଧ୍ୟରେ ଏପର୍ଯ୍ୟନ୍ତ ୪୯ଟି ବାଣିଜ୍ୟିକ ଜାହାଜର ପଥ ପରିବର୍ତ୍ତନ କରାଯାଇଛି।




ଅନ୍ୟ ଏକ ରିପୋର୍ଟ ଅନୁସାରେ ଆମେରିକାରେ ପେଟ୍ରୋଲ ଦର ବୃଦ୍ଧି ପାଇ ଗ୍ୟାଲନ ପିଛା (୩.୭୮ ଲିଟର) ୪.୪୫ ଡଲାର (୩୭୦ ଟଙ୍କା) ହୋଇଛି। ଫେବୃଆରୀ ୨୮ ପରଠାରୁ ପେଟ୍ରୋଲ ଦର ୧.୪୭ ଡଲାର (୧୨୨ ଟଙ୍କା) ବୃଦ୍ଧି ପାଇଛି। ଅନ୍ୟପକ୍ଷେ ଇରାନରେ ପ୍ରାୟ ୬୫ ଦିନ ହେବ ଇଣ୍ଟରନେଟ୍ ଠିକ୍ ଭାବରେ କାମ କରୁନାହିଁ। ଏହି କାରଣରୁ ଲୋକମାନଙ୍କ ପାଇଁ ସୂଚନା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଇରାନରେ ଏବେ ଇଣ୍ଟରନେଟ୍ ବ୍ୟବହାର କରିବା ଏକ ମହଙ୍ଗା ବ୍ୟାପାର ହୋଇଗଲାଣି। ଏପରିକି ଯେଉଁମାନେ ଇଣ୍ଟରନେଟ୍ ମାଧ୍ୟମରେ ଅର୍ଥ ଉପାର୍ଜନ କରିଥାନ୍ତି ବା ନିଜର ଜୀବିକା ବଞ୍ଚାଇବା ପାଇଁ ସେମାନେ ଏବେ ବାଧ୍ୟ ହୋଇ ସାମୟିକ ଭାବେ ଦେଶ ଛାଡିବାକୁ ବାଧ୍ୟ ହୋଇଛନ୍ତି। ଏହି ଲୋକମାନେ ଆର୍ମେନିଆ ଏବଂ ତୁର୍କୀ ଭଳି ଦେଶକୁ ଯାଉଛନ୍ତି, ଯେଉଁଠାରେ ଇଣ୍ଟରନେଟ୍ ସହଜରେ ଉପଲବ୍ଧ ହେଉଛି। ଇରାନ୍‌ର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ (ଆଇଆର୍‌ଜିସି) ହର୍ମୁଜର ଏକ ନୂଆ ମାନଚିତ୍ର ଜାରି କରିଛି। ଏହି ମାନଚିତ୍ରରେ ସେହି ଅଞ୍ଚଳଗୁଡ଼ିକୁ ଦର୍ଶାଯାଇଛି, ଯେଉଁଠାରେ ଆଇଆର୍‌ଜିସି ନୌସେନା ନିଜର ନିୟନ୍ତ୍ରଣ ଥିବା ଦାବି କରୁଛି। ଇରାନର 'ଫାର୍ସ' ନ୍ୟୁଜ୍ ଏଜେନ୍ସି ପକ୍ଷରୁ ଏହି ସୂଚନା ମିଳିଛି। ମାନଚିତ୍ର ଅନୁଯାୟୀ, ଏହି ଅଞ୍ଚଳ ଇରାନର 'କେଶମ୍' ଦ୍ୱୀପର ପଶ୍ଚିମ ପ୍ରାନ୍ତରୁ ଆରମ୍ଭ କରି ୟୁଏଇର 'ଉମ୍ ଅଲ୍-କ୍ୱାନ' ଏମିରେଟ୍ସ ପର୍ଯ୍ୟନ୍ତ ବ୍ୟାପିଛି।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉଲ୍ଲାସ

ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀରେ ବାଜିମାତ୍

## ଭରସା ଓ ବିଶ୍ୱାସର ବିଜୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀର ଜନସାଧାରଣ ଯେଉଁ ଜନମତ ଦେଇଛନ୍ତି ତାହା ଗଣତନ୍ତ୍ରର ବିଜୟ। ଏହି ବିଜୟ ହେଉଛି ଭରସାର ବିଜୟ ଏବଂ ବିଶ୍ୱାସର ବିଜୟ। ଆମ ଦଳର ନୀତି ଓ ଆଦର୍ଶ ଉପରେ ଲୋକଙ୍କର ଭରସା ବୃଦ୍ଧି ପାଇଛି। ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ, ବରଂ ଜନସେବା ପ୍ରତି ଥିବା ଆମର ପ୍ରତିବଦ୍ଧତାର ପ୍ରତିଫଳନ। ପଶ୍ଚିମବଙ୍ଗର ଭାଇଭଉଣୀମାନେ ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି। ଆସାମର ଜନସାଧାରଣ ସ୍ଥିରତା ଓ ସୁଶାସନକୁ ବାଛିଛନ୍ତି। ପୁଡୁଚେରୀରେ ଲୋକମାନେ ପରିବର୍ତ୍ତନ ପାଇଁ ଆମ ଉପରେ ବିଶ୍ୱାସ ରଖିଛନ୍ତି। ଏହି ସଫଳତା ପ୍ରମାଣ କରୁଛି ଯେ, ଲୋକମାନେ ସକାରାତ୍ମକ ରାଜନୀତିକୁ ପସନ୍ଦ କରନ୍ତି। ଆମ ଦଳର ପ୍ରତ୍ୟେକ କର୍ମକର୍ତ୍ତାଙ୍କ ନିଷ୍ଠା ଆଜି ଫଳପ୍ରଦ ହୋଇଛି। ଓଡ଼ିଶାର ମାଟିରୁ ଆରମ୍ଭ ହୋଇଥିବା ଆମର ଏହି ବିଜୟ ଯାତ୍ରା ଏବେ ସାରା ଦେଶରେ ପରିଚିତ। ଆମେ କେବଳ ନିର୍ବାଚନ ଜିତିବାକୁ ଚାହୁଁନାହୁଁ, ବରଂ ପ୍ରତିଟି ମଣିଷର ହୃଦୟ ଜିତିବାକୁ ଚାହୁଁ। ରାଜନୀତିରେ ଜୟ ପରାଜୟ ଲାଗିରହେ, କିନ୍ତୁ ଜନସେବା ସର୍ବଦା ଜାରି ରହିବା ଉଚିତ। ଆମକୁ ଅଧିକ ନମ୍ରତାର ସହ ଲୋକଙ୍କ ନିକଟକୁ ଯିବାକୁ ହେବ। ବିଜୟର ଏହି ଗର୍ବ ଆମକୁ ଅହଂକାରୀ ନୁହେଁ, ବରଂ ଅଧିକ ଦାୟିତ୍ୱବାନ କରିବା ଦରକାର। ପଡ଼ୋଶୀ ରାଜ୍ୟଗୁଡିକରେ ଆମର ଏହି ସଫଳତା ଓଡ଼ିଶାର ଗୌରବକୁ ଆହୁରି ବୃଦ୍ଧି କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜୟ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।



ଏହାଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆଜିର ଏହି ବିଜୟ ଉତ୍ସବ ହେଉଛି ନୂଆ ସଂକଳ୍ପ ନେବାର ସମୟ। ଆମେ ଗରିବ, ଚାଷୀ ଓ ମହିଳାମାନଙ୍କ ସଶକ୍ତିକରଣ ପାଇଁ କାମ କରିବା। ପ୍ରତିଟି ଗାଁ ଓ ସହରରେ ବିକାଶର ଧାରାକୁ ପହଞ୍ଚାଇବା ଆମର ଲକ୍ଷ୍ୟ। ଆମେ ମିଳିମିଶି ଏକ ସମୃଦ୍ଧ ଭାରତ ଗଠନ କରିବା। ଓଡ଼ିଶା ଆଜି ସାରା ଦେଶକୁ ମାର୍ଗଦର୍ଶନ କରୁଛି। ଆମର କଲ୍ୟାଣକାରୀ ଯୋଜନାଗୁଡିକ ଆଜି ଅନ୍ୟ ରାଜ୍ୟ ପାଇଁ ମଡେଲ ସାଜିଛି। ସେଥିପାଇଁ ଅନ୍ୟ ରାଜ୍ୟର ଲୋକମାନେ ମଧ୍ୟ ଆମ ପ୍ରତି ଆକୃଷ୍ଟ ହେଉଛନ୍ତି। ଆମେ କେବେ ବି ଲୋକଙ୍କ ବିଶ୍ୱାସ ତୁଟାଇବାକୁ ଦେବୁ ନାହିଁ। ଆମ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସିଧାସଳଖ ସେବାକୁ ପ୍ରାଧାନ୍ୟ ଦିଆଯାଉଛି। ଏହି ବାର୍ତ୍ତା ଏବେ କୋଣ ଅନୁକୋଣରେ ପହଞ୍ଚିସାରିଛି। ବିରୋଧୀଙ୍କ କୁତ୍ସାରଟନାକୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସତ୍ୟ ଓ ନ୍ୟାୟର ସବୁବେଳେ ଜୟ ହୁଏ। ତାହା ଆଜି ପୁଣି ପ୍ରମାଣିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ରାଜ୍ୟ ସଭାପତି ଓ ସାଂସଦ ମନମୋହନ ସାମଲ କହିଛନ୍ତି ଯେ ପଶ୍ଚିମବଙ୍ଗରେ ପ୍ରଥମ ଥର, ଆସାମରେ ଲଗାତାର ତୃତୀୟ ଥର ଏବଂ ପୁଡୁଚେରୀରେ ଦ୍ୱିତୀୟ ଥର ପାଇଁ ବିଜେପି ନେତୃତ୍ୱରେ ଏନଡିଏ ମେଣ୍ଟ ସରକାର ଗଠନ କରିବା ହେଉଛି ଏହି ବିଶାଳ ବିଶ୍ୱାସର ପରିଣାମ । ଆଜି ପଶ୍ଚିମବଙ୍ଗରେ ବିକାଶର ନୂତନ ବାଟ ଫିଟିଛି। ଭୟମୁକ୍ତ ଶାସନର କଳା ଅନ୍ଧକାର ଦୂର ହୋଇ ଭୟମୁକ୍ତ ଶାସନ ସହ ଉନ୍ନତିର ନୂତନ ଆଲୋକ ପ୍ରତିଫଳିତ ହେବାକୁ ଯାଉଛି। ସେହିପରି ଆସାମ ଓ ପୁଡୁଚେରୀରେ ବିପୁଳ ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ନେତୃତ୍ୱ ଏବଂ ବିଜେପି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ସ୍ୱଚ୍ଛ ଶାସନ ଓ ପ୍ରଶାସନକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ସାମଲ କହିଛନ୍ତି।

ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକର୍ତ୍ତାମାନେ ବାଣ ଫୁଟାଇ, ବାଜା ବଜାଇ, ମିଠା ଓ ଝାଲମୁଢ଼ି ଖାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ରାଜସ୍ୱ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭାପତି ସୁରେଶ ପୁଜାରୀ, ପୂର୍ବତନ ରାଜ୍ୟ ସଭାପତ ସମୀର ମହାନ୍ତି, ମନ୍ତ୍ରୀ ରବି ନାରାୟଣ ନାୟକ, ଡ.ମୁକେଶ ମହାଲିଙ୍ଗ, ଗୋକୁଳାନନ୍ଦ ମଲ୍ଲିକ, ସଂପଦ ସ୍ୱାଇଁ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସାଂସଦ ସୁକାନ୍ତ ପାଣିଗ୍ରାହୀ, ଡ.ବିଭୁ ପ୍ରସାଦ ତରାଇ, ଡ.ରବି ନାରାୟଣ ବେହେରା, ସୁଜିତ କୁମାର, ବିଧାୟକ ପ୍ରକାଶ ସେଠୀ, ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ବିରଞ୍ଚି ନାରାୟଣ ତ୍ରିପାଠୀ, ସୀମାଞ୍ଚଳ ଖଟାଇ ପ୍ରମୁଖଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଝାଲମୁଢ଼ି ଖାଇ ପଶ୍ଚିମବଙ୍ଗ ବିଜୟ ପାଳନ

## ‘ବଙ୍ଗର ଜନସାଧାରଣଙ୍କ ବିଜୟ’

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିଜୟ ହେଉଛି ବଙ୍ଗର ଜନସାଧାରଣଙ୍କ ବିଜୟ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଏବଂ ଅହଂକାର ବିରୋଧରେ ବଙ୍ଗବାସୀ ସ୍ପଷ୍ଟ ଜନାଦେଶ ଦେଇଛନ୍ତି ବୋଲି ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପଦ୍ମ ଫୁଟାଇ ଏକ ନୂତନ ଇତିହାସ ସୃଷ୍ଟି କରିଥିବାରୁ ସେ ରାଜ୍ୟର ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି



ପଶ୍ଚିମବଙ୍ଗରେ ମହିଳାମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ଏବଂ ଶାସକ ଦଳର ନେତାମାନଙ୍କ ଦ୍ୱାରା ଦିଆଯାଉଥିବା ସଂବେଦନହୀନ ମନ୍ତବ୍ୟକୁ ବଙ୍ଗର ନାରୀଶକ୍ତି ପ୍ରତ୍ୟାଖ୍ୟାନ କରିଛନ୍ତି। ମହିଳାଙ୍କ ସମ୍ମାନ ରକ୍ଷା କରିବାରେ ମମତା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମମତା ବାନାର୍ଜୀଙ୍କ ସରକାର ସର୍ବଦା ଜନଜାତି ବର୍ଗର ସ୍ୱାର୍ଥକୁ ଅଣଦେଖା କରିଆସିଛି। ସେହିପରି ରାଜ୍ୟର ଚାଷୀକୂଳଙ୍କୁ କେନ୍ଦ୍ରୀୟ ଯୋଜନାର ସୁଫଳରୁ ବଞ୍ଚିତ କରି ସେମାନଙ୍କ ସହ ବିଶ୍ୱାସଘାତକତା କରାଯାଇଛି। ବଙ୍ଗର ଯୁବବର୍ଗ ଆଜି ବେକାରୀ ସମସ୍ୟାରେ ଜର୍ଜରିତ। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଟିଏମସି ସରକାର ଯୁବପିଢ଼ିଙ୍କୁ ଭ୍ରମିତ କରିଆସୁଛି। ପଶ୍ଚିମବଙ୍ଗର ଜନସାଧାରଣ ମମତା ବାନାର୍ଜୀଙ୍କୁ ବିଦାୟ କରିବା ସହ ଭାରତୀୟ ଜନତା ପାର୍ଟିର ସୁଶାସନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଉପରେ ଅତୁଟ ବିଶ୍ୱାସ ପ୍ରକଟ କରିଛନ୍ତି ।

ଆସାମ ବିଧାନସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜେପିକୁ ପ୍ରଚଣ୍ଡ ବହୁମତ ଦେଇଥିବାରୁ ଶ୍ରୀ ପ୍ରଧାନ ସେଠାକାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ, ଆସାମବାସୀ କଂଗ୍ରେସର ବିଭାଜନକାରୀ ରାଜନୀତି ଓ ତୁଷ୍ଟିକରଣକୁ ପ୍ରତ୍ୟାଖ୍ୟାନ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ‘ଡବଲ ଇଞ୍ଜିନ’ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ସମର୍ଥନ କରିଛନ୍ତି । ଅପରପକ୍ଷରେ ତାମିଲନାଡୁରେ ବିଜେପି ପ୍ରତି ବିଶ୍ୱାସ ଓ ସମର୍ଥନ ପ୍ରକଟ କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ଟିଭିକେର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ପୁଡୁଚେରୀରେ ଏନଡିଏର ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସାମୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ପ୍ରଧାନମନ୍ତ୍ରୀଙ୍କ ବିକାଶର ଦୂରଦୃଷ୍ଟି ଉପରେ ଜନସାଧାରଣଙ୍କ ଆସ୍ଥା ବୋଲି ସେ କହିଛନ୍ତି।

## ‘ଓଡ଼ିଶାବାସୀଙ୍କ ପ୍ରତି ନକରାତ୍ମକ ମନୋଭାବର ପୂର୍ଣ୍ଣଚ୍ଛେଦ’

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ବିଗତ ଦିନରେ ଆଳୁ ହେଉ ବା ବିଭିନ୍ନ ପ୍ରସଙ୍ଗ ହେଉ ଓଡ଼ିଶାବାସୀଙ୍କ ପ୍ରତି ମମତାଙ୍କ ନକରାତ୍ମକ ମନୋଭାବର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଯାହାକି ଲୋକମାନଙ୍କୁ ବିତସ୍ପୃହ କରିଥିଲା। ଯାହାହେଉ ପଶ୍ଚିମବଙ୍ଗ ରାଜ୍ୟବାସୀ ଏକ ଯୁଗାନ୍ତକାରୀ ନିର୍ଣ୍ଣୟ ନେଇଥିବାରୁ ସେମାନଙ୍କୁ ଅନେକ ଅନେକ ଧନ୍ୟବାଦ। ଏଥର ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ସରକାର ଗଠନ କରିବାକୁ ଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି। ଏହାଛଡ଼ା ମନ୍ତ୍ରୀ



ଶ୍ରୀ ପାତ୍ର କହିଛନ୍ତି ପଶ୍ଚିମବଙ୍ଗରେ ବିଜେପିର ଏହି ବାଜିମାତ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ଓ ଦୀର୍ଘ ୧୫ବର୍ଷ ଧରି ପଶ୍ଚିମ ବଙ୍ଗରେ ଚାଲିଥିବା ଅନ୍ୟାୟ ଓ ଅତ୍ୟାଚାରରେ ସାଧାରଣ ଲୋକଙ୍କ ବିତସ୍ପୃହତା ହିଁ ପ୍ରମୁଖ କାରଣ। ଐତିହାସିକ କାଳରୁ ଅଙ୍ଗ ବଙ୍ଗ କଳିଙ୍ଗ ଏହି ତିନୋଟି ରାଜ୍ୟ ସାଂସ୍କୃତିକ କ୍ଷେତ୍ରରେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ତେବେ ଓଡ଼ିଶା ବା କଳିଙ୍ଗ, ତା’ପରେ ଅଙ୍ଗ ବା ବିହାର ଆଉ ଏବେ ବଙ୍ଗ ବା ପଶ୍ଚିମବଙ୍ଗରେ ବିଜେପିର ବାଜିମାତ୍। ନିଶ୍ଚିତ ଭାବେ ରାଷ୍ଟ୍ରବାଦୀ ବିଚାରଧାରାର ବିଜୟ ଘଟିଛି। ସେ ଆହୁରି କହିଛନ୍ତି ରାଷ୍ଟ୍ରର ରକ୍ଷା ପାଇଁ ପଶ୍ଚିମବଙ୍ଗବାସୀ ଭୋଟ୍ ଦେଇଛନ୍ତି। ଏହା ରାଷ୍ଟ୍ର ପାଇଁ ଶୁଭଙ୍କର। ଗତ ୧୫ବର୍ଷ ଧରି ପଶ୍ଚିମବଙ୍ଗରେ ଦେଶ ବାହାରର ଅଣହିନ୍ଦୁତ୍ୱବାଦୀମାନେ ପଶି କାୟା ମେଲାଇ ଚାଲିଥିଲେ। ଆଉ ମମତା ଦିଦି ତାଙ୍କ ପାଇଁ ବାଟ ଖୋଲି ଦେଇଥିଲେ। ଗଳି ପଶି ହୋଇ ଆମ ଦେଶରେ ନିଜର ସଂଖ୍ୟା ବଢ଼ାଇ ଚାଲିଥିଲେ। ତାହା ରାଷ୍ଟ୍ର ସୁରକ୍ଷା ନେଇ ଚିନ୍ତାଜନକ ଥିଲା। ଆଉ ଏହା ଚାଲିବ ନାହିଁ। ଓଡ଼ିଶାରେ ମଧ୍ୟ ଏସ୍ଆଇଆର୍ ମାଧ୍ୟମରେ ବିଦେଶୀ ବଂଲାଦେଶୀଙ୍କୁ ହଟାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

## ‘ଜଗନ୍ନାଥଙ୍କୁ ନେଇ ରାଜନୀତି କଲେ ମହାପ୍ରଭୁ କେବେ କ୍ଷମା କରିବେନି’

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ପଶ୍ଚିମବଙ୍ଗରେ ବିଜେପିର ବଡ଼ ବିଜୟ ପରେ ‘ଦିଦି’ଙ୍କୁ ଟାର୍ଗେଟ୍ କରିଛନ୍ତି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଜଗନ୍ନାଥ ଧାମକୁ ନେଇ ଯେତେବେଳେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିବାଦ ସୃଷ୍ଟି କରିଥିଲେ, ସେତେବେଳେ ଆମେ ସତର୍କ କରିଥିଲୁ ଯେ ଏହାର ପରିଣାମ ଭଲ ହେବ ନାହିଁ । ଯିଏ ପ୍ରଭୁ ଜଗନ୍ନାଥଙ୍କୁ ନେଇ ରାଜନୀତି କରିବ, ପ୍ରଭୁ ତାଙ୍କୁ କେବେ କ୍ଷମା କରିବେ ନାହିଁ। ସେ ପୁଣି କହିଛନ୍ତି,ଏହି ନିର୍ବାଚନୀ ଫଳାଫଳ



ଦେଖାଇଦେଇଛି ଯେ ଅହଂକାର ଓ ଧର୍ମୀୟ ଭାବନା ସହିତ ଖେଳ କରିବାର ପରିଣାମ କେତେ ଗମ୍ଭୀର ହୋଇପାରେ। ପ୍ରଭୁ ଜଗନ୍ନାଥ ଅହଂକାରକୁ କେବେ ସହିନାହାନ୍ତି, ଏହା ପଶ୍ଚିମବଙ୍ଗର ଫଳାଫଳରେ ପ୍ରମାଣିତ ହୋଇଛି। ଶ୍ରୀମତୀ ପରିଡ଼ା ଆହୁରି କହିଛନ୍ତି ଯେ “ଅଙ୍ଗ, ବଙ୍ଗ, କଳିଙ୍ଗରେ ବିଜେପିର ଉଦୟ” ବୋଲି ଲୋକମାନେ ଯାହା କହୁଥିଲେ, ତାହା ଆଜି ସତ୍ୟ ପ୍ରମାଣିତ ହୋଇଛି। ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟରେ ବିଜେପିର ବିଜୟ ଉପରେ ସେ ଖୁସି ପ୍ରକାଶ କରିଥିବା ସହ ଏହାକୁ “ଏକ ଐତିହାସିକ ଦିନ” ବୋଲି ବର୍ଣ୍ଣନା କରିଛନ୍ତି।

## ଆରମ୍ଭ ହେଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୪ ।୫/ଏନ୍ଏନ୍ଏସ୍:** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ସୋମବାର ଠାରୁ ଆରମ୍ଭ ହେଉଛି। ଏହି ପରୀକ୍ଷା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ୩ଟି ସିଫ୍ଟରେ ଅନୁଷ୍ଠିତ କରାଯାଉଛି। ପ୍ରଥମ ସିଫ୍ଟ ସକାଳ ୯ଟାରୁ ୧୧ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ନ ୧ଟାରୁ ୩ ଟା ଏବଂ ତୃତୀୟ ସିଫ୍ଟ ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ଅନୁଷ୍ଠିତ ହେଉଛି। ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡ୍‌ରେ ଅନୁଷ୍ଠିତ ହେବ। ମେ’ ୪ ତାରିଖରେ ଅର୍ଥାତ ଆଜି ତିନୋଟି ଯାକ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତାକାଲି ଅର୍ଥାତ ୫ ତାରିଖ ପ୍ରଥମ ଓ ଦ୍ୱିତୀୟ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂର ପରୀକ୍ଷା ହେବ। ତୃତୀୟ ସିଫ୍ଟରେ ମଧ୍ୟ ଫାର୍ମାର ପରୀକ୍ଷା ହେବ। ୬ ତାରିଖରେ ୩ଟି ଯାକ ସିଫ୍ଟ ବି ଫାର୍ମା ପରୀକ୍ଷା ଅନୁଷ୍ଠିତ ହେଉଥିବା ବେଳେ ୭ ତାରିଖରେ ପ୍ରଥମ ସିଫ୍ଟରେ ଇଣ୍ଟିଗ୍ରେଟେଡ୍ ଏମବିଏ ଓ ଏମ୍‌ଏସ୍‌ସି ନର୍ସିଂ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମବିଏ ପରୀକ୍ଷା ଅନୁଷ୍ଠିତ ହେବ। ୮ ତାରିଖରେ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା) ପରୀକ୍ଷା ରହିଛି। ୯ ତାରିଖର ପ୍ରଥମ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମ୍‌ସିଏ/ଏସ୍‌ଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ତୃତୀୟ ସିଫ୍ଟରେ ଏମ୍‌ସିଏ/ ପୋଷ୍ଟ ବେସିକ୍ ବିଏସ୍‌ସି ନର୍ସିଂ ପରୀକ୍ଷା ହେବ। ୧୦ ତାରିଖରେ ପ୍ରଥମ ସିଫ୍ଟରେ ଏମ୍. ଫାର୍ମା/ ଏମ୍ ଆର୍କ/ ଏମ୍ ପ୍ଲାନ୍ / ଏମ୍ ଟେକ୍/ ଏଲ୍‌ଇ ଟେକ୍ ବିଏସ୍‌ସି ପରୀକ୍ଷା ରହିଛି। ଦ୍ୱିତୀୟ ସିଫ୍ଟରେ ପୋଷ୍ଟ ବେସିକ୍ ଡିପ୍ଲୋମା ନର୍ସିଂ/ବି ସାଟ୍/ ଏଲ୍‌ଇ ଫାର୍ମା ପରୀକ୍ଷା ଅନୁଷ୍ଠିତ ହେବ। ଚଳିତ ବର୍ଷ ମୋଟ ୧ ଲକ୍ଷ ୩ ହଜାର ପରୀକ୍ଷାର୍ଥୀ ୯୯ ସେଣ୍ଟରରେ ପରୀକ୍ଷା ଦେଉଛନ୍ତି। ରାଜ୍ୟ ମଧ୍ୟରେ ୯୩ ସେଣ୍ଟର ରହିଥିବା ବେଳେ ରାଜ୍ୟ ବାହାରେ ୬ଟି ସେଣ୍ଟର ରହିଛି।

## ଖାତାକୁ ଆସିଲା ସୁଭଦ୍ରା ଟଙ୍କା

## ୭୯ ହଜାର ହିତାଧିକାରୀଙ୍କୁ ୬୧ କୋଟି ପ୍ରଦାନ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ ‘ସୁଭଦ୍ରା’ ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି। ଏହି ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଏହା ସ୍ୱଚ୍ଛତା ଏବଂ ସଠିକ୍ ସମୟରେ ସହାୟତା ପ୍ରଦାନକୁ ନିଶ୍ଚିତ କରିଛି। ନିଷ୍କ୍ରିୟ ଏନ୍‌ପିସିଆଇ ଲିଙ୍କେଜ୍, ଇ-କେୱାଇସି ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି। ବିଭିନ୍ନ ପ୍ରଶାସନିକସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଞ୍ଚ ଏବଂ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି।

ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ। ବ୍ୟବସ୍ଥିତ ଯାଞ୍ଚ ଏବଂ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି। ସେ ପୁନର୍ବାର କହିଛନ୍ତି ଯେ ‘ସୁଭଦ୍ରା’ ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶ୍ୱାଲ, କାର୍ଯ୍ୟକାରୀ ନିର୍ଦ୍ଦେଶିକା ସ୍ୱୟଂ ପ୍ରଭା ମହାନ୍ତି, ଏବଂ ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ୩୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

## ହାଇୱାକୁ ପିଟିଲା ବୋଲେରୋ, ୫ ମୃତ

ବିବାହରେ ଯୋଗଦେଇ ଘରକୁ ଫେରୁଥିଲେ

**ଧର୍ମଶାଳା,୪।୫/ଏନ୍ଏନ୍ଏସ୍:** ଖୁସିରେ ଲାଗିଲା କଳା ନଜର। ବିବାହ ଉତ୍ସବ ସାରି ଫେରୁଥିବା ବେଳେ ଘଟିଲା ଭୟଙ୍କର ଦୁର୍ଘଟଣା। ଘରକୁ ଫେରିପାରିଲେନି ବରଯାତ୍ରୀ। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ୫୩ନଂ ଜାତୀୟ ରାଜପଥର ବରଡା ଛକରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ମୃତକ ବଡ଼ଚଣା ଥାନା ଶାସନପୁରୁଷୋତମପୁର ଗ୍ରାମର ବୋଲି ଜଣାପଡ଼ିଛି । ଗତକାଲି ବଡ଼ଚଣା ଶସନ ପୁରୁଷୋତ୍ତମପୁର ଗ୍ରାମସ୍ଥିତ ଆଦିବାସୀ ସାହିର ଡ୍ରାଇଭର୍ ସମେତ ୧୨ ଜଣ ପୁରୁଷ ଓ ମହିଳା ଏକ ବିବାହରେ ଯୋଗଦେବା ଲାଗି ଗତକାଲି ଅପରାହ୍ନରେ କେନ୍ଦୁଝରକୁ ଏକ ବୋଲେରୋରେ ଯାଇଥିଲେ । ସେଠାରୁ ବିଳମ୍ବିତ ରାତିରେ ଘରକୁ ଫେରିଥିଲ। ତେବେ ଆଜି ସକାଳ ୮ ଟା ସମୟରେ ୫୩ ନଂ ଜାତୀୟ ରାଜପଥର ବରଡା ଛକ ନିକଟରେ ବୋଲେରୋଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ହାଇୱାକୁ ପଛପଟୁ ଜୋରରେ ଧକ୍କା ଦେଇଥିଲା। ଧର୍ମଶାଳା ଅଗ୍ନିଶମ ବାହୀନୀ ଓ ସ୍ଥାନୀୟ ଲୋକମାନେ



ଆହତମାନଙ୍କୁ ଉଦ୍ଧାର କରି ବଡ଼ଚଣା ଓ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ତେବେ ଧର୍ମଶାଳା ଡାକ୍ତରକାନାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ବଡ଼ଚଣା ଡାକ୍ତରଖାନାରେ ଡାକ୍ତର ୨ ଜଣଙ୍କୁ ମୃତଘୋଷଣା କରିଥିଲେ । ମୃତକମାନଙ୍କ ମଧ୍ୟରୁ ବଡ଼ଚଣା ଶାସନ ପୁରୁଷୋତ୍ତମପୁର ଆଦିବାସୀ ସାହିର ଗୋଟିଏ ପରିବାରର ଗୀତା ପୂର୍ତ୍ତୀ ଓ କାନ୍ଦ ପୂର୍ତ୍ତୀଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସେହିସାହିର ନମିତା ନାୟକ, ବଲ୍ଲା ମୁଣ୍ଡା, ମାଳତୀ ମୁଣ୍ଡା ବୋଲି ଜଣାପଡ଼ିଛି। ଆହତମାନଙ୍କ ମଧ୍ୟରେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ସିଏମ୍ଆର୍ଏଫ୍‌ରୁ ୪ଲକ୍ଷ ଲେଖାଏଁ ସହାୟତା**

ଯାଜପୁରଠାରେ ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି (ସିଏମ୍ଆର୍ଏଫ୍)ରୁ ୪ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କ ଉତ୍ତମ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



## ମାଟ୍ରିକ ପରୀକ୍ଷାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସଫଳତା

**ଆସିକା,୪।୫/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫-୨୬ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି । ଆସିକା ବ୍ଲକ ଓ ଏନ୍ଏସି ଅଧୀନସ୍ଥ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ୧୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ସଫଳତା ପାଇଥିବା ଜଣାପଡିଛି । ଆସିକା ବ୍ଲକ ଅଧୀନସ୍ଥ ନିମିନା ସ୍ଥିତ କୃଷ୍ଣଚରଣ ବାଳିକା ହାଇସ୍କୁଲର ଶ୍ରବଣବାଧିତ ବିଦ୍ୟାର୍ଥୀ ଆଲୋକ କୁମାର ଚର୍ଚ୍ଚି, କେ.ରାଇସିଂହପୁର ସ୍ଥିତ ବାଉରିବନ୍ଧୁ ହାଇସ୍କୁଲର ଶ୍ରବଣବାଧିତ ବିଦ୍ୟାର୍ଥୀ ଇଶ୍ୱରୀ ଜେନା, ନଳବଣ୍ଟା ସ୍ଥିତ ପଞ୍ଚାୟତ ହାଇସ୍କୁଲ ଚଳନଶକ୍ତି ବାଧିତ ବିଦ୍ୟାର୍ଥୀ ସୋନମ୍ ରାଣୀ ବିଷୋୟୀ, ମଙ୍ଗଳପୁର ସ୍ଥିତ ସରକାରୀ ହାଇସ୍କୁଲର ଚଳନଶକ୍ତି ବାଧିତ ବିଦ୍ୟାର୍ଥୀ ସୋନାଲୀ ନାୟକ ଓ ଜଗନ୍ନାଥ ପ୍ରଧାନ, ବାବନପୁର ସ୍ଥିତ ଚିନିଶିଳ୍ପ ହାଇସ୍କୁଲର ସ୍ୱଳ୍ପଦୃଷ୍ଟିବାଧିତ ବିଦ୍ୟାର୍ଥୀ ଅନନ୍ତ ବାଡତ୍ୟା, ଆଲିପୁର ସ୍ଥିତ ଶ୍ରୀକ୍ଷେତ୍ର ପଞ୍ଚାୟତ ହାଇସ୍କୁଲର ବୌଦ୍ଧିକ ଅକ୍ଷମତା ବିଦ୍ୟାର୍ଥୀ ଶୁଭମ୍ ଚନ୍ଦନ ବେହେରା, ବାବନପୁର ବାଳିକା ହାଇସ୍କୁଲର ଶ୍ରବଣବାଧିକ ବିଦ୍ୟାର୍ଥୀ ପ୍ରିୟଦର୍ଶିନୀ ଗୌଡ, ପାଣ୍ଡିଆପଥର ସ୍ଥିତ ଖାରି ବାବାଜୀଦୋରା ବିଦ୍ୟାପୀଠର ବୌଦ୍ଧିକ ଅକ୍ଷମତା ବିଦ୍ୟାର୍ଥୀ ଦିବ୍ୟମ୍ ବାଡତ୍ୟା, ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବୌଦ୍ଧିକ ଅକ୍ଷମତା ବିଦ୍ୟାର୍ଥୀ ଶୁଭଶ୍ରୀ ପାଣିଗ୍ରାହୀ ପ୍ରମୁଖ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଜଣାପଡିଛି । ଆସିକା ବ୍ଲକ ଓ ଏନ୍ଏସି ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ୧୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଏବଂ ଭଂଜ ବେହେରା, ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦ ଓ ମନ୍ଦାକିନୀ ରଥ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିବା ଲକ୍ଷ୍ୟ କରାଯାଇଛି ।

### ତାଲା ବନ୍ଦ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

## ୫ ଲକ୍ଷ ସହ ପାଞ୍ଚ ତୋଳା ସୁନା ଅଳଙ୍କାର ଲୁଟିଲେ

**ରଙ୍ଗେଇଲୁଣ୍ଡା,୪।୫/ଏନ୍ଏନ୍ଏସ୍:** କିଛିଦିନର ବ୍ୟବଧାନ ପରେ ପୁଣି ଗୋଳନ୍ଥରା ଥାନା ଇଲାକାରେ ଚୋର ଦଳ ସକ୍ରିୟ ହୋଇଥିବା

### ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତନାଘନା

ଜଣାପଡିଛି । ଏକ ତାଲା ବନ୍ଦ ଘରୁ ଗ୍ରିଲ ଭାଙ୍ଗି କିଛି ଦୁର୍ବୃତ୍ତ ଘରେ ପଶି ନଗଦ ୫ ଲକ୍ଷ ଟଙ୍କା ସହ ୫ ଭରି ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଏହି ଥାନା ଅଧିନସ୍ଥ ରଣ୍ଡା ଗ୍ରାମର ରାଉଳ ସାହିର ଆନନ୍ଦ ରାଉଳ ରବିବାର ନିଜ ସପରିବାର ସହ କୀର୍ତ୍ତିପୁର ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ରାତି ଅଧୀକ ହୋଇଯିବା କାରଣରୁ ଆନନ୍ଦ ସେଠାରେ ରହି ଯାଇଥିଲେ। ଆଜି ସକାଳ ୯ଟାରେ ଆନନ୍ଦ ନିଜ ଘରକୁ ଫେରିଥିବା ବେଳେ ଗ୍ରିଲର ତାଲା ଭଙ୍ଗାଯାଇଥିବା ସହ ଭିତର କବାଟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଆଲମାରୀ ଭଙ୍ଗା ହୋଇଥିବା ସହ ଆସବାସ ପତ୍ର ଏଣେ ତେଣେ ପଡିଥିବା ଦେଖ ଆନନ୍ଦ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭାରପ୍ରାପ୍ତ ଅଧିକାରୀ ସିଲୁ ଧଳ ପୁଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତନାଘନା କରିଛନ୍ତି ।



ଆନନ୍ଦଙ୍କ ଘରେ ଥିବା ନଗଦ ୫ ଲକ୍ଷ ଟଙ୍କା, ୫ ଭରି ସୁନା ଅଳଙ୍କାର, ରୁପା ୩ ଭରି ସହ ଘରର ଦସ୍ତାବିଜ ଏବଂ ବ୍ୟାଙ୍କ ଖାତା ଇତ୍ୟାଦି ଚୋରି ହୋଇଥିବା ନେଇ ଆନନ୍ଦ ଏତଲାରେ ଦର୍ଶାଇଥିବା ଜଣାପଡିଛି । ଏନେଇ ଗୋଳନ୍ଥରା ଥାନା କେସ୍ ନଂ ୧୬୭/୨୬ ପ୍ରକାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଘର ଆଖ ପାଖରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରଖିଛି ପୁଲିସ୍। ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରାଯିବ ବୋଲି ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଧଳ ସୂଚନା ଦେଇଛନ୍ତି।

## ରେଡ୍ଡୀ ମହାଜନ ସଂଘର କୋଠଘର ଭିତ୍ତିପ୍ରସ୍ତର ସ୍ଥାପନ

**ପୁରୁଷୋତ୍ତମପୁର,୪।୫/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ତାରାତାରିଣୀ ପୀଠରେ ଗଞ୍ଜାମ ଜିଲ୍ଲା ରେଡ୍ଡୀ କୂଳ ମହାଜନ ସଙ୍ଘ ତରଫରୁ ଏକ କୋଠଘରର ଭିତ୍ତି



ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ଯୋଜନ ବୋର୍ଡ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୁରୁଷୋତ୍ତମପୁର ବ୍ଲକ ଅଧକ୍ଷା ପିଙ୍କି ବେହେରା, ଛତ୍ରପୁର ବ୍ଲକ ଉପାଧକ୍ଷା ଏସ୍. ଶାରଦା ରେଡ଼ୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମପୁର ବ୍ଲକ ଅଧକ୍ଷା ପ୍ରତିନିଧି ଜଗତବନ୍ଧୁ ପଣ୍ଡା, ରେଡ଼ୀ କୂଳର ଆସ୍କା ସଭାପତି ର଼ାଙ୍କୁ ଭାଗିରଥି ରେଡ଼ୀ ଏବଂ ସମ୍ପାଦକ କୋଟା ଗୁରୁମୂର୍ତ୍ତି ପ୍ରଧାନ(ରେଡ୍ଡୀ)ଙ୍କ ସମେତ ଆସ୍କା ଜୋନ ସାତ ଗୋଟି ତାଲୁକାର ସଭାପତି, ସମ୍ପାଦକ ଓ ବହୁ କୂଳର ସଦସ୍ୟ ଉପସ୍ଥିତ ଥିଲେ । ତାରାତାରିଣୀଙ୍କ ପୀଠରେ ସବୁ କୂଳର ସଙ୍ଘ ଘର ରହିଥିଲା ବେଳେ ରେଡ୍ଡୀ କୂଳର ସଙ୍ଘ ଘର ନଥିଲା । ଏଣୁ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକ ସହିତ ଛତ୍ରପୁର, ଗଞ୍ଜାମ ବ୍ଲକରେ ବହୁତ ରେଡ୍ଡୀ ସମ୍ପ୍ରଦାୟର ଲୋକ ରହୁଥିବାରୁ ଦୁଇ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଆର୍ଥିକ ଫଣ୍ଡରୁ ବ୍ଲକ ଜରିଆରେ ୧୦ ଲକ୍ଷ ଲେଖାଏଁ ଦେବେ ବୋଲି କହିଥିଲେ। କିନ୍ତୁ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ୧୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଆଜି ଦେଇଥିଛନ୍ତି। ଏହି ସଙ୍ଘ ଘର ଦ୍ୱାରା ଆସ୍କା ଜୋନର ୭ ତାଲୁକାର ୭୭ ଖଣ୍ଡ ଗ୍ରାମର ଲୋକମାନଙ୍କ ଭୋଜି ଭାତ, କୂଳ ବୈଠକ ସହ ବିଭିନ୍ନ ରେଡ୍ଡୀ ଲୋକଙ୍କ ବହୁତ ଉପକାର କାର୍ଯ୍ୟରେ ଲାଗିବ ବୋଲି କୁହାଯାଇଛି। ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାତଖଣ୍ଡ ତାଲୁକାର ସଭାପତି, ସମ୍ପାଦକ, ୭୭ ଖଣ୍ଡ ଗ୍ରାମର ଗ୍ରାମ୍ୟ ସଭାପତି, ସମ୍ପାଦକ ଓ ପରିଚାଳନା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଆସ୍କା ତାଲୁକାର ସଭାପତି ବି ସାରଙ୍ଗ ଧର ରେଡ଼ୀ ଓ ସମ୍ପାଦକ ଆର ସାରଙ୍ଗ ଧର ରେଡ୍ଡୀ, ଆଠଗଡ଼ ତାଲୁକାର ସଭାପତି ଏନ ଡମ୍ବରୁ ଧର ରେଡ଼ୀ ଓ ସମ୍ପାଦକ କେ ସତ୍ୟ ନାରାୟଣ ରେଡ୍ଡୀ, ପୂର୍ବଖଣ୍ଡର ସଭାପତି କେ. ଲୋକନାଥ ପ୍ରଧାନ (ରେଡ୍ଡୀ ) ଓ ସମ୍ପାଦକ ଜି. ବିଜୟ ରେଡ୍ଡୀ, ଖଲ୍ଲିକୋଟ ସଭାପତି କେ. ବିଜୟ ପ୍ରଧାନ, (ରେଡ୍ଡୀ ) ଓ ସମ୍ପାଦକ ଏ. ଗୋପାଳ ରେଡ୍ଡୀ, ବିରୁଳିର ସଭାପତି ଡି. ନରହରି ରେଡ୍ଡୀ, ସମ୍ପାଦକ ଏ. ଖଲି ରେଡ୍ଡୀ, ଗଞ୍ଜାମ ସଭାପତି ଡି. ସାଉୟା ରେଡ୍ଡୀ ଓ ସମ୍ପାଦକ ଏ. ନରସିଂହ ରେଡ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ ପରୀକ୍ଷାରେ ମା’ ରତ୍ନମାଳୀ ହାଇସ୍କୁଲ୍‌ର ଶତପ୍ରତିଶତ ସଫଳତା

**ଆସିକା,୪।୫/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆସିକା ବ୍ଲକ ଅଧୀନସ୍ଥ ହରିଡାପଦର ଗ୍ରାମ ପଞ୍ଚାୟତର ମଣ୍ଡାପଡା ଗ୍ରାମରେ ଥିବା ମା ରତ୍ନମାଳୀ ହାଇସ୍କୁଲର ବିଦ୍ୟାର୍ଥୀମାନେ

### ମନିଷା ପାଣିଗ୍ରାହୀ ସ୍କୁଲ୍ ଟପ୍ପର



ଶତପ୍ରତିଶତ ସଫଳତା ହାସଲ କରି ଅତୀତର ରେକର୍ଡ ବଜାୟ ରଖିବାରେ ସକ୍ଷମ ହୋଇଥିବା ଜଣାପଡିଛି । ଚଳିତବର୍ଷ ମା ରତ୍ନମାଳୀ ହାଇସ୍କୁଲରେ ସମୁଦାୟ ୭୧ ଜଣ ମାଟ୍ରିକ ପରୀକ୍ଷାର୍ଥୀ ମଧ୍ୟରୁ ଏ-ଟୁ ଗ୍ରେଡ୍‌ରେ ୩ ଜଣ, ବି-ୱାନ୍ ଗ୍ରେଡ୍‌ରେ ୧୦ ଜଣ, ବି-ଟୁ ଗ୍ରେଡ୍‌ରେ ୧୬ ଜଣ, ସି-ଗ୍ରେଡ୍‌ରେ ୧୭ ଜଣ ଓ ଡି- ଗ୍ରେଡ୍‌ରେ ୧୯ ଜଣ, ଇ-ଗ୍ରେଡରେ ୬ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ମା ରତ୍ନମାଳୀ ହାଇସ୍କୁଲର ମେଧାବୀ ବିଦ୍ୟାର୍ଥୀ ମନିଷା ପାଣିଗ୍ରାହୀ ୫୨୬ ମାର୍କ ରଖି ଏ-୨ ଗ୍ରେଡ୍ ହାସଲ କରି ନିଜ ବିଦ୍ୟାଳୟ ସ୍ତରରେ ସ୍କୁଲ ଟପର ହୋଇଥିବା ଜଣାପଡିଛି । ମା ରତ୍ନମାଳୀ ହାଇସ୍କୁଲର ପରୀକ୍ଷାର୍ଥୀ ମାନଙ୍କ ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ତାରାପ୍ରସାଦ ମିଶ୍ର, ସହକାରୀ ଶିକ୍ଷକ ବି.ଚନ୍ଦ୍ରଶେଖର ରେଡି, ଗୋବିନ୍ଦ ପରିଡା, ରଶ୍ମିତା ମହାପାତ୍ର, ପାଣ୍ଡବେଶ୍ୱର ଜେନା, ଶଶୀଭୂଷଣ ସାହୁ, ପାଣ୍ଡବ ଗୌଡ, କର୍ମଚାରୀ ମହନ୍ତର ସାହୁ, ବୁଲୁ ସେଠୀ, ଶନି ଜେନା ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ସମସ୍ତ ବିଦ୍ୟାର୍ଥୀଙ୍କ ସଫଳ ଓ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ମା ରତ୍ନମାଳୀ ହାଇସ୍କୁଲର ବିଦ୍ୟାର୍ଥୀ ମାନେ ଅଭୁତପୂର୍ବ ଶତ ପ୍ରତିଶତ ସଫଳତା ହାସଲ କରି ଅତୀତର ରେକର୍ଡକୁ ବଳବତ୍ତର ରଖିଥିବା ଜଣାପଡିଛି । ଶିକ୍ଷାନୁଷ୍ଠାନର ଟପ୍ପର ମେଧାବୀ ଛାତ୍ରୀ ମନିଷା ପାଣିଗ୍ରାହୀ ଏହି ସଫଳତାର ଶ୍ରେୟ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ତାରାପ୍ରସାଦ ମିଶ୍ରଙ୍କ ସମେତ ନିଜ ପରିବାରବର୍ଗ ଓ ଶୁଭେଚ୍ଛୁଙ୍କୁ ପ୍ରଦାନ କରିଛନ୍ତି। ମା ରତ୍ନମାଳୀ ହାଇସ୍କୁଲର ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ସାଙ୍ଗକୁ ବିଦ୍ୟାର୍ଥୀ ମାନଙ୍କ କଠିନ ପରିଶ୍ରମ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ଅଭିଭାବକମାନେ କହିଛନ୍ତି। ଟପ୍ପର ହୋଇଥିବା ପ୍ରତିଭାବାନ୍ ଛାତ୍ରୀ ମନିଷା ପାଣିଗ୍ରାହୀ ହରିଡାପଦର ଗ୍ରାମର ସମାଜସେବୀ ପର୍ଶୁରାମ ପାଣିଗ୍ରାହୀ ଓ ତାଙ୍କ ସହଧର୍ମିଣୀ ବବିତା ପାଣିଗ୍ରାହୀଙ୍କ ସୁକନ୍ୟା ଅଟନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପାଲଟିଛି ମୁକ୍ତାକାଶ ପରିସ୍ରାଗାର, ପାଚେରି ନିର୍ମାଣ ଦାବି



**ବୁଗୁଡ଼ା,୪।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ପାଲଟିଛି ମୁକ୍ତାକାଶ ପରିସ୍ରାଗାର। ମେଡିକାଲ ପାଚେରୀଟି ଭାଙ୍ଗି ଦିଆଯିବା ଫଳରେ ଲୋକେ ବିନାଦ୍ୱିଧାରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟର କାନ୍ଥରେ ପ୍ରତିଦିନ ପରିସ୍ରା କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖସ୍ଥ ରାସ୍ତାକଡରେ କିଛି ଅଟୋ ଧାଡିବାନ୍ଧି ରହୁଥିବାରୁ ସେଗୁଡିକର ପଛପଟେ କାର୍ଯ୍ୟାଳୟ କାନ୍ଥରେ ପରିସ୍ରା କରିବା ପାଇଁ ଲୋକଙ୍କୁ ସୁବିଧା ହେଉଛି। ଆଖ ପାଖରେ ଶୌଚାଳୟ ନଥିବାରୁ ଲୋକଙ୍କୁ ଯେତେ ବାରଣ କଲେ ମଧ୍ୟ କୋଣସି ସୁଫଳ ମିଳୁନାହିଁ। ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଲୋକେ ପରିସ୍ରା କରିବା ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଦୁର୍ଗନ୍ଧରେ ଫାଟି ପଡୁଛି ଏବଂ କର୍ମଚାରୀମାନେ ମେଡିକାଲ ଝରକା ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି । ଏହା ଛଡା ମେଡିକାଲ ପାଚେରୀ ନଥିବାରୁ ଗାଈ ଗୋରୁ ଆଦି ଅବାଧରେ ପ୍ରବେଶ କରିବା ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏଭଳି ପରିସ୍ଥିତିର ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପୂର୍ବରୁ ଥିବା ପାଚେରୀର ପୁନର୍ବାର ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଉଦ୍ୟମ କରିବା ବିଧେୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଷ୍ଟାର୍ ଲାଇଟ୍ସ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା




**ବ୍ରହ୍ମପୁର,୪।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଗଞ୍ଜାମ କଳା ପରିଷଦଠାରେ ଷ୍ଟାର୍ ଲାଇଟ୍ସ ଡ୍ୟାନ୍ ଷ୍ଟଡିଓ ପକ୍ଷରୁ ହୁନୋର୍ କିଡ୍ସ ସିଜନ୍ ୪– ନାମରେ ଜିଲ୍ଲା ସ୍ତରୀୟ ନୃତ୍ୟ ପ୍ରତିଯୋଗୀତା ସହ ହୁନୋର୍ ଶିଶୁ କଳାକାର ସମ୍ମାନ-୨୦୨୬ ନୃତ୍ୟ ଗୁରୁ ତଥା ଷ୍ଟୁଡ଼ିଓ ନିର୍ଦ୍ଦେଶକ କେ .ଦିଲୀପ ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ରୂପେ ଶିଶୁ ପବ୍ଲିକ ସ୍କୁଲ ଅଧକ୍ଷା ସମଲେଇ ମହାରଣା, ଖ୍ୟାତନାମା ନୃତ୍ୟ ଗୁରୁ କ୍ରିଷ୍ଣା ରେଡ୍ଡୀ ଓ ବରିଷ୍ଠ ସାମ୍ବାଦିକ ତଥା କଣ୍ଠ ଶିଳ୍ପୀ ସୁଦୀପ କୁମାର୍ ସାହୁ ପ୍ରମୁଖ ଯୋଗ ଦେଇ ଥିଲେ । ବିଚାରକ ରୂପେ ପୂର୍ଣ୍ଣଚନ୍ଦ୍ର ଦାସ ଉପସ୍ଥିତ ଥିବା ବେଳେ ଶିବାନନ୍ଦ ଓ ସୁନନ୍ଦା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ସ୍ନିଗ୍ଧା ରାଣୀ, ଶ୍ରୀଲତା,ସୌମ୍ୟାରାଣୀ, ବରୁଣ ,ପଞ୍ଚାନନ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ନୃତ୍ୟ ଓ କୌତୁକ ପୋଷାକର କୃତି ପ୍ରତିଯୋଗୀମାନକୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରଜକ ସମାଜ ଆସିକା ମୁଠାର ତୃତୀୟ ବାର୍ଷିକ ଉତ୍ସବ

**ଆସିକା,୪।୫/ଏନ୍ଏନ୍ଏସ୍:** ଜିଲ୍ଲାର ଅନ୍ୟତମ ସର୍ବବୃହତ୍ତ ଜାତିଭିତ୍ତିକ ସଂଗଠନ ରଜକ ସମାଜ ଆସିକା ମୁଠାର ତୃତୀୟ ବାର୍ଷିକ ଉତ୍ସବ ଏବଂ ସାଧାରଣ ବୈଠକ ସ୍ଥାନୀୟ ହାଟପଦା ସ୍ଥିତ ମା ଶ୍ୟାମାକାଳୀ କାଳୀମୁଖୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରଜକ ସମାଜ ଆସିକା ମୁଠାର ସଭାପତି ପ୍ରଭାକର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଜକ ସମାଜ ଖାଲସା ‘ଖ’ ତାଲୁକାର ସଭାପତି ସତ୍ୟନାରାୟଣ ସେଠୀ, ସଂପାଦକ ସନ୍ତୋଷ କୁମାର ବେହେରା, ଦେବଭୂମୀ ରଜକ ମୁଠା ସଭାପତି ସତ୍ୟନାରାୟଣ ସେଠୀ ଓ ସଂପାଦକ ସନ୍ତୋଷ କୁମାର ବେହେରା, କାଳଷଣ୍ଢପୁର ରଜକ ମୁଠା ସଭାପତି ଅଜୟ କୁମାର ସେଠୀ ଓ ସଂପାଦକ ଜୟନ୍ତ ସେଠୀ, କୁରୁଳା ରଜକ ମୁଠା ସଭାପତି ଶିବ କୁମାର ସେଠୀ ଓ ସଂପାଦକ ରୋହିତ କମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ରଜକ ସମାଜର ସଂଗଠନକୁ ସୁଦୃଢ କରିବା ପାଇଁ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ବୋଲି



ମତବ୍ୟକ୍ତ କରିଥିଲେ। ରଜକ ସମାଜର ଛାତ୍ରଛାତ୍ରୀ ତଥା ରଜକ ସମ୍ପ୍ରଦାୟର ସାମାଜିକ, ଆର୍ଥିକ, ଶିକ୍ଷା, ମହିଳା ସଶକ୍ତିକରଣ, ଅଧାରୁ ପାଠ ଛାଡୁଥିବା ପିଲାଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା କରିବା, ଉଚ୍ଚ ଶିକ୍ଷା ପାଇଁ ପ୍ରୋତ୍ସାହନ ଦେବା ଆଦି ଦିଗରେ କାର୍ଯ୍ୟକରିବା, ରଜକ ସମାଜର ପ୍ରତ୍ୟେକ ସଭ୍ୟମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟନିଷ୍ଠା, ଯୁଗପୋଯୋଗୀ ବିବାହ ବ୍ୟବସ୍ଥାର ସଂଜ୍ଞା ନିରୂପଣ, ରଜକ ସମାଜର ସାଙ୍ଗଠନିକ ଶକ୍ତି ଅଭିବୃଦ୍ଧି, ସାମାଜିକ ସଂସ୍କାରରେ ରଜକ ସମାଜ ସଂପ୍ରଦାୟର ଯୁବ ସମାଜର ଦାୟିତ୍ୱ, କର୍ତ୍ତବ୍ୟ ଓ ଭୂମିକା, ବୃଦ୍ଧ ବୃଦ୍ଧାଙ୍କର ଥଇଥାନ, ଆର୍ଥିକ ଅନଗ୍ରସର ପୁତ୍ର କନ୍ୟାଙ୍କର ଥଇଥାନ, ମହିଳା ସଂଗଠନର ଆବଶ୍ୟକତା ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରଜକ ସମାଜ ସାମାଜିକ ସଂଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ରଜକ ସମାଜ ଆସିକା ମୁଠାର ସଭାପତି ରୂପେ ପ୍ରଭାକର ବେହେରା, ଉପସଭାପତି ରୂପେ ମୁନା ବେହେରା, ସଂପାଦକ ରୂପେ ସନ୍ତୋଷ କୁମାର ବେହେରା, କୋଷାଧ୍ୟକ୍ଷ ରୂପେ କାଳୀଚରଣ ବେହେରା, ମୁଠା ବେହେରା ରୂପେ ଗଙ୍ଗାଧର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । ବୈଠକରେ ସଂଘର କାର୍ଯ୍ୟକର୍ତ୍ତା ଭଞ୍ଜ ବେହେରା, ଦେବେନ୍ଦ୍ର ବେହେରା, ଟୁନା ବେହେରା, ଅମର ବେହେରା, ରବିନ୍ଦ୍ରନାଥ ବେହେରା, ମହେଶ୍ୱର ବେହେରା, ଗଜେନ୍ଦ୍ର ବେହେରା, ମୁନା ବେହେରା, ବାବୁ ବେହେରା, କାଳୀଚରଣ ବେହେରା, ଟୁଟୁ ବେହେରା, ସୂର୍ଯ୍ୟନାରାୟଣ ବେହେରା, ଜନାର୍ଦ୍ଦନ ବେହେରା, ରାଜେନ୍ଦ୍ର ବେହେରା, ରାଜୁ ସେଠୀ, ସତ୍ୟ ସେଠୀ, ଯୁଧିଷ୍ଠିର ବେହେରା, ଶ୍ୟାମ ବେହେରା, ଦଣ୍ଡପାଣି ବେହେରା, ହାଡୁବନ୍ଧୁ ବେହେରା, ଭିକାରୀ ବେହେରା, ନିରଞ୍ଜନ ବେହେରାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

## ଜଙ୍ଗଲରୁ ୭ ଦେଶୀ ବନ୍ଧୁକ ଜବତ



**ବାଲିଗୁଡ଼ା,୪।୫/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ଥାନା ଅଞ୍ଚଳରୁ ପୋଲିସ ୭ଟି ଦେଶୀ ବନ୍ଧୁକ ଜବତ କରିଛି। ଏନେଇ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭମ ଭୋସଲେ ସୋମବାର ସୂଚନା ଦେଇଛନ୍ତି ଯେ, ତୁମୁଡ଼ିବନ୍ଧ ଅଞ୍ଚଳର ଜଙ୍ଗଲ ମଧ୍ୟରୁ ପ୍ରଥମେ ୩ଟି ଦେଶୀ ବନ୍ଧୁକ ମିଳିଥିଲା। ପରେ ପୁଲିସ ଦଳ ନିକଟସ୍ଥ ଘରଗୁଡ଼ିକୁ ତଲାସି କରିବା ସମୟରେ ଆଉ ୪ଟି ବନ୍ଧୁକ ଜବତ କରିଥିଲେ। ଏଭଳି ମୋଟ ୭ଟି ଦେଶୀ ବନ୍ଧୁକ ଜବତ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି ହୋଇଥିବା ବେଳେ, ଏହା ପଛରେ କିଏ ଜଡିତ ଅଛନ୍ତି ଓ କେଉଁ ଉଦ୍ଦେଶ୍ୟରେ ଏହି ବନ୍ଧୁକ ଗୁଡ଼ିକ ରଖାଯାଇଥିଲା ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

ନିତିଦିନ NITIDIN



## ମାଗଣା ସ୍ୱାସ୍ଥ୍ୟସେବା ଶିବିର ଉଦ୍‌ଘାଟିତ



**ରାଜକନିକା,୪।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା କିମ୍‌ସ ହସ୍ପିଟାଲ୍‌ରେ କାର୍ଯ୍ୟରତ ଅସ୍ଥିଶଲ୍ୟ ବିଭାଗର ସୁନାମଧନ୍ୟ ଡାକ୍ତର ଜିତେନ୍ଦ୍ର କୁମାର ରାଉତଙ୍କ ଜନ୍ମଦିନ ଉପଲକ୍ଷେ ରବିବାର ତାଙ୍କ ନିଜ ଜନ୍ମ ମାଟିରେ 'ଓଡିଶା ଟିମ ହ୍ୟୁମାନିଟି' ପକ୍ଷରୁ ରାଜକନିକା ବ୍ଲକ କୋଇଲିପୁର ପଞ୍ଚାୟତ ନରେନ୍ଦ୍ର ଗୁଞ୍ଜାରୀ ବିଦ୍ୟପୀଠ, ଘର ଭଞ୍ଜାକୋଲ୍ଲା ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ କନିକା ତହସିଲଦାର ଭାନୁମତୀ ମାଝୀ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲା ବେଳେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଜିତେନ୍ଦ୍ର କୁମାର ରାଉତ, ମେଡିସିନ୍ ବିଭାଗର ପ୍ରଫେସର ରବିନାରାୟଣ ରାଉତ ଓ ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଅଶୋକ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଏହି ଶିବିରରେ ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ମାଗଣା ଔଷଧ ବଣ୍ଟନ କରିଥିଲେ। ତେବେ ଡାକ୍ତର ଶ୍ରୀଯୁକ୍ତ ରାଉତ ତାଙ୍କର ୪୯ ତମ ଜନ୍ମଦିନରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ମାଧ୍ୟମରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ସେବା କରିବା ସହିତ ମାଗଣା ଔଷଧ ବିତରଣ କରି ଆଶୀର୍ବାଦ ନେବା ସହିତ ଜନ୍ମଦିନ ପାଳିଥିବା କହିଛନ୍ତି। ତେବେ ଏହି ଶିବିରରେ 'ଓଡିଶା ଟିମ ହ୍ୟୁମାନିଟି' ର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମେ ୮ରେ ବାସୁଦେବ ମଠରେ ପ୍ରତିଷ୍ଠା ଉତ୍ସବ

**ଧର୍ମଶାଳା,୪।୫/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ କଲଣ ପଞ୍ଚାୟତ ଅନ୍ତର୍ଗତ ଶୁଳିଆ ଗ୍ରାମରେ ମେ, ୮ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପି ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠା ତତ୍ ସହିତ ବାସୁଦେବ ମଠର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ। ଏହି ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ମୁଖ୍ୟ ଉଦ୍ୟକ୍ତା ଶ୍ରୀ କ୍ରିଷ୍ଣ ଅନୁଗାମୀ ପୂର୍ଣ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ଶୁଳିଆ ଗ୍ରାମର ଶ୍ରଦ୍ଧାଳୁ ଭକ୍ତବୃନ୍ଦଙ୍କ ଗହଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମରେ ବିଗ୍ରହ ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବର କିପରି ସରସ, ସୁନ୍ଦର, ଶୃଙ୍ଖଳା, ଆକର୍ଷଣୀୟ କରିବା ପାଇଁ ବୈଠକରେ ଆଲୋଚନା କରାଯାଇ ପ୍ରତିଷ୍ଠା ଦିବସର କାର୍ଯ୍ୟସୂଚି ସ୍ଥିରୀକୃତ କରାଯାଇଥିଲା। ଆସନ୍ତା ତା ୮/୫ ରିଖ ଶୁକ୍ରବାର ଅଧିବାସ ଅଙ୍କୁରା ରୋପଣ ତଥା ବ୍ରାହ୍ମଣୀ ନଦୀରୁ ପୂର୍ଣକଳସ ଆବାହନ କରାଯାଇ ସଂକୀର୍ତ୍ତନ ମଣ୍ଡଳୀ ସହ ଭକ୍ତ ମାନଙ୍କ ଗହଣରେ କଳସ ଯାତ୍ରା ଗ୍ରାମ ପରିକ୍ରମା କରାଯିବା ସହିତ ତା ୯/୫ ରିଖ ଶନିବାର ରୁଦ୍ରାମହାଯଜ୍ଞ ଓ ଆନ୍ନାଧୀବାସ କରାଯାଇ ୧୦/୫ ରିଖ ରବିବାର ଶ୍ରୀ ସୂର୍ଯ୍ୟ ନାରାୟଣ ପୂଜା, ଗୁରୁପୂଜା, ଗୋମାତା ପୂଜା,ଜୀବନ୍ୟାସ, ପାର୍ଶ୍ୱଧ୍ୱଜ ସ୍ଥାପନ କରାଯାଇ ଶ୍ରୀ ବିଗ୍ରହ ମାନଙ୍କ ସ୍ନାନ ପ୍ରତିଷ୍ଠା ଓ ଗୀତାଯଜ୍ଞ ଅନୁଷ୍ଠିତ ହେବାର ବ୍ୟବସ୍ଥା ରହିଛି । ପରେ ପରେ ତା ୧୧/୫ ରିଖ ସୋମବାର ଅନ୍ତିମ ଦିବସରେ ଅହରାତ୍ର ହରିନାମ ସଂକୀର୍ତ୍ତନ ସହ ଶ୍ରୀ ବିଗ୍ରହ ମାନଙ୍କର ରତ୍ନ ସିଂହାସନ ଆରୋହଣ କରାଯାଇ ଏହି ପ୍ରତିଷ୍ଠା ଉତ୍ସବରେ ପୁରୋହିତ ମାନଙ୍କ ଦ୍ୱାରା ୧୦୮ ଘୃତ୍ୟ ଆହୁତି ପ୍ରଦାନ କରାଯାଇ ପୂର୍ଣ୍ଣାହୁତି କରାଯିବାର ସ୍ଥିର ହୋଇଛି। କର୍ତ୍ତା ଭାବେ ପୂର୍ଣ୍ଣ ଚନ୍ଦ୍ର ସାହୁ ଦାୟିତ୍ୱ ନିର୍ବାହ କରିବେ ବୋଲି ସ୍ଥିରୀକୃତ ହୋଇଛି। ଏହି ପ୍ରତିଷ୍ଠା ଦିବସରେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକର୍ମ ରହିଛି। ତାହା ସହିତ ପଡୋଶୀ ଗ୍ରାମ କଲଣ, ନୂଆହାଟ, କୁସୁନୁପୁର, ବିଶ୍ୱନାଥ ପୁର,କୁସ୍ତିରା, ସିଂହପୁର, ସରବଣା ଏହିପରି ବହୁ ଗ୍ରାମର ହଜାର ହଜାର ସଂଖ୍ୟର ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଯୋଗଦାନ କରିବାର ଦୃଷ୍ଟିରେ ରଖି ସମସ୍ତଙ୍କ ପାଇଁ ୪ ଦୀନ ବ୍ୟାପି ପ୍ରସାଦ ସେବନ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ତାହାସହିତ ପ୍ରତ୍ୟେକ ଦୀନ ସନ୍ଧ୍ୟାରେ ଭଜନ, ନଦିଆ ସଂକୀର୍ତ୍ତନ ତଥା ଇସ୍କର୍ନ ପଣ୍ଡିତ ମାନଙ୍କ ଦ୍ୱାରା ଶ୍ରୀ ରାଧାକୃଷ୍ଣଙ୍କ ଦିବ୍ୟବାଣୀ ଗୀତାଗ୍ରନ୍ଥ ପଠନ ପ୍ରବଚନ କାର୍ଯ୍ୟକର୍ମର ବ୍ୟବସ୍ଥା ରହିଛି। ଉକ୍ତ ପ୍ରତିଷ୍ଠା ଉତ୍ସବରେ ଶୁଳିଆ କଲଣ ତଥା ସମସ୍ତ ପଡୋଶୀ ଗ୍ରାମର ଗ୍ରାମବାସୀ ଯୋଗଦାନ ପୂର୍ବକ ସହଯୋଗ ସହ ପ୍ରଭୁ କୃପା ଲାଭ କରିବା ହେବେ ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ଜଗତସିଂହପୁର,୪।୫/ଏନ୍‌ଏନ୍‌ଏସ୍:** ଆଜି ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ୩୮ଟି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୦ଗୋଟି ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍‌କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୩ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୪ଟି, ପୁଲିସ୍ ସହାୟତା ପାଇବା ପାଇଁ ୨ଟି, ପେନ୍‌ସନ୍ ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ହେଲେ ସେଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରଘୁନାଥପୁର ରାଜଲକ୍ଷ୍ମୀ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୁଆଖିଆ,୪।୫/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ରସୁଲପୁର ଗ୍ରାମରେ ଥିବା ବନଦୁର୍ଗା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସିଆର୍‌ସିସି ଦେବକୀ ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେରସୁଲପୁର ବିଇଓ ସୁଦର୍ଶନ ମଲ୍ଲିକ, ମୁଖ୍ୟ ବକ୍ତାଭାବେ ସୁକାନ୍ତ କୁମାର ବେହେରା,ସମ୍ମାନିତ ଅତିଥି ଭାବେ ବିକ୍ରମ କୁମାର ଦାସ, ବରିଷ୍ଠ କର୍ମକର୍ତ୍ତା ଗଗନ ବିହାରୀ ଜେନା, ଜିଲ୍ଲା ସମ୍ପାଦକ ଡଃ ଦୟାନିଧି ଦାସ, ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ମଳୟ କୁମାର ନାୟକ, ବିଜୟ କୁମାର ଭଦ୍ର, ଚନ୍ଦ୍ରକାନ୍ତ ରଥ, ରାଜେନ୍ଦ୍ର ନାରାୟଣ ସାହୁ, ପ୍ରଦୀପ କୁମାର ସାମଲ, ଯୋଗଦେଇ ଅରୁଣ ସାର୍‌ଙ୍କ ଛାତ୍ର ବତ୍ସଳତା, ଉଚ୍ଚ କୋଟିର ଶିକ୍ଷାଦାନ ପ୍ରଣାଳୀ, ପରୋପକାରୀ ଗୁଣ ଉପରେ କହିଥିଲେ। ସ୍କୁଲ୍ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଇନ ମଲିକ ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲର ପୁରାତନ ଛାତ୍ରଛାତ୍ରୀ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଅରୁଣ ସାର ଓ ତାଙ୍କ ସହଧର୍ମିଣୀଙ୍କୁ ଉତ୍ସାହିତ ସମ୍ବର୍ଦ୍ଧନା ଦେଇ ବାଜା ବାଣ ଫୁଟାଇ ବନଦୁର୍ଗା ସ୍କୁଲ୍‌ରୁ ଅବସର ସମ୍ବର୍ଦ୍ଧନା, ସମ୍ମାନ ଜଣାଇସ୍କୁଲତାଙ୍କ ଗ୍ରାମ ଚଣ୍ଡୀପୁର ଯାଏ ବିରାଟ ପଟୁଆରରେ ନେଇଯାଇଥିଲେ। ଉତ୍ସବରେ ଶିକ୍ଷକ ଦୀପ ସୁନ୍ଦର ପୃଷ୍ଟି, ମହେନ୍ଦ୍ର ମଲିକ, ଧୀରେନ୍ଦ୍ର ସାହୁ, ଶ୍ରୀକାନ୍ତ ରଥ, ମୋ-ସ୍କୁଲ ଅଭିଯାନ ସଭାପତି, ପୁରାତନ ଛାତ୍ରୀଛାତ୍ର, ରସୁଲପୁର ସ୍କୁଲ କମିଟି ପ୍ରମୁଖଙ୍କ ସହ ଗ୍ରାମର ଛାତ୍ର, ଅଭିଭାବକ ମିଶିକି ସମ୍ବର୍ଦ୍ଧନା ପରିଚାଳନା କରିଥିଲେ।

### ଏନ୍‌ଆର୍‌ଏଲ୍ ସୁରକ୍ଷାକର୍ମୀଙ୍କ ଦାଦାଗିରି

# ସିକ୍ୟୁରିଟି ଗାର୍ଡ ଓ ଗୋ-ପାଳକ ମୁହାଁମୁହିଁ

**ପାରାଦୀପ,୪।୫/ଏନ୍‌ଏନ୍‌ଏସ୍:** ପାରାଦୀପ ଷଣ୍ଢକୁଦ ଏନ୍‌ଆର୍‌ଏଲ୍ ଫାଟକ ନିକଟରେ ଉତ୍ତେଜନା। ସିକ୍ୟୁରିଟି ଗାର୍ଡ ଓ ସ୍ଥାନୀୟ ଗୋ-ପାଳକଙ୍କ ମଧ୍ୟରେ ମୁହାଁମୁହିଁ। ମଇଁଷି ଚରିବାକୁ ଯାଉଥିବା ସମୟରେ ମଇଁଷିଙ୍କୁ ବାଟ ଛାଡିଲେନି ଏନ୍‌ଆର୍‌ଏଲ୍ କମ୍ପାନୀର ସିକ୍ୟୁରିଟି ଗାର୍ଡ। ଓଲଟା ମଇଁଷିଙ୍କୁ ମାଡ଼ ମରି ଜଖମ

### ମଇଁଷି ଚରାଇବାକୁ ଛାଡ଼ିଲେନି

କରିଲେ ତାଙ୍କୁ ବିରୋଧ କରିବାରୁ ଦୁଇଜଣ ଗୋ-ପାଳକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ରାଧାକୃଷ୍ଣ ଗୋରସ ସମିତିର ସଭାପତି ଗଦାଧର ଦାସ, ନିତ୍ୟାନନ୍ଦ ବେହେରା, ପାରିଷଦ ନବ କୁମାର ବେହେରା, ବିଧାନ ସାମନ୍ତ ପ୍ରମୁଖ ପହଞ୍ଚି ଆଲୋଚନା କରିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା। ପ୍ରକାଶ, ଷଣ୍ଢକୁଦ ବସ୍ତି ନିକଟରେ ନିର୍ମାଣ ହୋଇଛି ଏନ୍‌ଆର୍‌ଏଲ୍ କମ୍ପାନୀର ଅଶୋଧିତ ତୈଳ ଭଣ୍ଡାର। ନିର୍ମାଣ କାର୍ଯ୍ୟ ଆରମ୍ଭ ସମୟରେ ସ୍ଥାନୀୟ ଲୋକଙ୍କ ସମସ୍ତ ସମସ୍ୟା ସମାଧାନ



କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପାଣି ନିଷ୍କାସନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଳନ କରିନାହିଁ କମ୍ପାନୀ। ଆଲୋଚନା ମାଧ୍ୟମରେ ଏନ୍‌ଆର୍‌ଏଲ୍ ଅଧିକାରୀ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ଦେଇଥିବା ପ୍ରତିଶ୍ରୁତି କିଛି ବି ପାଳନ କରି ନ ଥିବା ସ୍ଥାନୀୟଲୋକ ଅଭିଯୋଗ ଆଣିଥିବା ବେଳେ ସ୍ଥାନୀୟଲୋକଙ୍କ ଗାଇ, ମଇଁଷି ଚରିବା ପାଇଁ କମ୍ପାନୀ ପାର୍ଶ୍ୱରେ ଏକ ରାସ୍ତା ଦେଇ ଯାଇଥାନ୍ତି। ଆଜି ସକାଳୁ ମଇଁଷି ଗୋଚର ଜମିକୁ ଚରିବାକୁ ଯାଉଥିବା ସମୟରେ ହଠାତ କମ୍ପାନୀର ସିକ୍ୟୁରିଟିମାନେ ଲାଠି ଧରି ଆସି ମଇଁଷିଗୁଡିକୁ ବାଡେଇବା ସହିତ ରାସ୍ତା ଛାଡି ନ ଥିଲେ। ଯାହାକୁ ନେଇ ପ୍ରତିବାଦ କରିଥିଲେ ମଇଁଷି ନେଇ ଯାଉଥିବା ଗୋ-ପାଳକ। ଯାହା ଫଳରେ କିଛି ସମୟ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ ହଠାତ ସିକ୍ୟୁରିଟିମାନେ ଦୁଇଜଣ ଗୋ-ପାଳକଙ୍କୁ ୨ ପାହାର ପକାଇଥିଲେ। ଯାହାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ କମ୍ପାନୀ ସିକ୍ୟୁରିଟି ଓଲଟା ମାଡ଼ମାରି ଭିଡିଓ କରୁଥିବା ସମୟରେ ରାଧାକୃଷ୍ଣ ଗୋରସ ସମିତିର ସଭାପତି ଗଦାଧର ଦାସ, ନିତ୍ୟାନନ୍ଦ ବେହେରା ପ୍ରମୁଖ ପହଞ୍ଚି ସିକ୍ୟୁରିଟିମାନଙ୍କୁ ପଚାରିବାରୁ ଆମ ଅଫିସର ମନା କରିଛନ୍ତି, ମଇଁଷି ଛଡ଼ାଯିବ ନାହିଁ, ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିବା ବେଳେ ୧୯ ନମ୍ବର ପାରିଷଦ ନବକୁମାର ବେହେରା ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ମଇଁଷି ଛାଡ଼ିଥିଲେ। ଯାହା ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା। ଗୋଚର ଜମିକୁ ଗାଇ, ମଇଁଷି ଚରିବାକୁ ଯିବାବେଳେ କମ୍ପାନୀ ସିକ୍ୟୁରିଟି ଅଟକାଇବାକୁ କିଏ ବୋଲି ପ୍ରଶ୍ନ କରିବାରୁ ଆମର ଗଛ ଲାଗିଛି ତାକୁ ଗାଇ ମଇଁଷି ଖାଇଯାଉଛନ୍ତି ସେଥିପାଇଁ ଆଉ ମଇଁଷି ନ ଛାଡିବାକୁ କମ୍ପାନୀ ଅଧିକାରୀ କହିଛନ୍ତି ବୋଲି ସିକ୍ୟୁରିଟି କହିଥିଲେ। ଘଟଣାକୁ ନେଇ ଏନ୍‌ଆର୍‌ଏଲ୍‌ର ଉପରିସ୍ଥ ଅଧିକାରୀ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ନେଇ କହିଥିଲେ ପାରିଷଦ ନବ କୁମାର ବେହେରା।

### ପ୍ରଶାସନର ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର କଲେ ଦୁଷ୍ମନ୍ତ

## ଉପଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର

**କେନ୍ଦ୍ରାପଡ଼ା,୪।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍‌ର ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତିରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବିକରି ଆଳି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଚଳାଇଥିବା ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ପ୍ରଶାସନ ନିକଟରୁ ପ୍ରତିଶ୍ରୁତି ପାଇବା ପରେ ରବିବାର ତାଙ୍କ ଅନଶନକୁ ପ୍ରତ୍ୟାହାର କରିନେଇଛନ୍ତି। ଆଳି ତହସିଲଦାର ଅନଶନସ୍ଥଳରେ ପହଞ୍ଚି ଏକ ଲିଖିତ ପ୍ରତିଶ୍ରୁତି ଦେବାପରେ ଦୁଷ୍ମନ୍ତ ଅନଶନକୁ ପ୍ରତ୍ୟାହାର କରିନେଇଥିଲେ। ପ୍ରଶାସନ ଦୁର୍ନୀତିକୁ ଚପାଇ ରଖି ଦୁର୍ନୀତି କରିଥିବାକର୍ମୀଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ପ୍ରତିବାଦରେ ଅପ୍ରେଲ ମାସ ୨୦ତାରିଖ ଠାରୁ ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟ କରିଥିବା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପ୍ରଥମେ ଧାରଣା ଦେଇଥିବା ଦୁଷ୍ମନ୍ତ ଅପ୍ରେଲ ମାସ ୨୭ତାରିଖ ଠାରୁ ଆଳି ସିଡିପିଓଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସି



ରହିଥିଲେ। ତାଙ୍କ ଦାବି ପୂରଣ କରାନଗଲେ ଅନଶନ ସ୍ଥଳରେ ମଇମାସ ୬ ତାରିଖ ବୁଧବାର ଦିନ ସକାଳ ୧୦ ଘଟିକା ସମୟରେ ଆଳି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମଦାହ କରିବାକୁ ବାଧ ହେବେ ବୋଲି ପ୍ରଶାସନକୁ ଦୁଷ୍ମନ୍ତ ଚେତାବନୀ ଦେଇଥିଲେ। ଏହା ଜାଣିବା ପରେ ଜିଲ୍ଲାପାଳ ଏକ ଉଚ୍ଚସ୍ତରୀୟ ବୈଠକରେ ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଏସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ସେହି ଅନୁଯାୟୀ ଆଳି ତହସିଲଦାର ଅନଶନସ୍ଥଳରେ ପହଞ୍ଚି ଦୁଷ୍ମନ୍ତଙ୍କୁ ଏକ ଲିଖିତ ପ୍ରତିଶ୍ରୁତି ଦେଇ ଉପଜିଲ୍ଲାପାଳଙ୍କୁ ସୋମବାର ତାଙ୍କ କାର୍ଯ୍ୟାଳୟରେ ଭେଟିବାକୁ କହିଥିଲେ। ତେଣୁ ଦୁଷ୍ମନ୍ତ ତାଙ୍କ ଅନଶନକୁ ପ୍ରତ୍ୟାହାର କରିନେଇଥିଲେ। ଆଜି ଦୁଷ୍ମନ୍ତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସମସ୍ତ ତଥ୍ୟପ୍ରମାଣ ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ ଡେପୁଟୀ କଲେକ୍ଟରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ସେହି କମିଟି ଏହି ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୋଗକାରୀ ଦୁଷ୍ମନ୍ତ କହିଛନ୍ତି ଯେ ଏକମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେ ପୁନର୍ବାର ଅନଶନରେ କରିବେ।

## ଏସ୍‌ଏନ୍ କଲେଜ୍ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଜକନିକା,୪।୫/ଏନ୍‌ଏନ୍‌ଏସ୍:** ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଯୁକ୍ତ ୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସ୍ମୃତି ସ୍ପନ୍ଦନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱ ଓ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ସଞ୍ଜୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗର ଅନ୍ୟ ଅଧ୍ୟାପକ ଅଧ୍ୟାପିକାମାନଙ୍କ ମଧ୍ୟରେ ଡ. ମିର୍ଜା ଇବ୍ରାହିମ ବେଗ, ପ୍ରଫେସର ପ୍ରଯୁକ୍ତା ପ୍ରିୟଦର୍ଶିନୀ, ମନୋରଞ୍ଜନ ମଲ୍ଲିକ, ସୟଦ ଟିକି, ମହାବିଦ୍ୟାଳୟ ଶୈକ୍ଷିକ ଅଧିକାରୀ ଅଜୟ କୁମାର କୁଣ୍ଡଙ୍କ ସମେତ ଅନାନ୍ୟ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ ନିଜର ଅଭିଭାଷଣ ରଖିବା ସହ ବିଦାୟୀ ଛାତ୍ରଛାତ୍ରୀଙ୍କ ଉତ୍ତୋର ଉତ୍ତୋର କାମନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଶି ଓ ପ୍ରଜ୍ଞା ଆଙ୍କରିଙ୍ଗ କରିଥିବା ବେଳେ ଶିବ କୁମାର ପ୍ରଧାନ ମିଷ୍ଟର କମର୍ଶ ଓ ଶୁଭଲକ୍ଷ୍ମୀ ନାୟକ ମିସ କମର୍ଶ ହୋଇଥିଲେ। ବିଶାଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ଶେଷ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ଚନ୍ଦନ, ପୁଷ୍ପ ଗୁଚ୍ଛ, ଉପହାର ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀ ରୁପାଲୀ ବେହେରାଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ବର୍ଷର ପିଲାମାନେ ନିଜ କଲେଜ୍ ଜୀବନର ଅନୁଭୂତି ବଖାଣି ଥିବାବେଳେ ଅନାନ୍ୟ ପିଲାମାନେ ନାଚ ଗୀତରେ ସଭାକୁ ଗୌରବାନିତ୍ୟ କରିଥିଲେ। ଡ. ପ୍ରକାଶ ସାମଲ, ସନ୍ତୋଷ ଦାସ, କାଳନ୍ଦୀ ମଲ୍ଲିକଙ୍କ ସମେତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ବିଜେପି ପକ୍ଷରୁ ବିଜୟ ଉତ୍ସବ

**ପରଜଙ୍ଗ,୪।୫/ଏନ୍‌ଏନ୍‌ଏସ୍:** ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ପରଜଙ୍ଗ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରିଛନ୍ତି। ବଜାରର ମୁଖ୍ୟ ଛକ ସ୍ୱାଧୀନତା ସଂଗ୍ରାମୀ ମହେଶ୍ୱନ୍ଦ୍ର ସୁବାହୁ ସିଂ ଙ୍କ ପ୍ରତିମୂର୍ତ୍ତି ତଳେ ଏହି ଉତ୍ସବ ପାଳନ କରାଯାଇଛି। ପ୍ରକାଶ, ଆଜି ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ସେଥିମଧ୍ୟରୁ ୩ଟି ରାଜ୍ୟ ବିଶେଷ କରି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବିପୁଳ ବିଜୟ ଏବଂ ଆସାମ ଓ ପୁଡୁଚେରୀରେ ବିଜେପି ବହୁମତ ବିଜୟ ହାସଲ କରିଛି। ସେଥିପାଇଁ ବିଭିନ୍ନ ସ୍ଥାନରେ ଏହି ବିଜୟ ଉତ୍ସବ ପାଳିତ ହୋଇଥିବା ବେଳେ ପରଜଙ୍ଗ ବିଜେପି ପକ୍ଷରୁ ଦଳୀୟ ପତକା ବାଜା, ବାଣ ଫୁଟାଇବା ସହ ଲଡୁ ଖୁଆଇ ଖୁସିରେ ବିଜୟ ଉତ୍ସବ ପାଳନ କରିଛନ୍ତି।

## ବିହନ ଫାର୍ମ କାର୍ଯ୍ୟକ୍ଷମ ନହେଲେ ଆନ୍ଦୋଳନ ତେଜିବ

**ଯାଜପୁରରୋଡ,୪।୫/ଏନ୍‌ଏନ୍‌ଏସ୍:** ସୁକିନ୍ଦା ବିହନ ଫାର୍ମ କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ ତେଜିବ। ସିଭିଲ ସୋସାଇଟି ପକ୍ଷରୁ ଆଜି ପ୍ରମୁଖ ଶାସନ ସଚିବଙ୍କୁ ଦାବି କରାଯାଇଛି। ଏହା ସର୍ବବୃହତ ଉତ୍ପାଦନ କ୍ଷେତ୍ର। ହେଲେ ପ୍ରଶାସନର ଉଦାସୀନତା ଯୋଗୁଁ ସୁକିନ୍ଦା ବିହନ ଫାର୍ମ ଜରାଜିର୍ଣ୍ଣ ଅବସ୍ଥାରେ ପଡିରହିଛି। ପ୍ରକାଶ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ମଠ ଛକ ଠାରେ ସୁକିନ୍ଦା ବିହନ ଫାର୍ମ ରହିଛି। ଏହି ଫାର୍ମଟି ଚାଷ ବିନା ରୁଗଣ ହୋଇ ପଡିଛି। ଯାହାକି ଧାନ ତଳି ରୁଅପୋତା ଠାରୁ କାଟିବା ପର୍ଯ୍ୟନ୍ତ ସ୍ଥାନୀୟ ଶ୍ରମିକମାନେ କାର୍ଯ୍ୟରେ ନିୟୋଜିତ ହୋଇ ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ତେବେ ଫାର୍ମ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ପ୍ରାୟ କୋଡିଏଟି ଗାଁ ଶ୍ରମିକଙ୍କ ଜୀବନ ଜିବିକା ଅନ୍ଧାରରରେ ଗତି କରୁଛି। ଅପରପକ୍ଷରେ ବିହନ ଫାର୍ମରେ ଷ୍ଟାଫ କ୍ୱାଟର, ଲାଇନ, ପାଣି ସହ ଲକ୍ଷ ଲକ୍ଷ ଟଙ୍କାର ଭିତ୍ତିଭୂମି ପଡିରହିଛି। ଧାନ ଖୋଳା ଠାରୁ ଗୋଦାମ ଗୃହ ମଧ୍ୟ ନିର୍ମାଣ ହୋଇଛି। ରେଙ୍ଗାଲି କେନାଲର ଜଳ ବିହନ ଫାର୍ମ ଜମିର ଛାତି ଉପରେ ମାଡୁଛି। ବିହନ ଫାର୍ମରେ ଜଳ ବ୍ୟବସ୍ଥା ପାଇଁ ମଧ୍ୟ ସରକାର ସିଙ୍ଗଡ଼ିଆ ସନ୍ନିକୋଟରେ ଏକ ବନ୍ଧ କରି ପାଣିକୁ ଅଟକ ରଖି ଚାଷ କାର୍ଯ୍ୟ ନିମନ୍ତେ



ବ୍ୟବହାର କରିବାକୁ ଯୋଜନା କରାଯାଇଛି। ତଥାପି ପୂର୍ବପରି ବିହନ ଫାର୍ମରେ ହେଉଥିବା ଧାନ, ମୁଗ, ବିରି,ବାଜରା, ଚିନାବାଦାମ, କୋଳଥ, ଶୋରିଷ, ଧଣ୍ଡିଚା, ପ୍ରଭୃତ ଚାଷ ବନ୍ଦ ହୋଇଯାଇଛି। ବିହନ ଫାର୍ମ ଉପରେ ନିର୍ଭର କରି ପେଟ ପୋଷୁଥିବା ଆଖ ପାଖ ଗାଁର ଶତାଧିକ ମହିଳା ଶ୍ରମିକଙ୍କ ଜିବିକା ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଏହାକୁ ନେଇ ଶ୍ରମିକଙ୍କ ଠାରେ ଅସନ୍ତୋଷ ଦେଖାଦେଇଛି। ସିଭିଲ ସୋସାଇଟି ସମ୍ପାଦକ ତଥା ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଂଘ ଉପଦେଷ୍ଟା ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୃଷି ଓ କୃଷକ ଶସକ୍ତ କରଣ ବିଭାଗର ପ୍ରମୁଖ ସଚିବଙ୍କ ନିକଟରେ ଏଭଳି ଦାବି କରାଯାଇଛି। ଯଦି ଏକ ସପ୍ତାହ ମଧ୍ୟରେ ବିହନ ଫାର୍ମକୁ କାର୍ଯ୍ୟକ୍ଷମ କରିବାକୁ ଯୋଜନା ନ କରାଯାଏ ତେବେ କୃଷି ଭବନ ସାମ୍ନାରେ ଧାରଣା ଦିଆଯିବ ବୋଲି ସିଭିଲ ସୋସାଇଟି ଚେତାବନୀ ଦେଇଛନ୍ତି।

## କୋଦାଳକ ଗଡ଼ରେ ଆଞ୍ଚଳିକ ଉନ୍ନୟନ ସଂଗଠନ




**ପରଜଙ୍ଗ,୪।୫/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ କୁଆଳୋ ଗ୍ରାମ ପଞ୍ଚାୟତ ପରମହଂସ ପୁର ଗ୍ରାମରେ ଗଢ଼ି ଉଠିଛି କୋଦାଳକ ଗଡ ଆଞ୍ଚଳିକ ଉନ୍ନୟନ ସଂଗଠନ। ୧୪୯ ନଂ ରାଜରାସ୍ତା ପାର୍ଶ୍ୱରେ ଥିବା ଗ୍ରାମରେ ଦୁର୍ଘଟଣାରୁ ଯାତ୍ରୀ ତଥା ଗ୍ରାମବାସୀଙ୍କ ସୁରକ୍ଷା, ରୋଗୀଙ୍କୁ ଡାକ୍ତରଖାନା ଯିବାପାଇଁ ସାହାଯ୍ୟ, ଗ୍ରାମର ପୀଡ଼ିତ ତଥା ଗରିବ ଲୋକଙ୍କ ପାଇଁ ବିଭିନ୍ନ ସହାୟତା ଏହି ସଂଗଠନର ମୂଳ ଲକ୍ଷ୍ୟ ରହିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଏହି ସଂଗଠନ ସହଯୋଗ କରିବ। ସଂଗଠନର ସଭାପତି ଭାବେ ସନ୍ଦୀପ ସାହୁ ( ମଣ୍ଟୁ), ସମ୍ପାଦକ ଭାବେ ରୋହିତ କୁମାର ଜେନା ଏବଂ ଧନଞ୍ଜୟ ସାହୁ, କୋଷାଧ୍ୟକ୍ଷ ଭାବେ ତରଣୀ ବିଶ୍ୱାଳ ଏବଂ ଉପଦେଷ୍ଟା ଭାବରେ ଚନ୍ଦନ ବିଶ୍ୱାଳ, ଦିନେଶ ବିଶ୍ୱାଳ, ପାପୁନ ବିଶ୍ୱାଳ, ମଳୟ ବିଶ୍ୱାଳ ଏବଂ ପ୍ରକାଶ ବିଶ୍ୱାଳଙ୍କୁ ଚୟନ କରାଯାଇଛି। ଏହି ସଂଗଠନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସାମିଲ ହୋଇଛନ୍ତି। ଗ୍ରାମର ତଥା ଅଞ୍ଚଳର ବିକାଶରେ ଏହି ସଂଗଠନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ନେଇ ସଭାପତିଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ ସୂଚନା ଦେଇଛନ୍ତି।

## ଝାଡ଼ା ବାନ୍ତିରେ ଅସୁସ୍ଥ ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଯାଜପୁର,୪।୫/ଏନ୍‌ଏନ୍‌ଏସ୍:** ଗତକାଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଗସ୍ତରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଡାଇରିଆ ୱାର୍ଡକୁ ଯାଇ ଝାଡ଼ାବାନ୍ତିରେ ଅସୁସ୍ଥ ହୋଇଥିବା ରୋଗୀଙ୍କୁ ଭେଟିଛନ୍ତି। ପ୍ରକାଶ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ପାଟପୁର ଅଞ୍ଚଳରେ ବିଷାକ୍ତ ଖାଦ୍ୟଖାଇ ପ୍ରାୟ ୫୦ ଜଣ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମେତ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କର ମଧ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅସୁସ୍ଥଙ୍କ ସହ ସିଧାସଳଖ କଥା ହେବା ସହ ସରକାରଙ୍କ ତରଫରୁ ସବୁ ପ୍ରକାର ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ



ବୋଲି ଆଶ୍ୱାସନା ଦେଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ରୋଗ ବ୍ୟାପିବାର ପ୍ରକୃତ କାରଣ ଜାଣିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଜଳ ଓ ଖାଦ୍ୟର ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କୁ ଆତଙ୍କିତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହାସହ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ସିଡିଏମଓଙ୍କ ଟିମ୍ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ନଜର ରଖିଛନ୍ତି। ଆକ୍ରାନ୍ତ ଶିଶୁମାନଙ୍କ ବିଶେଷ ଯତ୍ନ ନିଆଯିବା ସହ ଯେମିତି ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିବେ, ସେ ଦିଗରେ ଆମେ ସଜାଗ ଅଛୁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ଏହାସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପାଟପୁର ଅଞ୍ଚଳର ମୃତକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅତିରିକ୍ତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଗସ୍ତ ସମୟରେ ଜିଲ୍ଲାପାଳ, ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା, ମେଡିକାଲ କଲେଜ୍ ଅଧ୍ୟକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସ୍ଥିତି ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ନିତିଦିନ NITIDIN
ମଙ୍ଗଳବାର, ୫ ମେ' ୨୦୨୬

ନିତି ଭାରତୀ

ଶିକ୍ଷାର ସମାପ୍ତି ନାହିଁ। ବହି ପଢ଼ି ପରୀକ୍ଷାରେ ପାସ୍ ହୋଇଗଲେ ଶିକ୍ଷା ଶେଷ ହୋଇଯାଏ ନାହିଁ। ଜନ୍ମରୁ ମୃତ୍ୟୁ ଯାଏଁ ପ୍ରତି ମୁହୂର୍ତ୍ତରେ ଶିକ୍ଷଣ ପ୍ରକ୍ରିୟା ଜାରି ରହିଥାଏ।
- ଜିଦ୍ଦୁ କ୍ରିଷ୍ଣମୂର୍ତ୍ତି

# କୃଷି ବିକାଶ ପାଇଁ କୃଷି ଗବେଷଣାର ଆବଶ୍ୟକତା



ବିଦ୍ୟାଧର ମହାରଣା

ଅତୀତରେ କୃଷି ବିକାଶ ପାଇଁ ବୈଜ୍ଞାନିକମାନେ ବହୁ ଗବେଷଣା କରି ଗବେଷଣାଲବ୍ଧ ବୈଷୟିକ ଜ୍ଞାନକୌଶଳ ସମ୍ପ୍ରସାରଣ ମାଧ୍ୟମରେ କୃଷକମାନଙ୍କ କ୍ଷେତ୍ରରେ ପ୍ରଦର୍ଶନ ଓ ପ୍ରୟୋଗ କରୁଥିଲେ। ଏହାର ପରିଣାମ ସ୍ୱରୂପ କୃଷି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଆସିଥିଲା। ଏପରି କୃଷି ଗବେଷଣାର ନେତୃତ୍ୱ ନେଉଥିଲେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଓ ଦେଶର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଏହାର ବହୁ ଗବେଷଣା ଅନୁଷ୍ଠାନ। ରାଜ୍ୟ ସରକାରଙ୍କ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ନିଜର ଗବେଷଣା ଅନୁଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ଗବେଷଣା କରୁଥିଲେ। ଦେଶ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପରେ ଗବେଷଣା କ୍ଷେତ୍ରରେ ଶିଥିଳତା ଦେଖାଗଲା। ଏହାର କାରଣ ହେଲା, ଆବଶ୍ୟକୀୟ ବୈଜ୍ଞାନିକ ଓ ଗବେଷଣା ପାଇଁ ପାଣ୍ଠିର ଅଭାବ। ଭାରତରେ କୃଷି ଜିଡିପିର ଏକ ପ୍ରତିଶତରୁ କମ୍ ଅର୍ଥ ଗବେଷଣା ଓ ଉନ୍ନୟନ ପାଇଁ ବ୍ୟୟ ହେଉଛି, ଯାହାକି ବିକଶିତ ଦେଶରେ ୩-୫%।

ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନ ଓ ସୀମିତ ବ୍ୟୟ ବରାଦ ପରିପ୍ରେକ୍ଷୀରେ କୃଷି ଗବେଷଣା କ୍ଷେତ୍ରରେ କେତେକ ନୀତିଗତ ପରିବର୍ତ୍ତନ ଅବଶ୍ୟମ୍ଭାବୀ ମନେହୁଏ। ଦୀର୍ଘ ଦିନ ଧରି ଆମର କୃଷି ଗବେଷଣା ସବୁଜ ବିପ୍ଳବ ଢାଞ୍ଚାରେ କେବଳ ଅଧିକ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଥିଲା। ଯଦିଓ କୃଷି ଉତ୍ପାଦନ ବୃଦ୍ଧି ପ୍ରାଥମିକ ଆବଶ୍ୟକତା, ତଥାପି ଅନ୍ୟ ସବୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ହେଉଛି ଜଳ ସଙ୍କଟ, ଭୂମି ଅବକ୍ଷୟ ଓ ଅସ୍ଥିର ଜଳବାୟୁ ଏବଂ ନିମ୍ନ କୃଷକ ଆୟ। ଏହି କାରଣରୁ କୃଷି ଗବେଷଣା ସର୍ବାଧିକ ଉତ୍ପାଦନ ପରିବର୍ତ୍ତେ କୃଷି ସମ୍ବଳଗୁଡ଼ିକର ଅଧିକ କାର୍ଯ୍ୟ ଦକ୍ଷତା ବୃଦ୍ଧି ଓ ଧାରଣ କ୍ଷମତା ଉପରେ ଧ୍ୟାନ କେନ୍ଦ୍ରିତ ହେବା ଆବଶ୍ୟକ। ଅତୀତରେ ଉଦ୍ଭିଦ ବିଜ୍ଞାନୀମାନେ ପ୍ରଜନନ ମାଧ୍ୟମରେ ନୂତନ ଅଧିକ ଅମଳକ୍ଷମ, ଶଙ୍କର ଜାତୀୟ ଓ ଜିନ୍ ରୂପାନ୍ତରିତ କିସମ ବାହାର କରିଛନ୍ତି। ଏଗୁଡ଼ିକ କିନ୍ତୁ ପରିବର୍ତ୍ତିତ ଜଳବାୟୁ ଓ ପ୍ରାକୃତିକ ବିପର୍ଯ୍ୟୟ ସହନଶୀଳ ହେଉନାହିଁ। ଅଧିକନ୍ତୁ, ଏପରି କିସମଗୁଡ଼ିକ ବହୁ କ୍ଷେତ୍ରରେ ରୋଗପୋକ ଆକ୍ରମଣ ଦ୍ୱାରା ଅଧିକ ପ୍ରଭାବିତ ହେଉଛି। ଅବଶ୍ୟ କୃଷି ବିଜ୍ଞାନୀମାନେ ଏ ମଧ୍ୟରେ କେତେକ ରୋଗ ପୋକ ସହନଶୀଳ କିସମ ବିହନ ବାହାର କରିଛନ୍ତି। ତଥାପି ବ୍ୟାପକ କୃଷି କ୍ଷେତ୍ରର ଆବଶ୍ୟକତା ପୂରଣ କରିବାରେ ଏଗୁଡ଼ିକ ସକ୍ଷମ ହୋଇପାରି ନାହିଁ।

ଆଗାମୀ ଦିନରେ କୃଷି ଗବେଷଣା ନିଶ୍ଚିତ ଭାବେ ଜଳବାୟୁ ବିପର୍ଯ୍ୟୟ ସହନଶୀଳ ଫସଲ, କିସମ, ଧାରଣକ୍ଷମ କୃଷି ପଦ୍ଧତି, ଜୈବିକ ପ୍ରଣାଳୀରେ ରୋଗପୋକ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେବ। ପାରମ୍ପରିକ ଉଦ୍ଭିଦ ପ୍ରଜନନ ଅପେକ୍ଷା କୃଷି- ପରିବେଶ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ରହିବ। ଏବେ ବି ବହୁ ଅଞ୍ଚଳରେ କୃଷକମାନେ ଦୀର୍ଘ ଦିନ ଧରି ଦେଶୀୟ ଜ୍ଞାନକୌଶଳ ବ୍ୟବହାର କରି ସ୍ଥାନୀୟ ସମସ୍ୟାର ସମାଧାନ କରୁଛନ୍ତି। ଏଗୁଡ଼ିକ କୃଷି ଗବେଷଣା କ୍ଷେତ୍ରରେ ପରୀକ୍ଷା କରି, ଆବଶ୍ୟକ ସ୍ଥଳେ ସଂଶୋଧନ କରି ଅଥବା ଆଧୁନିକ ଜ୍ଞାନକୌଶଳ ସହିତ ସମନ୍ୱିତ କରି ପରିମାର୍ଜିତ ନୂତନ ଜ୍ଞାନକୌଶଳ ବାହାର କରିବାକୁ ହେବ। ସ୍ଥାନୀୟ କୃଷକ ସହଭାଗିତାରେ ନୂତନ ପ୍ରଯୁକ୍ତିବିଦ୍ୟା ଓ ନୂତନ ଫସଲ କିସମ ନିର୍ବାଚନ କରିବାକୁ ହେବ।

ଆଜି ପର୍ଯ୍ୟନ୍ତ ଉପରୁ ତଳ ଧାରାରେ କୃଷି ଗବେଷଣା କରାଯାଉଛି। ଗବେଷଣା ଅଗ୍ରାଧିକରଣ ପାଇଁ ବିଧିବଦ୍ଧ ନୀତି ଅନୁସରଣ କରାଯାଉ ନାହିଁ। ଏଥିପାଇଁ ବିଶ୍ୱ ବ୍ୟାଙ୍କ କେତେକ ମାର୍ଗଦର୍ଶନ ବାହାର କରିଛନ୍ତି। ପ୍ରଥମ ପଦ୍ଧତି ହେଉଛି, ସର୍ବସମ୍ମତା ନୀତି। ଆମର କୃଷି ଜିଡିପିକୁ ଯେଉଁ ଫସଲ ବା ଆନୁଷଙ୍ଗିକ କୃଷିର ଅଧିକ ଅବଦାନ ରହିଛି, ସେହି ଫସଲ ବା କୃଷି ଉପରେ ଅଧିକ ଗବେଷଣା ଆବଶ୍ୟକ। ଦ୍ୱିତୀୟ ପଦ୍ଧତି ହେଉଛି, ଯାଞ୍ଚ ତାଲିକା ପଦ୍ଧତି। ଏହି ପଦ୍ଧତି ଅନୁସାରେ, ବିଭିନ୍ନ ବିଶେଷଜ୍ଞ ଏକ ଯାଞ୍ଚ ତାଲିକା ମାଧ୍ୟମରେ ଗବେଷଣା ଅଗ୍ରାଧିକରଣ କରିବେ। ଯେଉଁ ଗବେଷଣାଗୁଡ଼ିକ ଅଧିକ ବିଶେଷଜ୍ଞମାନଙ୍କ ଦ୍ୱାରା ଚିହ୍ନଟ କରା ଯାଇଥିବ, ତାହାକୁ ପ୍ରାଧାନ୍ୟ ଦେବାକୁ ହେବ। ଆଉ ଗୋଟିଏ ଉତ୍ତମ ପଦ୍ଧତି ହେଉଛି, ଅର୍ଥନୈତିକ ଆଧିକ୍ୟ ପ୍ରଣାଳୀ ବା ଇକୋନୋମିକ ସରପ୍ଲସ୍ ପ୍ରଣାଳୀ। ଉତ୍ପାଦକ ଓ ଉପଭୋକ୍ତାମାନଙ୍କ ଆଧିକ୍ୟ ସମ୍ମିଶ୍ରଣରେ ଅର୍ଥନୈତିକ ଆଧିକ୍ୟ ବାହାରେ। ଧରାଯାଉ, କୃଷକ ନିଜର ଉତ୍ପାଦ କିଲୋଗ୍ରାମ୍ ପ୍ରତି ୫୦ ଟଙ୍କାରେ ବିକ୍ରୟ ପାଇଁ ଇଚ୍ଛୁକ ଥିବା ବେଳେ ବଜାର ଦର ୬୦ ଟଙ୍କା। ଏଣୁ କୃଷକ ଅଧିକ ଦଶ ଟଙ୍କା ପାଇଲା। ସେହିଭଳି ଗ୍ରାହକ କିଲୋଗ୍ରାମ୍ ପ୍ରତି ୭୦ ଟଙ୍କାରେ କିଣିବା ପାଇଁ ପ୍ରସ୍ତୁତ ଥିବା ବେଳେ ୬୦ ଟଙ୍କାରେ କିଣିଲା। ଅତଏବ, ଉଭୟ କୃଷକ ଓ ଗ୍ରାହକ ୧୦ ଟଙ୍କା ଲେଖାଏଁ ଲାଭ ପାଇଲେ। ଏଣୁ ଅର୍ଥନୈତିକ ଆଧିକ୍ୟ ହେଲା ୨୦ ଟଙ୍କା। ଏହିପରି ଯେଉଁ ଗବେଷଣା ଦ୍ୱାରା ଅର୍ଥନୈତିକ ଆଧିକ୍ୟ ବେଶି ହେବ, ସେହି ଗବେଷଣାକୁ ଅଗ୍ରାଧିକାର ଦେବାକୁ ହେବ। ସରଳ ଭାଷାରେ କହିଲେ, ଗବେଷଣା ଉଭୟ କୃଷକ ଓ ଉପଭୋକ୍ତାଙ୍କୁ ସୁହାଇବା ଆବଶ୍ୟକ। ଫଳରେ ଉଭୟ କୃଷକ ଓ ଉପଭୋକ୍ତା ସମ ପରିମାଣରେ ଲାଭବାନ ହୋଇ ପାରିବେ।

ଗବେଷଣାଲବ୍ଧ ଜ୍ଞାନ କେତେକ ସୋପାନ ଦେଇ ଚାଷୀ ନିକଟରେ ପହଞ୍ଚେ। ପ୍ରଥମରେ, ବିଶ୍ୱବିଦ୍ୟାଳୟ ଗବେଷଣା ନିଃସୃତ ଜ୍ଞାନକୁ ବିଭିନ୍ନ ଆଞ୍ଚଳିକ ଗବେଷଣା କ୍ଷେତ୍ରରେ ପ୍ରୟୋଗାତ୍ମକ ଗବେଷଣା ହିସାବରେ ପରୀକ୍ଷା କରିବା ପରେ କୃଷକ କ୍ଷେତ୍ରରେ ପରୀକ୍ଷା କରାଯାଏ। ଯେଉଁ ଜ୍ଞାନକୌଶଳ ପରୀକ୍ଷାରେ ସଫଳତା ଲାଭ କରେ, ସେଗୁଡ଼ିକୁ ସମ୍ପ୍ରସାରଣ କର୍ମୀ କ୍ଷେତ୍ର ପ୍ରଦର୍ଶନ କରି ଚାଷୀଙ୍କୁ ବିଶ୍ୱାସଭାଜନ କରାଇ କ୍ଷେତ୍ରରେ ଅନୁସରଣ କରାନ୍ତି। ବେଳେ ବେଳେ କୃଷକ କ୍ଷେତ୍ର ବିଦ୍ୟାଳୟ ମାଧ୍ୟମରେ ବହୁ କୃଷକମାନଙ୍କୁ ନୂତନ ଜ୍ଞାନକୌଶଳ ସହିତ ପରିଚିତ କରାଯାଏ। ଏହି କାରଣରୁ କୃଷି ଗବେଷଣା ସହିତ କୃଷି ସମ୍ପ୍ରସାରଣର ଦୃଢ଼ୀକରଣ ମଧ୍ୟ ଜରୁରୀ।

ନୀତି ପ୍ରଣୟନକାରୀ, ଗବେଷକ ଓ କୃଷକମାନେ ମିଳିତ ଭାବରେ କାମ କରିବାକୁ ହେବ। କୃଷି ଗବେଷଣା କେବଳ କୃଷି ଉତ୍ପାଦନ ବୃଦ୍ଧି ଉପରେ ଧ୍ୟାନ ନଦେଇ କୃଷି ବିକାଶ ପାଇଁ ପରିବେଶୀୟ, ସାମାଜିକ ଓ ଅର୍ଥନୈତିକ ଦୃଢ଼ୀକରଣ ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ। ଆଜିକାଲି ବହୁତ ମହିଳା ଓ ଯୁବକ ନୂତନ କୃଷି ଉଦ୍ୟୋଗ ପ୍ରତି ଆକୃଷ୍ଟ ହେଲେଣି, କାରଣ ଅଧିକ କୃଷି ଆୟ ସେମାନଙ୍କର ଲକ୍ଷ୍ୟ। ଏଣୁ କୃଷି ଗବେଷକମାନେ ନିଜର ବୃତ୍ତିଗତ ବିକାଶ ପାଇଁ ଅଧିକ ଅମଳକ୍ଷମ ବିହନ ବାହାର କରିବା ପରିବର୍ତ୍ତେ କିପରି ଦୀର୍ଘମିଆଦି ଭାବରେ କୃଷକ ଆୟ ବୃଦ୍ଧି ସହିତ ପରିବେଶୀୟ, ସାମାଜିକ ଓ ଅର୍ଥନୈତିକ ଦୃଢ଼ୀକରଣ ହୋଇ ପାରିବ, ତା' ଉପରେ ଅଧିକ ଗବେଷଣା କରିବା ବାଞ୍ଛନୀୟ। ଅଧିକନ୍ତୁ, ଆମ ଦେଶର କୃଷି ଉତ୍ପାଦ ଯେପରି ଆନ୍ତର୍ଜାତିକ ବଜାରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇ ପାରିବ, ସେଥିପାଇଁ ମଧ୍ୟ ଗବେଷଣା ଆବଶ୍ୟକ। ଏପରି ଗବେଷଣା ପାଇଁ ସରକାର ଆବଶ୍ୟକୀୟ ପାଣ୍ଠି ଯୋଗାଣ, ଭିତ୍ତିଭୂମି ନିର୍ମାଣ ଓ ଗବେଷକ ନିଯୁକ୍ତି କରିବା ଜରୁରୀ। ଆମ ଦେଶରେ କୃଷି ଜିଡିପିର ଅନ୍ୟୁନ ୨-୩% ଅର୍ଥ ଗବେଷଣା ଓ ଉନ୍ନୟନ ପାଇଁ ବ୍ୟୟ କରିବା ଆବଶ୍ୟକ। ଏହା ସହିତ ଦୁର୍ବଳ କୃଷି ସମ୍ପ୍ରସାରଣକୁ ଅଧିକ ସଶକ୍ତ କରିବାକୁ ହେବ, କାରଣ ଗବେଷଣାଲବ୍ଧ ଜ୍ଞାନକୁ ଚାଷୀଙ୍କୁ ହସ୍ତାନ୍ତର କରିବାର ସ୍ୱତନ୍ତ୍ର ଯାନ ହେଉଛି କୃଷି ସମ୍ପ୍ରସାରଣ।



କୃଷି ବିକାଶ କ୍ଷେତ୍ରରେ ଦେଖା ଯାଉଥିବା ସଙ୍କଟ ମଧ୍ୟରେ ଆନୁଷ୍ଠାନିକ ଜଡ଼ତା ଅନ୍ୟ ଏକ କାରଣ। ଗବେଷଣା ଯୋଗୁଁ ପ୍ରୋତ୍ସାହନ ପାଇବା ଉଦ୍ଦେଶ୍ୟରେ କୃଷି ବୈଜ୍ଞାନିକମାନେ କେବଳ ନୂତନ ବିହନ କିସମ ବାହାର କରିବାରେ ବ୍ୟସ୍ତ। ଅପର ପକ୍ଷରେ, ଜଳବାୟୁ ସହନଶୀଳ କୃଷି କୌଶଳ ବାହାର କରିବା ପାଇଁ ଗବେଷଣା କ୍ୱଚିତ ଧ୍ୟାନ ଦେଇଥାଏ। ଏଣୁ କୃଷି ଗବେଷଣାକୁ ପୁନଃସଙ୍ଗଠିତ କରି କ୍ଷୁଦ୍ର ଚାଷୀଙ୍କ ପାଇଁ ଉପଯୁକ୍ତ ଦୀର୍ଘମିଆଦି ପ୍ରଯୁକ୍ତିବିଦ୍ୟା ବାହାର କରିବାକୁ ହେବ, ଯେପରିକି ଏହି ଦୁର୍ବଳ ଚାଷୀମାନେ ଚାଷରୁ ଉପଯୁକ୍ତ ଲାଭ ପାଇ ପାରିବେ। ଏହାର ପରିମାପକ ହେବ କୃଷି ଆୟ ବୃଦ୍ଧି।

କୃଷି ଗବେଷଣା ଗତିଶୀଳ ଓ ପ୍ରଭାବୀ ହେବାକୁ ହେଲେ ନୀତି ପ୍ରଣୟନକାରୀ, ଗବେଷକ ଓ କୃଷକମାନେ ମିଳିତ ଭାବରେ କାମ କରିବାକୁ ହେବ।

କଳିଙ୍ଗ ନଗର, ୭/୪୫୨
ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦
bidyadhar.m@gmail.com

# ନେତା ଓ ଛତା



ସୀତାକାନ୍ତ ତ୍ରିପାଠୀ

ଅନେକ ସମୟରେ ବିଭିନ୍ନ ନେତାମାନଙ୍କ ଛତ୍ରଛାୟାରେ ରହି ଲୋକମାନେ ନିଜକୁ ବାହୁବଳୀ ମନେ କରୁଥିବାର ଖବର ଗଣମାଧ୍ୟମମାନଙ୍କରେ ପ୍ରକାଶ ପାଇଥାଏ। ଏହାର ସତ୍ୟତା କେତେ ଥାଏ, ତାହା ବିଚାର ଏବଂ ତଦନ୍ତସାପେକ୍ଷ। କାରଣ ଏହି କଥାଟି ସାଧାରଣ ଜନତାଙ୍କୁ ଜଣା ନଥାଏ କିମ୍ବା ସେମାନେ ଜାଣିଶୁଣି ନିରବ ରହି ଥାଆନ୍ତି। ଛତା ଉଭୟ ଖରା ଏବଂ ବର୍ଷାରୁ ଆମମାନଙ୍କୁ ରକ୍ଷା କରିଥାଏ। ସେହିଭଳି ଭାବେ ନେତାମାନଙ୍କର ପୃଷ୍ଠପୋଷକତାରେ ଅପରାଧୀମାନଙ୍କର ଉଭୟ ହାନି-ଲାଭ ଏବଂ ଦିନଚର୍ଯ୍ୟା ବିତି ଚାଲିଥାଏ। କେଉଁଠି ବାଲି ଚୋରି, ମୋରମ ଚୋରି ଆଦି ରୋକିବା ପାଇଁ ସରକାରୀ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ତତ୍ପରତା ପ୍ରକାଶ କରୁଥିବା ବେଳେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥାଏ ତ ପୁଣି ଆଉ କେଉଁଠି ସେମାନଙ୍କୁ ବିଚ୍ଛିନ୍ନାଞ୍ଚଳକୁ ବଦଳି କରିଦେବା ପାଇଁ ଧମକ ଦିଆ ଯାଇଥାଏ। କିଛି ସାହସୀ ଏବଂ ସଚ୍ଚୋଟ କର୍ମଚାରୀ ଥାଆନ୍ତି, ଯେଉଁମାନେ ଏସବୁ କଥାକୁ ଖାତିର ନକରି ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପାଦନ କରି ଥାଆନ୍ତି। ସେମାନଙ୍କ ମତରେ- ଛତାଟିଏ ସିନ ଖରା ବର୍ଷାରୁ ମଣିଷକୁ ସାମାନ୍ୟ ଆଶ୍ୱସ୍ତି ଦେଇଥାଏ, କିନ୍ତୁ ଏହା କ'ଣ ସମ୍ପୂର୍ଣ୍ଣ ଭାବେ ଏବଂ ସବୁ ଦିନ ପାଇଁ ସୁରକ୍ଷା ଦେଇ ପାରିବ ? କେତେବେଳେ ଛତାକୁ ପବନ ଉଡ଼େଇ ନେଇଯାଇ ପାରେ ଏବଂ ଲୋକ ଭିଜି ଯାଇ ପାରନ୍ତି କିମ୍ବା ଝାଞ୍ଜି ପବନ ଦ୍ୱାରା ମଣିଷ ଅସ୍ତବ୍ୟସ୍ତ ହୋଇପାରେ। ତେଣୁ ଛତ୍ରଛାୟା ହେଉଛି କ୍ଷଣିକ; ଏହା ସବୁ ସମୟ ପାଇଁ ନୁହେଁ। ସେହି ନ୍ୟାୟରେ ଛତ୍ରଛାୟାରେ ରହିଥିବା ଲୋକଙ୍କର ଦିନ ଆସେ; ସତ୍ୟ ପଦାକୁ ଆସେ ଏବଂ ନ୍ୟାୟ ଅନ୍ୟାୟର ବିଚାର ହୋଇଯାଏ। ଅବଶ୍ୟ ଅନେକ ସମୟରେ ସେତେବେଳକୁ ନେଡ଼ି ଗୁଡ଼ କହୁଣୀକୁ ବହି ଯାଇଥାଏ।

ଏହି ଛତା ବାଣ୍ଟିବାକୁ ନେଇ ପୁଣି ରାଜନୀତି ଚାଲେ। ଖରା ଦିନ ଆରମ୍ଭଠାରୁ ବର୍ଷା ଦିନ ସରିବା ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ଛତା ଓ ଜୋତା ବଣ୍ଟାଯାଏ। ଏସବୁକୁ ପାଇବା ପାଇଁ ଲୋକମାନଙ୍କ ମଧ୍ୟରେ ଯେମିତି ପ୍ରତିଯୋଗିତା ଚାଲେ, ତା'ଠାରୁ ଅଧିକ ନେତାମାନେ ବିବ୍ରତ ହୋଇ ଥାଆନ୍ତି। କାରଣ, ଏହାକୁ ଆଧାର କରି ଆଉ କେହି ନାଁ ନେଇଯିବେ ନାହିଁ ତ ? ଆଉ ଯେଉଁମାନେ ନ ପାଇଥିବେ, ସେମାନେ ଆଉ ଏଥିପାଇଁ ନିଜ ନିଜର ଅଭିଯୋଗ ଫର୍ଦ୍ଦ ଦରଜ କରିବେ ନାହିଁ ତ ! ଆଉ ଅଂଶୁଘାତରୁ ଯଦି କେହି ମୃତ୍ୟୁବରଣ କରନ୍ତି, ସେଥିପାଇଁ କେହି ଛତା, ଜୋତା ମିଳିବା ଅସୁବିଧାରୁ ଘଟିଲା ବୋଲି ଦୋଷାରୋପ କରିବେ ନାହିଁ ତ ? ଏହିଭଳି ଅସୁମାରୀ ପ୍ରଶ୍ନ ତାଙ୍କ ମୁଣ୍ଡରେ ଉଙ୍କି ମାରୁଥାଏ। ଛତା ବାଣ୍ଟିବାର ଆନନ୍ଦଠାରୁ ଭୋଟ ହାତେଇବାର ପ୍ରୟାସକୁ ଆଧାର କରି ସେମାନଙ୍କର ଦିନ ବିତେ। ଚଉକିକୁ କାହାର ଭୟ ନାହିଁ। ଯଦି ଏହି ଛତା ବଣ୍ଟନ ସମୟରେ ନାରୀ, ପୁରୁଷ, ପିଲା ଏବଂ ବୃଦ୍ଧମାନଙ୍କ ମଧ୍ୟରେ ଫରକ ରହିବ ତା'ହେଲେ ମଧ୍ୟ ଅସୁବିଧା। ଆମେ ପରା ସ୍ୱାଧୀନ ଦେଶର ନାଗରିକ। ସାମ୍ୟତା ଆମର ପ୍ରତୀକ। ବୈଷମ୍ୟ ଆସିବ କେଉଁଠୁ ? ପ୍ରକୃତରେ ଛତା ମୁଣ୍ଡେଇ ବିଲରେ ଖଟୁଥିବା ଚାଷୀ ଆଉ କାରରୁ ଓହ୍ଲାଇ ପଡ଼ି ଅଫିସ ଭିତରକୁ ଯିବା ପାଇଁ ଛତା ଧରି ଚାଲୁଥିବା ମଣିଷମାନଙ୍କ ମଧ୍ୟରେ କେବେ କ'ଣ ସାମ୍ୟତା ଆସି ପାରିବ ?

ଛତାକୁ ରକ୍ଷା କବଚ ଭାବରେ ଆମେ ସାଙ୍କେତିକ ଭାବେ ବ୍ୟବହାର କରିଥାଉ। ସେହି ନ୍ୟାୟରେ ନେତାମାନଙ୍କୁ ଆମ ସମାଜର ରକ୍ଷକ ରୂପେ ବିଚାର କରାଯାଇଥାଏ, ବର୍ଷାକୁ ଦେଖି ଯେମିତି ଆମେ ଛତାକୁ ଧରିଥାଉ। ପରିସ୍ଥିତିରେ ପଡ଼ି ସେହିଭଳି ଭାବେ ନେତାମାନେ ମଧ୍ୟ ଦଳ ବଦଳ କରି ଥାଆନ୍ତି। ନହେଲେ ନିଜେ ତ ବଞ୍ଚି ପାରିବେ ନାହିଁ ଜନତାଙ୍କୁ ବଞ୍ଚାଇବେ ବା କିପରି ? ତେବେ ଏହାକୁ କିଛି ଲୋକ ସ୍ୱାର୍ଥପରତାର ଆଖ୍ୟା ଦେଇ ନେତାମାନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଥାଆନ୍ତି।

ଅଧିକାଂଶ ସମୟରେ ଦେଖା ଯାଇଥାଏ ନେତାମାନଙ୍କ ପଛରେ ବୁଲୁଥିବା କୁଜି ନେତାମାନେ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଛତା ଧରି ଚାଲି ଥାଆନ୍ତି। କାଳେ ତାଙ୍କ ଉପରେ ବର୍ଷା ଟୋପେ କିମ୍ବା ଖରା ଧାସ ପଡ଼ିଯିବ କି ? ନିଜେ ବରଂ ବର୍ଷାରେ ଭିଜିଯିବେ କିମ୍ବା ଖରାରେ ଶୁଖିଯିବେ, କିନ୍ତୁ ନିଜ ନେତାଙ୍କୁ କିନ୍ତୁ ସବୁ ପରିସ୍ଥିତିରୁ ରକ୍ଷା କରିବେ। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଉକ୍ତ ନେତାମାନେ ଯଦି କୌଣସି କାରଣରୁ କ୍ଷମତାଚ୍ୟୁତ ହୋଇ ଯାଆନ୍ତି, ତା'ହେଲେ ପଛ ପଟରେ ଛତାଧରି ଲଙ୍ଗର ପଙ୍ଗର ହେଉଥିବା ଲୋକମାନଙ୍କର ମଧ୍ୟ ଆଉ ଦେଖା ନଥାଏ। ଆଉ ଯେଉଁମାନେ ଭଲ-ମନ୍ଦ, ସୁଖ-ଦୁଃଖ, ସବୁ ସମୟରେ ନେତାଙ୍କ ପାଖରେ ଟହଲ ମାରୁ ଥାଆନ୍ତି, ସେମାନଙ୍କୁ ଆମେ ବିଶ୍ୱସ୍ତ କର୍ମୀ ଭାବେ ବିଚାର କରିଥାଉ। ତେଣୁ ସେମାନଙ୍କ ଉପରେ ଭରସା କରି ନେତାମାନେ ସେମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ଥାଆନ୍ତି।



ଦିନକୁ ଦିନ ସମୟ ବଦଳୁଛି। ଛତା ଜାଗାରେ ବର୍ଷାତି/ ରେନ୍‌କୋଟ୍‌ର ବ୍ୟବହାର ହେଲାଣି। ଏହା ବର୍ଷା ଦାଉରୁ ରକ୍ଷା କରିବା ସହିତ ଏହାର ବ୍ୟବହାର କରିବା ବହୁତ ସହଜ ଏବଂ ସରଳ। ତେଣୁ ନେତାମାନେ ମଧ୍ୟ ଆଉ ଛତା ବାଣ୍ଟିବାକୁ ଗୁରୁତ୍ୱ ନଦେଇ ବର୍ଷାତି ବାଣ୍ଟିବା ଆରମ୍ଭ କଲେଣି। କିନ୍ତୁ ଖରାରୁ ରକ୍ଷା ମିଳିବ କିପରି ? ତା' ପାଇଁ ମଧ୍ୟ ଟୋପି ବଣ୍ଟା ଯାଉଛି। ଏହା ହେଉଛି ରାଜନୀତିର ପଶାପାଲି। ପରିବର୍ତ୍ତିତ ସମୟ ସହିତ ନିଜକୁ ଯଦି ଚଳାଇ ନ ନେବା, ତା'ହେଲେ ଏ ସମାଜରେ ଆମେ ତିଷ୍ଠିବା କିପରି ? ବର୍ତ୍ତମାନ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ଏମିତି ପରିସ୍ଥିତି ଅଛି ଯେ ବର୍ଷାଦିନେ କଚ୍ଚା ରାସ୍ତାରେ ଆମକୁ ଜୋତା ମୁଣ୍ଡାଇ ଚାଲିବାକୁ ପଡ଼ିଥାଏ। ସେତେବେଳେ ଛତା ଏବଂ ଜୋତାର ଫରକ ନଥାଏ। ସେହି ଦର୍ଶନକୁ ଆଧାର କରି ଆଜି ଯାହାକୁ ଛତା ଭଳି ମୁଣ୍ଡରେ ମୁଣ୍ଡାଇ ଥିବା, କାଲି ତାକୁ ଯେ ଜୋତା ଭଳି ବ୍ୟବହାର ନ କରିବେ, ସେ କଥା କିଏ କହିବ ? ତେଣୁ ମୂଳରୁ ସାବଧାନ।

ଅର୍ଣ୍ଣପାଳ, ଭଦ୍ରକ
ମୋ: ୯୭୭୮୭୬୪୩୯୪
tripathysk1947@gmail.com

# ସ୍ୱୀକାର ଦିବସ

ଚଳିତ ବର୍ଷ ଯେଉଁ ଚାରି ଗୋଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ତା'ର ଫଳାଫଳ ଗତକାଲି ଗଣତି ହୋଇ ସାରିଛି। ଏସବୁ ପାଇଁ ନିର୍ବାଚନ ହୁଏତ ଜାତୀୟ ଦୃଶ୍ୟପଟରେ ସ୍ୱାଭାବିକ ଭାବରେ ସାମାନ୍ୟ କିଛି ମାତ୍ର ତରଙ୍ଗାୟିତ ପ୍ରଭାବ ସୃଷ୍ଟି କରି ଅତିକ୍ରମ କରି ଯାଇଥାନ୍ତା, କିନ୍ତୁ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳରେ ନିର୍ବାଚନୀ ଫଳାଫଳ ଅବଶ୍ୟ କେତେକ ଯୋଗ ହୋଇଥିବା ମହତ୍ତ୍ୱ ସହିତ ଆସିବାକୁ ଯାଉଛି। ଗତ ଥର ପଶ୍ଚିମବଙ୍ଗରେ ନିର୍ବାଚନୀ ଉପରାନ୍ତ ହିଂସା ଏକ ବଡ଼ ଚିନ୍ତା ଓ ପରିଣାମର ପ୍ରସଙ୍ଗ ଥିଲା। ଏହି ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକରେ ତୃଣମୂଳ କଂଗ୍ରେସ ଏବଂ ବିଜେପିର ସମର୍ଥକମାନଙ୍କ ମଧ୍ୟରେ ହିଂସାକାଣ୍ଡମାନ ଘଟି ବେଶ୍ କେତେକ ସଂଖ୍ୟକ ଲୋକଙ୍କ ପ୍ରାଣ ଯାଇଥିଲା; ବିଜେପି କାର୍ଯ୍ୟକର୍ତ୍ତାମାନେ ସେମାନଙ୍କର ଜୀବନ ବଞ୍ଚାଇବାକୁ ଗାଁ ଛାଡ଼ି ପଳାୟନ କରିଥିବାର ଖବରମାନ ମଧ୍ୟ ପ୍ରକାଶ ପାଇଥିଲା। ଚଳିତ ଥର କିନ୍ତୁ ସେପରି ଘଟଣାଗୁଡ଼ିକର ପୁନରାବୃତ୍ତି ଘଟିବାକୁ ସୁଯୋଗ ନଦେବା ପାଇଁ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ ଦୃଢ଼ପ୍ରତିଜ୍ଞ ଥିବା ମନେହୁଏ। ରିପୋର୍ଟ ପ୍ରକାଶ ପାଇଛି ଯେ ଗଣ୍ଡଗୋଳ ସୃଷ୍ଟିକାରୀମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ସୁନିଶ୍ଚିତ କରିବା ପାଇଁ ଏହି ରାଜ୍ୟରେ ଚଳିତ ଥର କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ୍‌ର ଆନୁମାନିକ ୭୦ ହଜାର ସୈନ୍ୟ ମୁତୟନ କରାଯିବେ। ଏହି ସୈନ୍ୟମାନେ ରାଜ୍ୟରେ ଏକ ନୂଆ ସରକାର ଶାସନ ଭାର ହାତକୁ ନେବା ପରେ ମଧ୍ୟ କିଛି ଦିନ ରହିବେ ବୋଲି କୁହାଯାଉଛି। ଇତି ମଧ୍ୟରେ କେନ୍ଦ୍ର ସରକାର ରାଜ୍ୟର ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟକାଳକୁ ଆଉ ଛଅ ମାସ ବୃଦ୍ଧି କରି ଦେଇଥିବାର ରିପୋର୍ଟ ପ୍ରକାଶ ପାଇଛି। ଏପରି ନିଷ୍ପତ୍ତିଗୁଡ଼ିକ ନେବା ପଛରେ କେନ୍ଦ୍ର ସରକାରଙ୍କ ନିକଟରେ ନିଜର ତର୍କ ରହିଥାଇ ପାରେ, କିନ୍ତୁ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ବିଶ୍ୱାସକୁ ନ ନେଇ ଏପରି କେତେ ଦିନ ଏହା ନିଜର କାର୍ଯ୍ୟ ଚାଲୁ ରଖିବେ ଏବଂ ସର୍ବୋପରି ଏଭଳି ନିଷ୍ପତ୍ତିଗୁଡ଼ିକ ସାମ୍ବିଧାନିକ ଭାବରେ କେତେଦୂର ଉତ୍ତମ ନିଷ୍ପତ୍ତି, ସେ ସମ୍ପର୍କରେ ସମୟ ଅତିବାହିତ ହେବା ସହିତ ପ୍ରଶ୍ନମାନ ଉଠି ଚାଲିବ।

ନିର୍ବାଚନର ଫଳାଫଳଗୁଡ଼ିକ ରାଜନୀତିକ ଦୃଷ୍ଟିକୋଣରୁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ହେବ। ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳ ହେଉଛି ଅଳ୍ପ କେତେକ ରାଜ୍ୟଙ୍କ ମଧ୍ୟରୁ ତିନି ଗୋଟି ରାଜ୍ୟ, ଯେଉଁମାନେ କି ଗେରୁଆ ଦଳକୁ ଏ ପର୍ଯ୍ୟନ୍ତ ସେମାନଙ୍କୁ କବ୍‌ଜା କରିବାଠାରୁ ଦୂରେଇ ରଖି ଆସିଛନ୍ତି। ତୃଣମୂଳ କଂଗ୍ରେସ ପୂର୍ବରୁ ଗତ ଚାରି ପାଞ୍ଚ ଦଶନ୍ଧି ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜନୀତିକ ଇତିହାସ କଂଗ୍ରେସ ଏବଂ କମ୍ୟୁନିଷ୍ଟମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇ ଆସୁଥିଲା; ଉଭୟ ଖେଳାଳି ବର୍ତ୍ତମାନ ସେମାନଙ୍କର ସତ୍ତାର ଚିହ୍ନଟ ହେବାଠାରୁ ମଧ୍ୟ ତଳକୁ ଖସି ଯାଇଛନ୍ତି; ଆଜିକା ସମୟର ପଶ୍ଚିମବଙ୍ଗ ହେଉଛି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଯୁଦ୍ଧକ୍ଷେତ୍ର, ଯାହା କଂଗ୍ରେସ ଏବଂ ବିଜେପିର ଉତ୍ତରାଧିକାରକୁ ସାମ୍ନାରେ ଦେଖିବାକୁ ପାଉଛି। ବଙ୍ଗଳା ଗଡ଼ରେ ଟିଏମ୍‌ସିକୁ ପରାଭୂତ କରି ପ୍ରବେଶ କରିବାକୁ ଗୈରିକ ବାହିନୀ ଦୃଢ଼ ନିଷ୍ପତ୍ତିପୂର୍ଣ୍ଣ ଉଦ୍ୟମ କରିଛନ୍ତି। ଏଠାରେ ବିଜେପି ନିମନ୍ତେ ବିଜୟ ସମଗ୍ର ଦେଶର ରାଜନୀତିକୁ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ପରିବର୍ତ୍ତିତ କରିଦେବ, ଯେହେତୁ ଏହା ବିରୋଧୀମାନଙ୍କୁ ଆଶାତୀତ ଭାବରେ ଦୁର୍ବଳ କରିଦେବାର ସୁଯୋଗ ଲାଭ କରିବ।

ତାମିଲନାଡୁର ରାଜନୀତି ବିଗତ କେତେ ଦଶନ୍ଧି ଭିତରେ ପ୍ରଥମ ଥର ପାଇଁ ଏକ ବିସ୍ମୟର ସାମ୍ନା କରିବାକୁ ଯାଉଛି। ଏହି ରାଜ୍ୟର ରାଜନୀତିକ ଦୃଶ୍ୟପଟରେ ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ଦ୍ୱାରା ନୂତନ ଭାବରେ ପ୍ରତିଷ୍ଠିତ ଦଳ ତାମିଲିଗା ଭେଟ୍ରି କାଜାଗାମ୍‌ର ପ୍ରବେଶ ଘଟିଛି ଏବଂ ଯଦି ଏହି ନୂଆ ଦଳ କିଛି ସଂଖ୍ୟକ ଆସନରେ ବିଜୟୀ ହୁଏ, ତା'ହେଲେ ତାହା ହେବ ସମ୍ପୃକ୍ତ ରାଜ୍ୟର ରାଜନୀତି ପାଇଁ ଏକ ବିସ୍ମୟକର ଘଟଣା। ରାଜ୍ୟରେ ଅଧିକାଂଶ ରାଜନୀତିକ ଦଳ ଧରି ନେଇଛନ୍ତି ଯେ ଏହି ନୂଆ ଦଳ ଗୋଟିଏ ଗୋଷ୍ଠୀ, ବିଶେଷକରି ଯୁବ ଗୋଷ୍ଠୀର ଭୋଟରଙ୍କ ଉପରେ ନିଜର ଯାଦୁକରୀ ପ୍ରଭାବ ପକାଇ ପାରିଛି; କେତେକ ଏକ୍‌ଜିଟ୍ ପୋଲ୍ ମଧ୍ୟ ଏହି ଧାରାକୁ ପୁଷ୍ଟ କରିଛନ୍ତି। ଫଳାଫଳ ପରେ ଶ୍ରୀଯୁକ୍ତ ବିଜୟଙ୍କ ବନ୍ଧୁକ କାହା ପାଇଁ କାମ କରିବ, ତାହା ଦେଖିବା ଅବଶ୍ୟ ଏକ ମଜାଦାର ଘଟଣା ହେବ। ଡିଏମ୍‌କେର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏବଂ ତାଙ୍କ ବିପକ୍ଷରେ ଛିଡ଼ା ହୋଇଥିବା ଏଆଇଏଡିଏମ୍‌କେର ଏଡାପ୍ପାଡି କେ ପଲାନିସ୍ୱାମୀ ରାଜ୍ୟର ରାଜନୀତିକୁ ସେମାନଙ୍କ ନିଜ ନିଜ ପକ୍ଷରେ ସ୍ଥିର କରିବେ ବୋଲି ଆଶା କରିଥିଲେ, କିନ୍ତୁ ଉପରୋକ୍ତ ଅଭିନେତାଙ୍କ ନାଟକୀୟ ପ୍ରବେଶ ନିଶ୍ଚିତ ଭାବରେ ସେମାନଙ୍କ କଳ୍ପନାରେ କିଛି ବ୍ୟାଘାତ ସୃଷ୍ଟି କରିଛି। ବିଜେପି, ଯାହାକି ଏ ଯାବତ୍ ମୁଖ୍ୟ ଖେଳାଳିଙ୍କୁ ଏକ ଅର୍ଥପୂର୍ଣ୍ଣ ଆହ୍ୱାନ ଦେବା ପୂର୍ବରୁ କଠିନ କ୍ଷେତ୍ରରେ ଚାଲିବା ପାଇଁ ଅତି ସାବଧାନତାର ସହିତ ମେଣ୍ଟ କରି ଆସିଛି, ତାହା ମଧ୍ୟ ଏଥର ଭୁଲ୍ ସାବ୍ୟସ୍ତ ହୋଇପାରେ, ଯଦି ଉପରୋକ୍ତ ଅଭିନେତା ଏନ୍‌ଡିଏର ଭୋଟ୍ ଅଂଶରୁ କିଛି ଛଡ଼ାଇ ନେଇ ପାରନ୍ତି, ଯାହାକି କେତେକ ଏକ୍‌ଜିଟ୍ ପୋଲ୍‌ଙ୍କ ଦ୍ୱାରା ସୂଚନା ଦିଆଯାଇଛି।

କେରଳରେ ଯଦି ଶାସକ ଏଲ୍‌ଡିଏଫ୍ ଲଗାତର ତୃତୀୟ ଥର ପାଇଁ ଶାସନ କ୍ଷମତାକୁ ଫେରେ, ତା'ହେଲେ ଏହା ଏକ ନୂତନ ଇତିହାସ ସୃଷ୍ଟି କରିବ, କାରଣ ଏହି ରାଜ୍ୟ ପ୍ରତି ପାଞ୍ଚ ବର୍ଷରେ ଥରେ ଶାସକ ପରିବର୍ତ୍ତନ କରିବାର ନୀତିକୁ ଅନୁସରଣ କରିଥାଏ, ଯଦ୍ୟପି ୨୦୨୧ରେ କମ୍ୟୁନିଷ୍ଟମାନଙ୍କ ପାଇଁ ଦ୍ୱିତୀୟ ଥର କ୍ଷମତାକୁ ଆସିବା ବସ୍ତୁତଃ ଏକ ବ୍ୟତିକ୍ରମ ଥିଲା। ଏକ୍‌ଜିଟ୍ ପୋଲ୍‌ଗୁଡ଼ିକର କହିବା ଅନୁସାରେ କଂଗ୍ରେସ-ନେତୃତ୍ୱାଧୀନ ୟୁଡିଏଫ୍ ଏହି ରାଜ୍ୟରେ ନିର୍ବାଚନୀ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଏହାର ଆଭ୍ୟନ୍ତରୀଣ କନ୍ଦଳ ଭଳି ପ୍ରିୟ ଖେଳରେ ମାତି ସାରିଛି। ଦଶ ବର୍ଷ ପରେ ଯଦି ରାଜ୍ୟର ଲୋକମାନେ ଏହି ମେଣ୍ଟକୁ ସେମାନଙ୍କୁ ଶାସନ କରିବା ପାଇଁ ଆମନ୍ତ୍ରଣ କରନ୍ତି, ତା'ହେଲେ କଂଗ୍ରେସର ଜାତୀୟ ନେତୃତ୍ୱଙ୍କୁ ଏଠାରେ ସରକାର ପ୍ରତିଷ୍ଠା କରିବା ପାଇଁ ତାଙ୍କର ସମସ୍ତ ପ୍ରକାରର ବୁଝାମଣା କୌଶଳର ଉପଯୋଗ କରିବାକୁ ପଡ଼ିବ। ସବୁଯାକ ମିଶାଇ ଦେଖିଲେ, ସମସ୍ତ ପ୍ରମୁଖ ହିତଧାରକ: ବିଜେପି, କଂଗ୍ରେସ, କମ୍ୟୁନିଷ୍ଟ, ଡିଏମ୍‌କେ ଏବଂ ତୃଣମୂଳ କଂଗ୍ରେସ-ଙ୍କ ପାଇଁ ନିର୍ବାଚନୀ ଫଳାଫଳ ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ହେବ।

# ବିତୃଷ୍ଣା ଓ ମୃତ୍ୟୁ ଚିନ୍ତା

କିଛି ଗୋଟିଏ ପାଇବାର ଆଶା ନେଇ ପ୍ରତ୍ୟେକ ଆଗକୁ ବଢ଼ି ଥାଆନ୍ତି- ସେ ମଣିଷ ହେଉ କି ଅନ୍ୟ କୌଣସି ଜୀବ। ଏହି ଅଧିକ ପାଇବାର ଇଚ୍ଛାକୁ କହନ୍ତି ତୃଷ୍ଣା। କେବେ କେବେ କୌଣସି ବସ୍ତୁ ପ୍ରତି ମଣିଷ ବିମୁଖ ହୋଇଯାଏ। ଆଦର କମି ଯାଇଥାଏ। ତା'ର ନାମ ବିତୃଷ୍ଣା। ଅନେକ ସମୟରେ ଏମିତି ମଣିଷ ମନରେ କୌଣସି ନା କୌଣସି ବସ୍ତୁ ପ୍ରତି ବିତୃଷ୍ଣା ଆସିଥାଏ। ପରେ ପୁଣି ସେହି ବସ୍ତୁ ପାଇବାକୁ ଲାଳାୟିତ ମଧ୍ୟ ହୋଇଥାଏ। ଏହା ମଣିଷର ଗୁଣ ଆଉ ଧର୍ମ। କିନ୍ତୁ ବିଚିତ୍ର କଥା ହେଉଛି, ମଣିଷ ଯଦିଓ ଜାଣୁଛି ଏ ସଂସାର ମରଣଶୀଳ, ସମସ୍ତ ବସ୍ତୁ କ୍ଷୟଶୀଳ, ତଥାପି ସେହି ବସ୍ତୁ ପାଇବାକୁ ତା' ମନରେ ଥାଏ ଅଦମ୍ୟ ତୃଷ୍ଣା। ବସ୍ତୁ ପ୍ରତି ବିତୃଷ୍ଣା ଆସିଲେ ତା' ପ୍ରତି ମମତା କମିଯାଏ। ବସ୍ତୁ ପ୍ରତି ତୃଷ୍ଣା ଆସିଲେ ବେଶି ବେଶି ବାନ୍ଧି ହେବାକୁ ପଡ଼େ। ବନ୍ଧନ ଯେତିକି ମଜଭୁତ୍, ଯନ୍ତ୍ରଣା ସେତିକି ଗାଢ଼।

ଶବଟିଏ ପଡ଼ିଲା ବେଳେ କୁକୁର, କାଉ, ଶୃଗାଳ ଇତ୍ୟାଦି ଘେରି ଥାଆନ୍ତି ଖାଦ୍ୟ ଆଶାରେ। ସେମାନଙ୍କ ଭିତରେ କଳି ଝଗଡ଼ା ମଧ୍ୟ କରି ଥାଆନ୍ତି। ପୁଣି ସେହି ଶବ ଉପରେ ବସି ତାକୁ ହିଁ ଭୋଜନ କରନ୍ତି। ଶବଟିଏ ସେମାନଙ୍କର ଖାଦ୍ୟ। ମଣିଷ ମଧ୍ୟ କେବେ କେବେ ଆମିଷ ଭୋଜନ କରିଥାଏ। କୌଣସି ଜୀବକୁ ଖାଦ୍ୟ ରୂପରେ ଭୋଜନ କଲାବେଳେ ଆମ କେବେ ଭାବି ନଥାଉ ମୁଁ ବି ଦିନେ ଏହି ଅବସ୍ଥାରେ ପହଞ୍ଚିବି। କୁଆ, କୁକୁର, ଶୃଗାଳମାନେ ମଧ୍ୟ ଦିନେ ସେହି ଶ୍ମଶାନର ଶବ ହେବେ, ସେକଥା ସେମାନେ କେବେ ବି ଭାବି ନଥିବେ। ତଥାପି ଶବ ଉପରେ ଝଗଡ଼ା କରି ଥାଆନ୍ତି। ଆଉ ମଣିଷ ତ ଆହୁରି ବିଚିତ୍ର। ତା'ର ସମସ୍ତ ଚେତନା ଥାଏ। କାହାର ଶବ ନେଲାବେଳେ ମଣିଷ ଭିତରେ ସଂସାର ପ୍ରତି ଆସିଥାଏ ସାମୟିକ ବିତୃଷ୍ଣା। ଶ୍ମଶାନରୁ ଫେରିଲା ପରେ ବିତୃଷ୍ଣା ପୁଣି ତୃଷ୍ଣାରେ ରୂପାନ୍ତରିତ ହୋଇଯାଏ। ମଣିଷ ଭୁଲି ଯାଏ ନିଜର ମୃତ୍ୟୁ କଥା।

ପ୍ରତି କାର୍ଯ୍ୟ କଲାବେଳେ ମୃତ୍ୟୁ ଚିନ୍ତା ଆସିଲେ ହୁଏତ ମଣିଷ ଭଲ କିଛି କରିବାର ସଂକଳ୍ପ ନେଇ ପାରନ୍ତା। ବିତୃଷ୍ଣା ପ୍ରଭାବରେ ନିଷ୍ପ୍ରଭ ନହୋଇ ସଚେତନ ହେବା ଆବଶ୍ୟକ। କିଛି ଭଲ କାର୍ଯ୍ୟ କରିଯିବାର ମହତ ଚେଷ୍ଟା ରଖିବା ଉଚିତ୍।

ପବାରବିନ୍ଦ

## ସମ୍ପାଦକଙ୍କୁ ପତ୍ର

# ବରଗୀ ଡ୍ୟାମ୍ ଟ୍ରାଜେଡିରୁ ଶିକ୍ଷା

ମଧ୍ୟପ୍ରଦେଶ ଜବଲପୁରର ବରଗୀ ଡ୍ୟାମ୍‌ରେ ଘଟିଥିବା ଡଙ୍ଗାବୁଡ଼ି ମର୍ମନ୍ତୁଦ ଦୁର୍ଘଟଣା ସାରା ଦେଶକୁ ସ୍ତବ୍ଧ କରି ଦେଇଛି। ପ୍ରବଳ ଝଡ଼ ଏବଂ ଉଚ୍ଚ ଲହରୀ ଯୋଗୁଁ ଏହା ବୁଡ଼ିଯିବା ଫଳରେ ଅନେକ ଜୀବନ ପଲକ ମଧ୍ୟରେ ଜଳ ସମାଧି ନେଇଥିଲା। ଏହି ଭୟଙ୍କର ଦୃଶ୍ୟ ସମସ୍ତଙ୍କ ହୃଦୟକୁ ଥରାଇ ଦେଇଛି। ଡଙ୍ଗାରେ ପରିବହନ କ୍ଷମତାଠାରୁ ଅଧିକ ଯାତ୍ରୀ ଥିଲେ, ଯାହା ଫଳରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା। ଏହି ଟ୍ରାଜେଡି ପରେ ପର୍ଯ୍ୟଟନ ସ୍ଥଳୀ ଏବଂ ଡ୍ୟାମଗୁଡ଼ିକରେ ବୋଟିଂ ସମୟରେ ଲାଇଫ୍ ଜ୍ୟାକେଟ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ନିୟମର ପାଳନକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମ ରାଜ୍ୟରେ ମଧ୍ୟ ଅନେକ ନଦୀରେ ଫେରିଘାଟ ପଡ଼େ। ଲାଇଫ୍ ଜ୍ୟାକେଟ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ବାବଦରେ କେହି ଚିନ୍ତା ବି କରନ୍ତି ନାହିଁ। ଦୁର୍ଘଟଣା ଘଟିବା ପରେ ଅନେକ ଆଲୋଚନା ହୁଏ। ଦୋଷ ଦୁର୍ବଳତା ଖୋଜାଯାଏ। ତେବେ ଏଠାରେ ପ୍ରଶ୍ନ ଉଠେ- ଆମେ ପୂର୍ବରୁ କାହିଁକି ସାବଧାନତା ଅବଲମ୍ବନ ନ କରିବା ! ଆମର ଅନୁରୋଧ, ଆମ ରାଜ୍ୟରେ ଥିବା ଫେରିଘାଟ ନୌକାକୁ ସମୟ ଅନ୍ତରାଳରେ ଯାଞ୍ଚ କଲେ ଅକାଳରେ ଯାଉଥିବା ଅନେକ ଧନ ଜୀବନ ରକ୍ଷା କରାଯାଇ ପାରିବ।

ଦେବେନ୍ଦ୍ର କୁମାର ରାଉଳ
ଜୁଣଗଡ଼ି, ରାଜନଗର, କେନ୍ଦ୍ରାପଡ଼ା

# ନୂଆ ସରକାରଙ୍କୁ ନିବେଦନ ପତ୍ରଟିଏ

ନୂଆ ସରକାରଙ୍କୁ ଅଜସ୍ର ଅଭିନନ୍ଦନ। ଏହି ପରିପ୍ରେକ୍ଷୀରେ ନିବେଦନ ପତ୍ରଟିଏ। ନିଜ ଅଞ୍ଚଳରେ କାମ ନ ପାଇ ଲୋକେ 'ଦାଦନ' ଭାବରେ ବାହାରକୁ ଯିବାକୁ ବାଧ୍ୟ ହୁଅନ୍ତି। ତେଣୁ ରାଜ୍ୟରେ ଯୋଗ୍ୟତା ଆଧାରରେ ଲୋକଙ୍କୁ ସାରା ବର୍ଷ କାମ ଯୋଗାଇ ଦିଆଯାଉ। ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଏକ ପ୍ରମୁଖ ସମସ୍ୟା। ଲୋ-ଭୋଲ୍‌ଟେଜ୍ ଓ ଘନଘନ ବିଦ୍ୟୁତ୍ କାଟରେ ଲୋକମାନେ ଅସହ୍ୟ ଯନ୍ତ୍ରଣା ଭୋଗି ଥାଆନ୍ତି। ଗ୍ରୀଷ୍ମ ପ୍ରବାହ ଅଧିକ ଦିନ ଲାଗି ରହିବାର ଆଶଙ୍କା ଥିବାରୁ ଏହାର ତୁରନ୍ତ ସମାଧାନ ଜରୁରୀ। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ବହୁ ଶିକ୍ଷକ, ଅଧ୍ୟାପକ, ଅଣଶିକ୍ଷକ ପଦ ଖାଲି ପଡିଥିବାରୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଛି। ଓଡ଼ିଶାରେ ଏବେ ମଦର ବନ୍ୟା। ଗାଁ ଗଣ୍ଡା, ସହରର ଗଳିକନ୍ଦିରେ ମଦ ଦୋକାନ। ମଦ ପିଇ କେତେ ଯେ ପରିବାର ଉଜୁଡ଼ି ଯାଇଛି, ତା'ର ହିସାବ ନାହିଁ। ତେଣୁ ମଦର ପ୍ରସ୍ତୁତି ଓ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହେଉ। ଅଧିକାଂଶ ଡାକ୍ତରଖାନାରେ ଡାକ୍ତର, ମେଡିକାଲ କଲେଜରେ ବିଶେଷଜ୍ଞ ପଦବୀ ତଥା ଟେକ୍ନିସିଆନ୍ ପୋଷ୍ଟ ଖାଲି ପଡ଼ିଛି। ଏସବୁ ତୁରନ୍ତ ପୂରଣ କରାଯାଉ। ଏବଂ ଶେଷରେ, ଓଡ଼ିଆ ଅସ୍ମିତା। ସଙ୍କଟ ଦେଇ ଗତି କରୁଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପୁନରୁତ୍ଥାନ ଓ ଓଡ଼ିଆ ସ୍ୱାଭିମାନର ପୁନଃପ୍ରତିଷ୍ଠା। ଓଡ଼ିଶାର କୋଟିଆ ପରି ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତି ବିପନ୍ନ। ନୂଆ ସରକାର ଉପରୋକ୍ତ ସମସ୍ୟାକୁ ଶହେ ଦିନିଆ କାର୍ଯ୍ୟକ୍ରମରେ ସାମିଲ୍ କରି ସମାଧାନ କରିବାକୁ ବିନମ୍ର ନିବେଦନ ଜଣାଉ ଅଛି।

ପ୍ରତାପ ନାୟକ, କଳିଙ୍ଗ ବିହାର
ପାତ୍ରପଡ଼ା, ଭୁବନେଶ୍ୱର

# ଜିଲ୍ଲା ତାଇକ୍ୱୋଣ୍ଡୋ ଚାମ୍ପିଅନସିପ୍




**ସୋର,୪।୫/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ୧୦ମ କିରୋଗୀ ଓ ୭ମ ପୁଂସି ତାଇକ୍ୱୋଣ୍ଡୋ ଚାମ୍ପିଅନସିପ୍-୨୦୨୬ ସୋରୋ ତାଇକ୍ୱୋଣ୍ଡୋ ଏକାଡେମୀ ଏବଂ ବାଲେଶ୍ୱର ଜିଲ୍ଲା ତାଇକ୍ୱୋଣ୍ଡୋ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ମନମୋହନ ଭଞ୍ଜ, ସାଧାରଣ ସମ୍ପାଦକ ଅଶୋକ କୁମାର ମହାନ୍ତି, ସେଣ୍ଟ୍ ଜାଭିଅର୍ ଉଚ୍ଚବିଦ୍ୟାଳୟ ଏମ୍‌ଡି ସୁଧାରଣୀ ଜେନା, ଫିଙ୍ଗର ଉର୍ଦ୍ଧ୍ୱ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ପାତ୍ର, ଯୁବ ସଭାପତି ପବିତ୍ର ସେଠୀ, କାଉନସିଲର୍, ଜିଲ୍ଲା ସଂଘର ସଭାପତି ଅବଦୁଲ୍ ଉଦୁତ୍ ଖାନ୍, ସଂଘର ସଦସ୍ୟ ସୁବ୍ରତ ମହାରଣା ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଆଗାମୀ ଦିନରେ ଉଚ୍ଚସ୍ତରରେ ସଫଳତା ଲାଭ କରିବାକୁ ପ୍ରେରଣା ଦେଇଥିଲେ। ଏହି ପ୍ରତିଯୋଗିତାରେ କିରୋଗୀ ଓ ପୁଂସି ବିଭାଗରେ ସୁପର୍ ସବ୍‌ଜୁନିଅର, ସବ୍‌ଜୁନିଅର୍, କ୍ୟାଡେଟ୍, ଜୁନିଅର୍ ଓ ସିନିଅର୍ ବୟସ୍ ବର୍ଗରେ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ମୋଟ୍ ୩ଟି ଏକାଡେମୀରୁ ପ୍ରାୟ ୫୦ ଜଣ କିରୋଗୀ ଏବଂ ପୁଂସି ଖେଳାଳି ଅଂଶଗ୍ରହଣ କରି ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାକୁ ଓଡ଼ିଶା ୧୦ମ କିରୋଗୀ ଓ ୭ତମ ପୁଂସି ସଂଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ତାଇକ୍ୱାଣ୍ଡୋ ମାଷ୍ଟରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସଫଳ ଭାବେ ପରିଚାଳିତ ହୋଇଥିଲା। ଶେଷରେ ବିଜେତା ଓ ରନର୍ସଅପ୍ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏପରି ପ୍ରତିଯୋଗିତା ଜିଲ୍ଲାରେ ତାଇକ୍ୱୋଣ୍ଡୋ କ୍ରୀଡ଼ାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଜିଲ୍ଲା ସମ୍ପାଦକ ଅତାଉଲ୍ଲା ଖାନ୍ କହିଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର



**ବାରିପଦା,୪।୫/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଏବଂ ଈଶ୍ୱର ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବାରିପଦା ଉପଖଣ୍ଡର ସର୍ବମୋଟ୍ ୧୬୯ଟି ଅଭିଯୋଗର ଶୁଣାଣି କରାଯାଇଛି। ଏଥିରେ ୧୪୭ଟି ବ୍ୟକ୍ତିଗତ ଓ ୨୨ଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ରହିଛି। ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଛି। ଏହି ଅବସରରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶିବିରରେ ସହଯୋଗ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ମାଟ୍ରିକ୍ ପରୀକ୍ଷାରେ ମାନସୀ ମଡେଲ୍ ସ୍କୁଲ୍‌ର ଶତପ୍ରତିଶତ ସଫଳତା




**କେନ୍ଦୁଝର,୪।୫/ଏନ୍‌ଏନ୍‌ଏସ୍:** କେନ୍ଦୁଝରଗଡ଼ ଗୁମୁରାସ୍ଥିତ ମାନସୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ଦ୍ୱାରା ପରିଚାଳିତ ମାନସୀ ମଡେଲ୍ ସ୍କୁଲ୍ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ଉକ୍ତ ଅନୁଷ୍ଠାନର ୪୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗ୍ରେଡ୍ ଏ-୧ରେ ୨ ଜଣ, ଏ-୨ରେ ୫ ଜଣ, ବି-୧ରେ ୧୩ ଜଣ, ବି-୨ରେ ୧୦ ଜଣ, ସିରେ ୮ଜଣ, ଡିରେ ୩ ଜଣ ଓ ଇରେ ୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ସୌମ୍ୟ ରଞ୍ଜନ ସାହୁ ଓ ଓମ୍ ପ୍ରକାଶ ମହାନ୍ତ ୫୪୦ ଅର୍ଥାତ୍ ୯୦ ପ୍ରତିଶତ ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହେବାସହ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଗତ ୨୫ ବର୍ଷ ଧରି ଅନୁଷ୍ଠାନର ପରୀକ୍ଷାଫଳ ଶତପ୍ରତିଶତ ରହିଛି। ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଓ ଭରସା ଅନୁଷ୍ଠାନ ବଜାଇ ରଖିଥିବାରୁ ଅନୁଷ୍ଠାନର ପୃଷ୍ଠପୋଷକ ରବିନାରାୟଣ ମହାନ୍ତ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେବାସହ ସେମାନଙ୍କ ନିଷ୍ଠା, ପରିଶ୍ରମକୁ ପ୍ରଶଂସା କରିଛନ୍ତି। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀଙ୍କ ପରିଶ୍ରମକୁ ଶ୍ରେୟ ଦେଇ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଅନୁଷ୍ଠାନର ପ୍ରଧାନଶିକ୍ଷକ୍ ଜ୍ୟୋତିରଞ୍ଜନ ସାହୁ ମଧ୍ୟ ଛାତ୍ରଛାତ୍ରୀଙ୍କ ଏହି ସଫଳତାକୁ ଶ୍ରେଷ୍ଠତା ପ୍ରଦାନ କରିଛନ୍ତି।

## ରେମୁଣା ସିଏଚ୍‌ସିର ବିକଳ ଚିତ୍ର

# କାଗଜପତ୍ରରେ ଉପସ୍ଥିତି ଦର୍ଶାଇ ଡାକ୍ତର୍ ଓ ଷ୍ଟାଫ୍ ନର୍ସ ଅନୁପସ୍ଥିତ

**ବାଲେଶ୍ୱର,୪।୫/ଏନ୍‌ଏନ୍‌ଏସ୍:**
କାଗଜପତ୍ରରେ ଡାକ୍ତର ଡ୍ୟୁଟିରେ ଅଛନ୍ତି କିନ୍ତୁ ବାସ୍ତବରେ ଅନୁପସ୍ଥିତ ରହୁଛନ୍ତି। କିଛି ଡାକ୍ତର ବିଳମ୍ବରେ ମଧ୍ୟ ଆସୁଛନ୍ତି । ଜଣେ ଡାକ୍ତର ସପ୍ତାହରେ ଦୁଇଦିନ ସାପ୍ତାହିକ ଛୁଟି ନେଉଛନ୍ତି। ସେହିପରି ଷ୍ଟାଫ୍ ନର୍ସଙ୍କ କ୍ଷେତ୍ରରେ ମଧ୍ୟ ସମାନ ଢଙ୍ଗରେ କାର୍ଯ୍ୟ ଚାଲିଛି। ଏକ୍ସ-ରେ ମେସିନ୍ ଅଛି, ରେଡିଓ ଗ୍ରାଫର୍ ଅଛନ୍ତି କିନ୍ତୁ ଏକ୍ସ-ରେ ହେଉନାହିଁ। ଦୀର୍ଘ ବର୍ଷ ଧରି ଡାକ୍ତର୍, ଷ୍ଟାଫ ନର୍ସ ଓ ଏଏନ୍‌ଏମ୍ ପ୍ରମୁଖ ଷ୍ଟାଫ୍‌ଙ୍କ ମନମାନୀ ଯୋଗୁ ରୋଗୀଙ୍କ ସେବା ବ୍ୟାହତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।




ସୂଚନାନୁସାରେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ୭ ଜଣ ସ୍ଥାୟୀ ଏବଂ ଜଣେ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ମିଶାଇ ୮ ଜଣ ଅଛନ୍ତି। ଡାକ୍ତରଖାନା ନିୟମ ମୁତାବକ ରବିବାର ବ୍ୟତୀତ ଅନ୍ୟଦିନ ସକାଳ ୭ରୁ ୧୧ଟା ଓପିଡି ରୋଗୀସେବା, ଓପିଡି ପରେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜଣେ ଡାକ୍ତର (ଓପିଡି ସହ), ଅପରାହ୍ନରୁ ରାତି ୮ଟା ପର୍ଯ୍ୟନ୍ତ ଜଣେ ଓ ରାତି ୮ରୁ ସକାଳ ୮ ପର୍ଯ୍ୟନ୍ତ ଜଣେ ଡାକ୍ତର ଡ୍ୟୁଟିରେ ରହିବାର ନିୟମ ରହିଛି। ବ୍ଲକ୍ ପବ୍ଲିକ୍ ହେଲ୍ଥ ଅଫିସର୍ ତଥା ଭାରପ୍ରାପ୍ତ ଅଧୀକ୍ଷକ ଡା. ରାମଚନ୍ଦ୍ର କିସ୍କୁଙ୍କ କହିବା କଥା ସେ ଆଦୌ ରୋଗୀ ଦେଖନ୍ତି ନାହିଁ । ଏଠାରେ ସୋମବାର ବ୍ୟତୀତ ରବିବାର ଦୁଇ ଜଣ ଏବଂ ବାକି ଦିନରେ ଜଣେ ଲେଖାଏଁ ଡାକ୍ତର ସାପ୍ତାହିକ ଛୁଟି ନିଅନ୍ତି। ଏହି ଫର୍ମୁଲା ଅନୁଯାୟୀ ସୋମବାର ୫ ଜଣ ଏବଂ ବାକିଦିନରେ ୪ ଜଣ ଡାକ୍ତର ଓପିଡିରେ ଚିକିତ୍ସା କରିବା କଥା। କିନ୍ତୁ ବାସ୍ତବରେ ତାହା ହେଉନାହିଁ। ସୋମବାର ରୋଗୀଙ୍କ ଲମ୍ବା ଲାଇନ୍ ଲାଗିଥିବାବେଳେ ଓପିଡିରେ ଡା. ରାଜଶ୍ରୀ ବେହେରା ଉପସ୍ଥିତ ଥିଲେ। ପରେ ବିଳମ୍ବରେ ଡା. ଆଶା ଅଗ୍ରୱାଲ ଓପିଡିକୁ ଆସିଥିଲେ ଏବଂ ସେହି ୨ ଜଣ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମଧ୍ୟ ଡ୍ୟୁଟିରେ ଥିଲେ। ଅପରାହ୍ନ ୧ଟା ରୁ ରାତି ୮ଟା ପର୍ଯ୍ୟନ୍ତ ଡା. ଶୁଭମ୍ ଭୂୟାଁ ଏବଂ ରାତି ୮ରୁ ସକାଳ ୮ଟା ପର୍ଯ୍ୟନ୍ତ ଡା. ଅଂଶୁପା ରାଉଳ ଡ୍ୟୁଟିରେ ରହିଥିବା ଜଣାପଡ଼ିଛି। ମାତ୍ର ଦୁଃଖର ବିଷୟ ସୋମବାର ଓପିଡିରେ ବାକି ୩ ଜଣ ଡାକ୍ତର ଅନୁପସ୍ଥିତ ଥିଲେ। ସେହିପରି ଷ୍ଟାଫ ନର୍ସମାନେ ସକାଳ ୯ରୁ ଅପରାହ୍ନ ୨ଟା, ୨ଟାରୁ ରାତି ୯ ଓ ରାତି ୯ରୁ ସକାଳ ୯ଟା ପର୍ଯ୍ୟନ୍ତ ୩ଟି ସିଫ୍ଟରେ କାର୍ଯ୍ୟ କରନ୍ତି। ପ୍ରତିଦିନ ଜଣେ ସାପ୍ତାହିକ ଛୁଟିରେ ରହିବା କଥା। କିନ୍ତୁ ସିଏଚ୍‌ସିରେ ପ୍ରତି ସିଫ୍ଟରେ ଦୁଇ ଜଣଙ୍କ ସ୍ଥାନରେ ଜଣେ ଷ୍ଟାଫ୍ ନର୍ସ କାର୍ଯ୍ୟ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଉଭୟ ଡାକ୍ତର ଏବଂ ଷ୍ଟାଫ୍ ନର୍ସ ସାପ୍ତାହିକ ଛୁଟି ବ୍ୟତୀତ ରାତି ଡ୍ୟୁଟି ପରଦିନ ଛୁଟିରେ ରହୁଛନ୍ତି ଯାହା ଅସାମ୍ବିଧାନିକ ଏବଂ ସମ୍ପୂର୍ଣ୍ଣ ବେଆଇନ।

**କାର୍ଯ୍ୟକ୍ଷମ ହେଉନି ଏକ୍ସ-ରେ ମେସିନ୍**

**ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ରାଜ୍ୟରେ ପ୍ରାୟତଃ କୌଣସି ସିଏଚ୍‌ସିରେ ଏକ୍ସ-ରେ ବ୍ୟବସ୍ଥା ନାହିଁ । କିନ୍ତୁ ଏଠାରେ ରୋଗୀଙ୍କ ଆବଶ୍ୟକତାକୁ ଉପଲବ୍ଧ କରି ସ୍ଥାନୀୟ ବି ଆଣ୍ଡ ପ୍ୟାକେଜିଂ କାରଖାନା ପକ୍ଷରୁ ପ୍ରାୟ ୩ ବର୍ଷ ତଳେ ଏକ ଏକ୍ସ-ରେ ମେସିନ୍ ଦିଆଯାଇଥିଲା। ଭିତ୍ତିଭୂମିର ଅଭାବ ଏବଂ ରେଡିଓଗ୍ରାଫର୍ ନଥିବାରୁ ତାହା ପଡ଼ି ରହିଥିଲା। ଏହା ଭିତରେ ଏକ୍ସ-ରେ ମେସିନ୍‌ର ଯନ୍ତ୍ରାଂଶ ମଧ୍ୟ ଚୋରି ହୋଇଗଲା। କିନ୍ତୁ ବର୍ତ୍ତମାନ ରେଡିଓଗ୍ରାଫର୍ ଥିବାବେଳେ ଅର୍ଥର ଅଭାବ ପାଇଁ ମେସିନ୍ ସଜଡ଼ା ଯାଇପାରୁ ନାହିଁ। ଉଲ୍ଲେଖଯୋଗ୍ୟ ଏହି ମେସିନ୍ ଚାଲିବାକୁ ହେଲେ ଭାବା ଏଟୋମିକ୍ ଏନର୍ଜୀ କମିଶନ୍‌ରୁ ରେଡିଓଲଜିକାଲ୍ ହାଜାର୍ଡ ପରମିଶନ୍ ଆବଶ୍ୟକ । କିନ୍ତୁ ଡାକ୍ତର କିସ୍କୁ କମ୍ପାନୀ ଏକ୍ସ-ରେ ମେସିନ୍‌ର କାଗଜ ପତ୍ର ଦେଇନଥିବା, ଅର୍ଥ ଓ ଭିତ୍ତିଭୂମିର ଆଳ ଦେଖାଇ ଭାବା ଏଟୋମିକ୍ ଏନର୍ଜୀ କମିଶନ୍ ପରିବର୍ତ୍ତେ ବାଲେଶ୍ୱର କେଟିପିଏଲ୍‌ଙ୍କୁ ପତ୍ରସଂଖ୍ୟା ୨୭୦, ତା.୧୦.୦୩.୨୬ରେ ଚିଠି ଏବଂ ମେମୋ ନଂ ୨୭୧ ଓ ମେମୋ ନଂ ୨୭୨ରେ ଉଭୟ ସିଡିଏମ୍‌ଓ ଏବଂ କାରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଦେଇ ହାତ ବାନ୍ଧି ବସିଛନ୍ତି। ଏନେଇ ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର କିସ୍କୁଙ୍କୁ ପଚାରିବାରୁ ସାରା ରାଜ୍ୟରେ ରାତି ଡ୍ୟୁଟି ପରେ ଛୁଟି ନେବା ବ୍ୟବସ୍ଥା ରହିଛି । ଅର୍ଥର ଅଭାବ ଏବଂ ଏନର୍ଜୀ କମିଶନ୍‌ଙ୍କ ଅନୁମତି ନଥିବାରୁ ଏକ୍ସ-ରେ ମେସିନ୍ ଚାଲିପାରୁ ନାହିଁ ବୋଲି କହିଥିଲେ। ତେଣୁ ରେମୁଣା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସିଏଚ୍‌ସିରେ ଡାକ୍ତର୍-ଷ୍ଟାଫ ନର୍ସଙ୍କ ମନମାନି କାର୍ଯ୍ୟର ଏକ ବିଧିବଦ୍ଧ ତଦନ୍ତ ପୂର୍ବକ ଦୋଷୀ ଅଧିକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଏବଂ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ତଥା ଏକ୍ସ-ରେ ବ୍ୟବସ୍ଥା କରାଇବାକୁ ସାଧାରଣରେ ଦାବି ହେଉଛି।

# ବାଗୁଡ଼ିର ଦୁଇ ସ୍ଥାନରେ ଚୋରି

**ସୋର,୪।୫/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତରେ ଦିନଦ୍ୱିପହରରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚୋରି ହୋଇଛି। ସୋମବାର ଦିନ ପ୍ରାୟ ୧୨ଟାରେ ଜୁଡ଼ାମ୍ବସ୍ଥିତ ପୁଷ୍ପଲତା ସାହୁଙ୍କ ଘରେ କେହିନଥିବାର ସୁଯୋଗ ନେଇ ଗେଟ୍ ତାଲା ଭାଙ୍ଗି ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ନଗଦ ୩୫ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ସେହିପରି ମହୁମୁହାଣରେ ଉପେନ୍ଦ୍ର ସାହୁଙ୍କ ଘର ତାଲା ଭାଙ୍ଗି ସୁନା ହାର, ନେକ୍ଲେସ୍ ଓ ମୁଦି ଆଦି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଏନେଇ ସୋର ପୁଲିସ୍ ଅଭିଯୋଗପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# କୁଡୁମାଲୀ କଲଚୁରାଲ୍ ଆସୋସିଏସନ୍ ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ବାରିପଦା,୪।୫/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାରିପଦାର ଛାତ୍ର ପାର୍ଥସାରଥୀ ମହାନ୍ତ ୫୮୮ ନମ୍ବର ରଖି ଓଡ଼ିଶାର ଟପ୍ପର୍ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କୁଡୁମାଲୀ କଲଚୁରାଲ୍ ଏସୋସିଏସନ୍ ପକ୍ଷରୁ ତାଙ୍କ ବାରିପଦାସ୍ଥିତ ମଧୁବନ ବାସଭବନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏସୋସିଏସନ୍‌ର ସଭାପତି ଡ. ଭକ୍ତହରି ମହାନ୍ତଙ୍କ ପୌରୋହିତ୍ୟ ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାର୍ଥସାରଥୀଙ୍କୁ ମାନପତ୍ର ସହ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ବାପା ଜଣେ ପାଇପ୍ ମିସ୍ତ୍ରୀ ଓ ମାଆ ଜଣେ ଆଶାକର୍ମୀ ହୋଇ ମଧ୍ୟ ସାରା ଓଡ଼ିଶାରେ ଟପ୍ପର୍ ହୋଇ ଜଣେ ମେଧାବୀ ଛାତ୍ରଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଏନ୍‌ଆର୍‌ଟିଏସ୍-୨୦୨୫ରେ ଜିଲ୍ଲାରେ ପ୍ରଥମ, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପ୍ରତିଯୋଗିତାରେ ଜିଲ୍ଲାରେ ପ୍ରଥମ, ପ୍ରାଦେଶିକ ମେଧା ପରୀକ୍ଷା-୨୦୨୫ ରାଜ୍ୟରେ ପ୍ରଥମ, ଭାରତୀକୃଷ୍ଣ ଗଣିତ ପରୀକ୍ଷା ୨୦୨୫ରେ ରାଜ୍ୟରେ ପ୍ରଥମ ହେବାସହ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁରୁସ୍କାର ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗଣେଶ୍ୱର ମହାନ୍ତ, ଇଂ ଯୁଧୀଷ୍ଠିର ମହାନ୍ତ, ବାରିପଦା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପଦ୍ମଲୋଚନ ମହାନ୍ତ, ସମାଜସେବୀ ବୁଧୁରାମ ସିଂ, ମାମୁଁ ଯୋଗେଶ୍ୱର ମହାନ୍ତ, ବାପା ଗଣେଶ୍ୱର ମହାନ୍ତ, ମାତା ସାବିତ୍ରୀ ମହାନ୍ତ, ଅଜା ଉପେନ୍ଦ୍ର ମହାନ୍ତ, ଆଇ ଗୀତା ମହାନ୍ତ, ଜେଜେମା' ବାରି ମହାନ୍ତ ଓ ବଡ଼ମାମୁଁ ରାମେଶ୍ୱର ମହାନ୍ତ ଉପସ୍ଥିତ ଥାଇ ତାଙ୍କୁ ଉତ୍ସାହିତ କରିଥିଲେ। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବେ ବୋଲି ଅଭିଳାଷ ଆଶାବ୍ୟକ୍ତ କରିଛନ୍ତି।



# ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର



**ଯୋଡ଼ା,୪।୫/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଦିନକୁଦିନ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସେମାନଙ୍କ ରକ୍ଷଣାବେକ୍ଷଣ ତଥା ଚିକିତ୍ସା ପାଇଁ ନନ୍ଦୀ ଗୋ-ସେବା ସଂସ୍ଥା ଅଣ୍ଟା ଭିଡ଼ିଛି। ନିକଟରେ ଏକ କମ୍ ବୟସର ମହିଳା ମାନସିକ ରୋଗୀ ଉପରେ କିଛି ଯୁବକଙ୍କ ଅତ୍ୟାଚାର ନନ୍ଦୀ ଗୋ-ସେବା ସଦସ୍ୟଙ୍କୁ ବ୍ୟଥିତ କରିଥିଲା। ତେଣୁ ଉକ୍ତ ମହିଳାଙ୍କ ସୁରକ୍ଷା ସହିତ ଅନ୍ୟ ରୋଗୀଙ୍କ ସୁରକ୍ଷା ଓ ଚିକିତ୍ସା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ୍ ହୋଇଥିଲେ। ସୋମବାର ଉକ୍ତ ଅଧିକାରୀ ଓ ନନ୍ଦୀ ଗୋ-ସେବା ସଂସ୍ଥାର ସଦସ୍ୟଙ୍କ ଦ୍ୱାରା ଉକ୍ତ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝରରେ ଥିବା ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ଉତ୍ତମ ଚିକିତ୍ସା ସହ ରକ୍ଷାବେକ୍ଷଣ କରାଯିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟରେ ନନ୍ଦୀ ଗୋ-ସେବା ସଂସ୍ଥାର ସମ୍ପାଦକ କିଶୋର ବାରିକ, ସୁନୀଲ ସେଠୀ, ଧନଞ୍ଜୟ ମହାନ୍ତି ଓ ସତ୍ୟଜିତ ଦାଶ ଉପସ୍ଥିତ ଥିଲେ। ଆଗକୁ ଅନ୍ୟ ସମସ୍ତ ମାନସିକ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ସଂସ୍ଥା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବ ବୋଲି ସଂସ୍ଥା ପକ୍ଷରୁ ଜଣାପଡ଼ିଛି।

## ନାଟ୍ୟଧାରାରେ 'ଚିଠି' ମଞ୍ଚସ୍ଥ

**ବାରିପଦା,୪।୫/ଏନ୍‌ଏନ୍‌ଏସ୍:**
ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଂଘ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାରେ ବାରିପଦାର ଓମ୍ ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ 'ଚିଠି' ମଞ୍ଚସ୍ଥ ହୋଇଛି। ପ୍ରଦୀପ ଭୋଳଙ୍କ ରଚିତ ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକରେ ଧୀର ବସା, ଅସିତ ଗିରି, ଉପାସନା ଦାସ, ଜ୍ଞାନ ପଣ୍ଡା, ସୁଜୟ ମହାନ୍ତି ଓ ଆଦ୍ୟାଶା ଅଭିନୟ କରିଛନ୍ତି। ଏହାସହ ସହନିର୍ଦ୍ଦେଶନାରେ ଜ୍ଞାନ ପଣ୍ଡା, ସଙ୍ଗୀତରେ ଶକ୍ତି ପ୍ରସାଦ ମିଶ୍ର ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣୀ ପ୍ରଧାନଙ୍କ ସହ ମହାତ୍ମା ଗାନ୍ଧୀଙ୍କ ନିବିଡ଼ ସମ୍ପର୍କ ଥିଲା। ଗାନ୍ଧିଜୀଙ୍କ ସହ ତାଙ୍କର ଅନେକ ଚିଠି ଦିଆନିଆ ଚାଲୁଥିଲା। ଇତିମଧ୍ୟରେ ତାଙ୍କ ନାତୁଣୀକୁ ଭଲପାଉଥିବା ଅଧ୍ୟାପକ ଗବେଷଣା କରୁଥିବାବେଳେ ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ ଆଫ୍ରିକାରେ ଗୋଟିକୁ ୪ କୋଟି ଟଙ୍କାରେ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲେ।

# ବ୍ଲକ୍ ଟପ୍ପର୍ ନିଳାମ୍ବରଙ୍କୁ ସମ୍ବର୍ଦ୍ଧନା



**ବାହାନଗା,୪।୫/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ସାହାସପୁରା ପଞ୍ଚାୟତର ନେତାଜୀ ହାଇସ୍କୁଲ୍‌ର ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୬୦୦ରୁ ୫୭୩ ମାର୍କ ରଖି ବ୍ଲକ୍ ନୀଳାମ୍ବର ଶତପଥୀ ବ୍ଲକ୍ ଟପ୍ପର୍ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ରାଉତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାହାନଗା ଏବିଓ ପଦ୍ମଲୋଚନ ଦାସ, ଅନ୍ୟତମ ଅତିଥିଭାବେ ସିଆର୍‌ସିସି ସୁଦର୍ଶନ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ କମିଟିର ପୂର୍ବତନ ଶିକ୍ଷାବିତ୍ ହକିବୁଲ୍ ସାହା, ନସିମ୍ ଉଦ୍ଦୀନ ମଲ୍ଲିକ, ଶିକ୍ଷକ ମଧୁସୂଦନ ରାଉତ, ଶିକ୍ଷକ ଶରତ ଚନ୍ଦ୍ର ସାହୁ ଓ ଗଦାଧର ଶତପଥୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିବୃନ୍ଦ ନିଳାମ୍ବରଙ୍କ ଭବିଷ୍ୟତ, ଆଗାମୀ ଦିନରେ କ'ଣ କର୍ତ୍ତବ୍ୟ କରିବାକୁ ହେବ ସେନେଇ ମତାମତ ଦେଇଥିଲେ। ପରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ରାଉତ ଓ କୃତୀ ଛାତ୍ରଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରାକ୍ତନ ପ୍ରାଧାପକଙ୍କ ପରଲୋକ

**ଖଇରା,୪।୫/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ସାରୁଗାଁ ପଞ୍ଚାୟତ କାକୁଡ଼ିଆ ଗ୍ରାମର ପ୍ରାକ୍ତନ ପ୍ରାଧାପକ ଡ ମାନସ ରଞ୍ଜନ ଲେଙ୍କାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ହୃଦ୍‌ଘାତ ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଭଦ୍ରକ କଲେଜରୁ ପ୍ରାଣୀ ବିଜ୍ଞାନ ମୁଖ୍ୟଭାବେ ଛାତ୍ରଛାତ୍ରୀଙ୍କ ପ୍ରିୟଭାଜନ ହୋଇଥିଲେ। ଅଭିଜ୍ଞତା ଯୋଗୁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସିଣ୍ଡିକେଟ୍ ସଦସ୍ୟ ରହି ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ପ୍ରୟାସ ଜାରି ରଖିଥିଲେ। ତାଙ୍କ ମୃତ୍ୟୁ ଖବରପାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଓ ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସରୋଜ କୁମାର ଲେଙ୍କାଙ୍କ ସମେତ ବହୁ ଛାତ୍ରୀଛାତ୍ର, ଶୁଭେଚ୍ଛୁ ଓ ସହପାଠୀ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ନିଖୋଜ ସୂଚନା**



- ବ୍ୟକ୍ତିଗତ ବିବରଣୀ -
ନାମ- ବିଜୟ [illegible], ବୟସ- ୩୮ବର୍ଷ, ଉଚ୍ଚତା- ୫ଫୁଟ ୬ଇଞ୍ଚ, ଶରୀରର ରଙ୍ଗ- ଗୋରା।
- ଘଟଣା ସମ୍ପର୍କରେ -
ନିଖୋଜ ତାରିଖ- ୦୫ ମଇ ୨୦୨୨, ଶେଷ ଅବସ୍ଥିତି- କଟକରୁ ବୈଷ୍ଣବ ଦେବୀ ଦର୍ଶନ ପାଇଁ ବାହାରିବା ସମୟରେ।
- ଗୁରୁତ୍ୱପୂର୍ଣ୍ଣ ସୂଚନା -
୨୦୨୪ ମାର୍ଚ୍ଚ ମାସରେ ଓଡ଼ିଶାର [illegible] ଅଞ୍ଚଳରୁ ତାଙ୍କ ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଛି।
- ଯୋଗାଯୋଗ ନମ୍ବର -
ଯଦି ଆପଣ ତାଙ୍କୁ କେଉଁଠି ଦେଖିଛନ୍ତି ବା କିଛି ସୂଚନା ପାଇଛନ୍ତି, ତେବେ ଦୟାକରି ଏହି ନମ୍ବରରେ ଯୋଗାଯୋଗ କରନ୍ତୁ।
+୯୧ ୯୪୩୭୯ ୬୦୪୧୧
+୯୧ ୯୮୬୧୫ ୨୩୪୩୯
+୯୧ ୭୮୭୩୯ ୪୯୧୧୧
- ପୁରସ୍କାର -
ସଠିକ୍ ଏବଂ ବିଶ୍ୱସନୀୟ ସୂଚନା ପ୍ରଦାନକାରୀଙ୍କୁ ୫,୦୦,୦୦୦/-ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ପୁରସ୍କାର ଦିଆଯିବ।

## ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

# ଯୁବ କ୍ରୀଡ଼ା ପ୍ରତିଭା ଚିହ୍ନଟ, ୭୪ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

**କେନ୍ଦୁଝର,୪।୫/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଧରଣୀଧର କ୍ରୀଡ଼ା କମ୍ପ୍ଲେକ୍ସରେ ଥିବା ତୀରନ୍ଦାଜ୍ ସ୍କୋୟାର୍‌ରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଦ୍ୱାରା ଏକ ଦୁଇଦିନିଆ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ରୀଡ଼ା ଛାତ୍ରାବାସରେ ପ୍ରବେଶ ପାଇଁ ପ୍ରତିଶ୍ରୁତିବଦ୍ଧ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରିବା ଏହି ପଦକ୍ଷେପର ଲକ୍ଷ୍ୟ ଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଏହି କାର୍ଯ୍ୟକ୍ରମରେ ୮ରୁ ୧୪ ବର୍ଷ ବୟସର ମୋଟ୍ ୭୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନେ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କ ଶାରୀରିକ ସୁସ୍ଥତା, ଦକ୍ଷତା ଓ ସମ୍ଭାବନାର ମୂଲ୍ୟାଙ୍କନ ପାଇଁ ପରିକଳ୍ପିତ ମୂଲ୍ୟାୟନ ଏବଂ ପରୀକ୍ଷଣର ଏକ ଶୃଙ୍ଖଳାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଯୁବ ଆଶାୟୀଙ୍କୁ ଦକ୍ଷତା ପ୍ରଦର୍ଶନ ଏବଂ କ୍ରୀଡ଼ାରେ ବୃତ୍ତିଗତ ତାଲିମ୍ ଗ୍ରହଣ କରିବାରେ ଏକ ପାଦ ଆଗକୁ ନେବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। କ୍ରୀଡ଼ା ଏବଂ ଯୁବସେବା ବିଭାଗର ଅଧିକାରୀମାନେ ଚୟନ ପ୍ରକ୍ରିୟା ତଦାରଖ କରିଥିଲେ ଏବଂ ସ୍ୱଚ୍ଛତା ଓ ଯୋଗ୍ୟତା-ଆଧାରିତ ମୂଲ୍ୟାଙ୍କନ ସୁନିଶ୍ଚିତ କରିଥିଲେ। ମନୋନୀତ ପ୍ରାର୍ଥୀଙ୍କୁ କ୍ରୀଡ଼ା ଛାତ୍ରାବାସରେ ପ୍ରବେଶ ପାଇଁ ବିଚାର କରାଯିବ ଯେଉଁଥିରେ ସେମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ, ତାଲିମ୍ ସୁବିଧା ଓ ସେମାନଙ୍କ କ୍ରୀଡ଼ା ପ୍ରତିଭାକୁ ପୋଷଣ କରିବା ପାଇଁ ସମର୍ଥ ହେବେ। ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ ତୃଣମୂଳସ୍ତରର କ୍ରୀଡ଼ା ବିକାଶକୁ ପ୍ରୋତ୍ସାହିତ କରିବ ଏବଂ ଉଚ୍ଚସ୍ତରରେ ଉତ୍କର୍ଷତା ହାସଲ କରିବା ପାଇଁ ଯୁବ ପ୍ରତିଭାକୁ ଉତ୍ସାହିତ କରିବା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।



# ତିନି ରଥର ନହାକା ଅଖ ନିର୍ମାଣ ଅନୁକୂଳ ପୂଜା ବିଶ୍ୱକର୍ମା ସେବକଙ୍କ ଦ୍ୱାରା ସମ୍ପନ୍ନ

**ପୁରୀ,୪।୫/ଏନ୍‌ଏନ୍‌ଏସ୍‌:** ଆଜି ରଥ ନିର୍ମାଣର ଚତୁର୍ଦ୍ଦଶ ଦିବସରେ ତିନି ରଥର ନିର୍ମାଣକାରୀ ସେବକ ମାନେ ସକାଳ ଘ.୮.୦୦ ଟିକା ପୂର୍ବରୁ ଉପସ୍ଥିତ ହୋଇ ନିଜ ନିଜର ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରଥ ନିର୍ମାଣ ରେ ତିନିରଥ ମହାରଣା ସେବକ ୭୮ ଜଣ, ଭୋଇ ସେବକ ୬୯ ଜଣ, କରତୀ ସେବକ ୪ ଜଣ, ତିନି ରଥ କମାର ସେବକ ୧୫ ଜଣ, ତୁମ୍ବ ବିନ୍ଧ କାରିଗର ୨ ଜଣ, ରୂପକାର ସେବକ ୨୧ ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୯୦ ଜଣ ଯୋଗ ଦେଇଥିଲେ। ଗତକାଲି ତିନି ରଥର ନାହାକା ଚକ ପ୍ରସ୍ତୁତ ପାଇଁ ପଇ ବିନ୍ଧ ଅନୁକୂଳ ସହ ତୁମ୍ବ ରେ ସଂଯୁକ୍ତ ଅର ରେ ପଇ ଲାଗି ଅନୁକୂଳ ହୋଇ ତିନି ରଥର ଦୁଇଟି ଲେଖାଏଁ ନାହାକା ଚକର ପଇ କଳସା କାର୍ଯ୍ୟ ଜାରୀ ରହିଥିଲା। ଆଜି ତିନି ରଥର ତିନୋଟି ଲେଖାଏଁ ନାହାକା ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ତିନି ରଥର ଚତୁର୍ଥ ଚକ ପଇ ବିନ୍ଧ କାର୍ଯ୍ୟ



ଶେଷ ହୋଇଛି ଚତୁର୍ଥ ଏବଂ ପଞ୍ଚମ ଚକ ତୁମ୍ବ ଅରର ବଳକା ଅଂଶ କଟାଯାଇ ସିଙ୍ଗଡା କଳଶା ଜାରୀ ରହିଛି। ତିନି ରଥର ଚତୁର୍ଥ ଏବଂ ପଞ୍ଚମ ଚକ ରେ ପଇ ସଂଯୋଗ ପରେ ପଇ କଳସା କାର୍ଯ୍ୟ (ପଇ, ପଇ କୁ ବାନ୍ଧି ରଖିବା ପାଇଁ ପଇ ସଂଯୋଗ ସ୍ଥଳରେ କାପ ବା ଘାଟି ନିର୍ମାଣ କାର୍ଯ୍ୟ ହେବ) ଏଥିସହ ବାକି ତୁମ୍ବ ଗୁଡ଼ିକର ଅଖ ବିନ୍ଧ ଖୋଳା କାର୍ଯ୍ୟ ସାଥୀ ମହାରଣା ସେବକ ମାନେ ଜାରୀ ରଖିବାସହ ତିନିରଥର ଗୋଟିଏ ଲେଖାଏଁ ୧୨ ଫୁଟିଆ ଅସନ କାଠର ପ୍ରଭା ଅପସରା ଏବଂ ଗୋଟିଏ ଲେଖାଏଁ ସିଂହାସନ ରାଏ ଚଉପଟ କାର୍ଯ୍ୟ ଜାରୀ ରହିଛି। ଏଥିସହ ଆଜି ଅପରାହ୍ନ ରେ ତିନିରଥ ର ନାହାକା ଅଖର ନିର୍ମାଣ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ସାଥୀ ମହାରଣା ସେବକ ମାନେ ନାହାକା ଅଖ ତ୍ରୟ ର ଦୁଇମୁଖ କୁ ବାରିଶୀରେ ହାଣୀ ସାଲ କାର୍ଯ୍ୟ ସମ୍ପନ୍ନ କରିଛନ୍ତି ଅଖ ଅଖର ଉଭୟ ମୁଖ ର ଗୋଲେଇ କାର୍ଯ୍ୟ ବାକି ରହିଛି। ସେହିପରି ତିନିରଥ ର ରୂପକାର ସେବକ ମାନେ ତିନି ରଥର କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରଳ ରୂପ ଖୋଦେଇ ଜାରୀ ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନି ରଥର ନାହାକା ଚକ ର ଆବଶ୍ୟକ ଅର କଣ୍ଟା ସହ ପଦାରି ଏବଂ ତୁମ୍ବ ବାହ୍ୟ ବଳା ରଥ ଖଳାକୁ ଯୋଗାଇ ବାକି ଚକ ଗୁଡ଼ିକ ପାଇଁ ପଦାରି ଏବଂ ତୁମ୍ବ ବଳା , ଆର କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।

# କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସରେ ଅର୍ଥ ହେରଫେର୍‌

**ରାୟଗଡ଼ା,୪।୫/ଏନ୍‌ଏନ୍‌ଏସ୍‌:** ରାଜ୍ୟରେ ଦିନକୁଦିନ ସମବାୟ ସଂସ୍ଥାରେ ବ୍ୟାପକ ଆର୍ଥିକ ଅନିୟମିତତା ହେଉଥିବା ନେଇ ଚାଷୀମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ବିଶେଷକରି ପ୍ରଥମେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନରେ ଥିବା ମାଲକାନଗିରି ସମବାୟ ସଂସ୍ଥା ଆଉ ଏବେ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁରର ସମବାୟ ସଂସ୍ଥାରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ଘଟଣା ପଦାକୁ ଆସିଛି। ଫଳରେ ଲ୍ୟାମ୍ପ୍‌ସ ପ୍ରତି ଚାଷୀଙ୍କ ବିଶ୍ୱାସ ଧୀରେ ଧୀରେ ତୁଟିବାରେ ଲାଗିଛି। ଉକ୍ତ କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସ ଏମ୍‌ଡି ତାରିଣୀ ପ୍ରସାଦ ତ୍ରିପାଠୀ ନିଜେ ଘୋଟାଲା କରିଥିବା ଘଟଣା ପଦାକୁ ଆସିଛି। ଏନେଇ ଚାଷୀ ଗତ ଏପ୍ରିଲ୍ ୧୩ ତାରିଖ ଜିଲ୍ଲାସ୍ତରୀୟ ଜନଶୁଣାଣିରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ଡିଆର୍‌ସିଏସ୍ ଜନ୍ମଜୟ ମହାପାତ୍ର ଲ୍ୟାମ୍ପ୍‌ସକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରେ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ତଦନ୍ତ ଅଧିକାରୀ ପୂର୍ବାନୁମାନ କରିଛନ୍ତି। ଉକ୍ତ ଦିନ ଖାତାପତ୍ର ଯାଞ୍ଚ କରିବା ପରେ ନିଜର ଦରମା ବିନା ରେଜୁଲେସନ୍‌ରେ ୬ ହଜାର ଟଙ୍କା ବଢ଼ିଥିବା ଦେଖିବାକୁ ପାଇଥିଲେ। ପରେ ଦୁର୍ନୀତିର ପେଡ଼ି ଧୀରେ ଧୀରେ ଖୋଲିବାରେ ଲାଗିଲା।



ଦୁର୍ନୀତିର ଚେର ଲମ୍ବିଥିବା ଜାଣି ପରିଚାଳନା କମିଟିର ସଭାପତି, ଉପସଭାପତି ଓ ସଦସ୍ୟଙ୍କୁ ଏଆର୍‌ସିଏସ୍ ଶ୍ରୀ ମହାପାତ୍ର ଚିଠି କରି ଲ୍ୟାମ୍ପ୍‌ସକୁ ଡକାଇଥିଲେ। ସମସ୍ତ ସଭ୍ୟ ଆସିବା ପରେ ଟଙ୍କା କାରବାର ହୋଇଥିବାର ପ୍ରମାଣପତ୍ର ଲ୍ୟାମ୍ପ୍‌ସ ଏମ୍‌ଡି ତାରିଣୀ ପ୍ରସାଦ ତ୍ରିପାଠୀଙ୍କୁ ମାଗିବାରୁ କୌଣସି ପ୍ରମାଣ ଏଯାଏ ଦେଖାଇ ପାରିନଥିବାରୁ ସନ୍ଦେହରେ ପୁଣି ବ୍ୟାଙ୍କ ଜମାବହି ଓ ଦୈନନ୍ଦିନ ଖାତା ଯାଞ୍ଚ ଆରମ୍ଭ କରିଥିଲେ।

ଉକ୍ତ ଖାତାରେ ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କ ଖାତାରୁ ଲକ୍ଷାଧିକ ଟଙ୍କା ଉଠିଯିବା ଓ ଦୈନିକ ଖାତାରେ ଲେଖା ନହେବା ଘଟଣା ତଦନ୍ତକୁ ଆହୁରି ବାଟ ଦେଖାଇଲା। ପୁଣି ଖାତା ଯାଞ୍ଚ ସମୟରେ ଜଣଙ୍କ ନାମରେ ଲକ୍ଷାଧିକ ଟଙ୍କା ଜମା ହେଉଛି ଏବଂ ଉଠାଣ ହେଉଛି ଯାହାକି ଖାତାଦାର ସେତିକି ଟଙ୍କା ପୂର୍ବରୁ କେବେ ଜମା କରିନଥିବାବେଳେ ବର୍ତ୍ତମାନ କେମିତି ଜମା ଓ ଉଠାଣ ହେଉଛି ତାହା ସମସ୍ତ ଲ୍ୟାମ୍ପ୍‌ସ ସଭ୍ୟ ଓ ଏଆର୍‌ସିଏସ୍ ଜାଣିବାକୁ ପାଇଥିଲେ। ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ଗ୍ରାଚୁଇଟି ଇପିଏଫ୍ ଓ ସମସ୍ତ ଟଙ୍କା ଦୁଇ ଦୁଇ ଥର ଲକ୍ଷାଧିକ ଟଙ୍କା ପ୍ରଦାନ କରିବା ଘଟଣା ଏମ୍‌ଡି ତ୍ରିପାଠୀଙ୍କ ଦୁର୍ନୀତିର ପେଡ଼ି ଖୋଲିବାରେ ଲାଗିଛି। ଜନ୍ମଜୟ ମହାପାତ୍ର ଲ୍ୟାମ୍ପ୍‌ସକୁ ଆସି ପୁଣି ତଦନ୍ତ ଆରମ୍ଭ କରିଥିଲେ। ଘୋଟାଲା ହୋଇଥିବା ସ୍ୱୀକାର କରିବା ସହ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ପ୍ରଦାନ କରିହେବ ନାହିଁ ବୋଲି ଆମ ପ୍ରତିନିଧିଙ୍କୁ କହିଥିଲେ। ଲ୍ୟାମ୍ପ୍‌ସରେ ସାର, ଋଣ, ଏସ୍‌ଏଚ୍‌ଜି, ଚାଷୀଙ୍କ ଜମାଖାତା ଓ ଲୋନ୍ ଖାତା ଆଦି ଅନେକ ଖାତା ଯାଞ୍ଚ ହେବାର ଅଛି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

## ଆଜିଠାରୁ ମୁଖ୍ୟମନ୍ତ୍ରୀଙ୍କ ତିନି ଦିନିଆ ଗୁଜୁରାଟ ଗସ୍ତ

# ନିବେଶକଙ୍କୁ ପୁଞ୍ଜିନିବେଶ ପାଇଁ କରିବେ ଆମନ୍ତ୍ରଣ

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ଓଡ଼ିଶାରେ ନିବେଶ ପାଇଁ ହାଇଦ୍ରାବାଦ ଏବଂ କୋଲକତାରେ ସଫଳ ରୋଡ୍ ସୋ ପରେ, ଓଡ଼ିଶା ବର୍ତ୍ତମାନ ତାହାର ନିବେଶ ଆକର୍ଷଣ ଅଭିଯାନକୁ ଗୁଜରାଟକୁ ବିସ୍ତାର କରିବାକୁ ପ୍ରସ୍ତୁତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଠାରୁ ମେ ୭ ତାରିଖ ପର୍ଯ୍ୟନ୍ତ ଗୁଜରାଟର ୪ଟି ସହରରେ ୩ ଦିନିଆ ଗସ୍ତ କରି ଉଦ୍ୟୋଗପତି ଓ ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ଆମନ୍ତ୍ରଣ କରିବେ।



- ଅହମଦାବାଦ, ମୁନ୍ଦ୍ରା ଓ ଭଦଦୋରାରେ ଶିଳ୍ପପତିଙ୍କୁ ଭେଟିବେ
- ଇନଭେଷ୍ଟର୍ସ ମିଟ୍, ଉଦ୍ୟୋଗପତିଙ୍କ ସହିତ ହେବ ରାଉଣ୍ଡଟେବୁଲ୍ ବୈଠକ

ମେ ୫ରେ ଅହମ୍ମଦାବାଦରେ ଏକ ବଡ଼ ନିବେଶକ ରୋଡ୍‌ଶୋ ଅନୁଷ୍ଠିତ ହେବ। ଏଥିସହିତ ଅଗ୍ରଣୀ ଉଦ୍ୟୋଗପତିମାନଙ୍କ ସହ ରାଉଣ୍ଡଟେବୁଲ ବୈଠକ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ଗୁଡ଼ିକ ଓଡ଼ିଶାରେ ନିବେଶକୁ ତ୍ୱରାନ୍ୱିତ କରିବା ସହ ବୁଝାମଣାପତ୍ର ସ୍ୱାକ୍ଷର ହେବ ଏବଂ ନିବେଶ ପାଇଁ ଇଣ୍ଟେଣ୍ଟ୍ ଲେଟର ମଧ୍ୟ ଆସିବ। ଏହି ଗସ୍ତରେ ବୟନ ଓ ପୋଷାକ, ରାସାୟନିକ ଓ ପେଟ୍ରୋକେମିକାଲ୍ସ, ମେଟାଲ୍‌ସ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଔଷଧ ଓ ମେଡିକାଲ୍ ଉପକରଣ ପରି ଉଚ୍ଚ-ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକୁ ବିଶେଷ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ପଶ୍ଚିମ ଭାରତରୁ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ସହ ଓଡ଼ିଶାର ଦ୍ରୁତ ବିକାଶଶୀଳ ଶିଳ୍ପ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ।

ଓଡ଼ିଶାର ପୋର୍ଟ-ଲେଡ୍ ବିକାଶକୁ ଆଗେଇ ନେବା ପାଇଁ ପ୍ରତିନିଧି ଦଳ ମେ ୬ରେ ମୁନ୍ଦ୍ରା ବନ୍ଦର ପରିଦର୍ଶନ କରିବେ, ଯାହା ଲଜିଷ୍ଟିକ୍‌ସ ଓ ବନ୍ଦର ଆଧାରିତ ଶିଳ୍ପରେ ସମ୍ଭାବନାର ସୁଯୋଗକୁ ବ୍ୟାପକ କରିବ। ମେ ୭ ତାରିଖରେ ଭଦୋଦରାରେ (ବରୋଦା) ନିବେଶକମାନଙ୍କ ସହ ବୈଠକ ଆୟୋଜିତ ହେବ ଏବଂ ସରକାରୀ କାର୍ଯ୍ୟକ୍ରମର ଅଂଶ ଭାବରେ କେଭାଡିଆ ମଧ୍ୟ ଗସ୍ତ କରାଯିବ, ଯାହା ଶିଳ୍ପ ସମ୍ପର୍କକୁ ଆହୁରି ମଜବୁତ କରିବ। ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ସରକାରୀ ଅଧିକାରୀମାନେ ସାମିଲ ହେବେ।

ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦୃଢ଼ ଭିତ୍ତିଭୂମି ଏବଂ ଦକ୍ଷ ମାନବସମ୍ବଳ ସହିତ ଓଡ଼ିଶା ନିବେଶକମାନଙ୍କ ପାଇଁ ଶ୍ରେଷ୍ଠ ପସନ୍ଦଯୋଗ୍ୟ ନିବେଶ ସ୍ଥାନ ଭାବେ ଆକର୍ଷଣର କେନ୍ଦ୍ର ହୋଇଛି। ଗୁଜରାଟ ଗସ୍ତ ଆମ ରାଜ୍ୟର ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ନିବେଶ ଆକର୍ଷଣ ଓ ବ୍ୟାପକ ନିଯୁକ୍ତି ସୁଯୋଗ ପାଇଁ ଏହି ଗସ୍ତ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ପିକ୍‌ଅପ୍-ବାଇକ୍ ଧକ୍କା, ୨ ମୃତ

**ଟିଟିଲାଗଡ଼,୪।୫/ଏନ୍‌ଏନ୍‌ଏସ୍‌:** ଟିଟିଲାଗଡ଼ ସହର ସର୍ଗିଗୁଡ଼ାସ୍ଥିତ ଛୋଟୁ ମହାରାଜ ସିନେମା ହଲ୍ ସମ୍ମୁଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୨ ଜଣ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଟିଟିଲାଗଡ଼ ସହର ନିକଟସ୍ଥ ତୁଳାଙ୍ଗ ଗ୍ରାମର ପରମେଶ୍ୱର ଭୋଇ (୧୮) ଏବଂ ଧୀରଜ ମାଝୀ (୨୫)। ପରମେଶ୍ୱର ଓ ଧୀରଜ ଏକ ବାଇକ୍ ଯୋଗେ ନିଜ ଗ୍ରାମ ତୁଳାଙ୍ଗରୁ ଟିଟିଲାଗଡ଼ ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଅର୍ଥାତ୍ ଟିଟିଲାଗଡ଼ ସହରରୁ ପିପଲ ପଦର ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଚୁରମାର୍ ହୋଇଯାଇଥିବାବେଳେ ଉଭୟ ଯୁବକ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଖବରପାଇ ଟିଟିଲାଗଡ଼ ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ୨ଟି ଯାକ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏହାସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ପୁଲିସ୍ ଜବତ କରିବା ସହ ପିକଅପ୍ ଭ୍ୟାନ୍ ଚାଳକକୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।

## ବହୁଚର୍ଚ୍ଚିତ ଭୈରବ ସାହୁ ହତ୍ୟାକାଣ୍ଡ ମାମଲା

# ୪ ଅଭିଯୁକ୍ତ ପଳାତକ ଘୋଷିତ



**ରାୟଗଡ଼ା,୪।୫/ଏନ୍‌ଏନ୍‌ଏସ୍‌:** ରାୟଗଡ଼ା ଜିଲ୍ଲା ପଦ୍ମପୁରସ୍ଥିତ ତେଲି ସାହିର ବହୁଚର୍ଚ୍ଚିତ ଭୈରବ ସାହୁ ହତ୍ୟାକାଣ୍ଡ ମାମଲାରେ ଜଡ଼ିତ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟ କଠୋର ନିଷ୍ପତ୍ତି ନେଇଛନ୍ତି। ଏମାନଙ୍କ ବରୋଧରେ ପୂର୍ବରୁ ଗିରଫ ପରବାନ ଜାରି ହୋଇଥିବା ସତ୍ତ୍ୱେ କୋର୍ଟରେ ହାଜିର ହୋଇନଥିବାରୁ ସେମାନଙ୍କୁ କୋର୍ଟ ପଳାତକ ଘୋଷଣା କରିଛନ୍ତି। ଅଭିଯୁକ୍ତମାନେ ହେଲେ ସୁଶାନ୍ତ ସାହୁ (୨୬), ପ୍ରଶାନ୍ତ ସାହୁ (୨୩), ସୁନୀଲ ସାହୁ ଓ ପ୍ରଶାନ୍ତ ସାହୁ (୨୬)। ଗତ ୩ ତାରିଖ ପଦ୍ମପୁର ଥାନା ପକ୍ଷରୁ ଆଇଆଇସି ଧରଣୀଧର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅଭିଯୁକ୍ତଙ୍କ ଗ୍ରାମକୁ ଯାଇ ଘର କାନ୍ଥରେ ନୋଟିସ୍ ଲଗାଇବା ସହ ଗ୍ରାମବାସୀଙ୍କୁ ଏସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ଜୁନ୍ ୧୮ ତାରିଖ ସୁଦ୍ଧା ଯଦି ଏହି ଅଭିଯୁକ୍ତମାନେ କୋର୍ଟରେ ହାଜର ନହୁଅନ୍ତି ତେବେ ବିଏନ୍‌ଏସ୍‌ଏସ୍‌ର ଧାରା ୮୫ ଅନୁଯାୟୀ ସେମାନଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାସହ ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ମଧ୍ୟ ତଦନ୍ତ, ବିଚାରଣ ଓ ରାୟ ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି। ପ୍ରକାଶଥାଉକି ଗତ ଗତ ବର୍ଷ ଏପ୍ରିଲ୍ ୨୨ ତାରିଖ ବିଳମ୍ବିତ ରାତିରେ ଗୁଣିଗାରେଡ଼ି ସନ୍ଦେହରେ ଭୈରବଙ୍କୁ ଅତି ନିର୍ମମ ଭାବେ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ଏହି ଆକ୍ରମଣକୁ ଅଟକାଇବାକୁ ଯାଇ ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଘଟଣାରେ ପୂର୍ବରୁ ୩୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ସୁବ୍ରତ ମେଡିକାଲ୍‌ରେ ଡାଇଲେସିସ୍ ସେବା

**ପାଟଣାଗଡ଼,୪।୫/ଏନ୍‌ଏନ୍‌ଏସ୍‌:** ପାଟଣାଗଡ଼ରେ ଗଢ଼ି ଉଠିଥିବା ଏକମାତ୍ର ଉନ୍ନତମାନର ଘରୋଇ ମେଡିକାଲ୍ ସୁବ୍ରତ ମେଡିକାଲ୍‌ରେ ୨୪ ଘଣ୍ଟିଆ ଡାଇଲେସିସ୍ ସେବା ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ ମେହେର, ସମ୍ମାନିତ ଅତିଥିଭାବେ ପାଟଣାଗଡ଼ ବିଡିଓ ସୁମନ କୁମାର ମିଞ୍ଜ, ତହସିଲଦାର୍ ରୁଦ୍ର ମୋହନ ନାୟକ ଓ ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ ଯୋଗଦେଇ ଉକ୍ତ ସେବାକୁ ଉଦ୍‌ଘାଟନ କରିଥିଲେ। ପାଟଣାଗଡ଼ର ସୁପରିଚିତ ଭେଷଜ ବିଶେଷଜ୍ଞ



ଡାକ୍ତର ହେମନ୍ତ ମେହେର ଉପସ୍ଥିତ ରହି ମେଡିକାଲ୍‌ରେ ଡାଇଲେସିସ୍ ସେବା ଆରମ୍ଭ ଦ୍ୱାରା ପାଟଣାଗଡ଼ ଅଞ୍ଚଳର ରୋଗୀବାହାରକୁ ନଯାଇ ଅଧିକ ଖର୍ଚ୍ଚାନ୍ତ ନହୋଇ ଏଠାରେ ଡାଇଲେସିସ୍ ସେବା ପାଇପାରିବେ ବୋଲି ପରିଚାଳକ ଘନଶ୍ୟାମ ମେହେର କହିଛନ୍ତି।

# ପୌରପାଳିକାରେ ଜନଶୁଣାଣି ଶିବିର

**ନବରଙ୍ଗପୁର,୪।୫/ଏନ୍‌ଏନ୍‌ଏସ୍‌:** ନବରଙ୍ଗପୁର ପୌରପାଳିକାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍ ଯୁଗ୍ମଭାବେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ ଓ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ୍ ୩୧ଜଣ ଆବେଦନକାରୀ ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୬ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୪ଟି ଅଭିଯୋଗର ତତ୍‌କାଳ ସମାଧାନ ହୋଇଥିଲା। ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୨ଟି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ

### ବଙ୍ଗରେ ବିଜେପି ...

ଏଠାରେ ଆବଶ୍ୟକ ସଂଖ୍ୟା ୧୬ ଥିବା ବେଳେ ଡିଏମ୍‌କେ ଏବଂ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ମିଳିତ ଭାବେ ୬ଟି ଆସନ ଜିତିଛି। ଅନ୍ୟାନ୍ୟ ଖାତାକୁ ୬ଟି ଆସନ ଯାଇଛି। ତେବେ ତାମିଲନାଡୁ ଏବଂ କେରଳରେ ବିଜେପି କିମ୍ବା ଏହା ନିୟନ୍ତ୍ରଣାଧୀନ ଏନ୍‌ଡିଏ ମେଣ୍ଟ ବିଶେଷ କିଛି କମାଲ କରିପାରିନାହିଁ। କେରଳରେ କିନ୍ତୁ କ୍ଷମତା ପରିବର୍ତ୍ତନ ହୋଇଛି। ୨୯୪ଟି ବିଧାନସଭା ଆସନ ବିଶିଷ୍ଟ ପଶ୍ଚିମବଙ୍ଗରେ ସରକାର ଗଠନ ପାଇଁ ୧୪୮ଟି ଆସନର ଆବଶ୍ୟକତା ଥିବାବେଳେ ବିଜେପି ଏହି ସଂଖ୍ୟାକୁ ସହଜରେ ଅତିକ୍ରମ କରିସାରିଛି। ସ୍ପଷ୍ଟ ଫଳାଫଳ ଅନୁଯାୟୀ ବିଜେପି ୨୦୬ ଆସନ ଅକ୍ତିଆର କରିଛି। ସେହିପରି ମମତାଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏଥର ୮୧ ଆସନ ସହ ଦ୍ୱିତୀୟ ଦଳ ଭାବେ ସୀମିତ ରହିଯାଇଛି। ଅନ୍ୟପକ୍ଷେ କଂଗ୍ରେସ ମାତ୍ର ୨ଟି ଆସନ ଜିତିଥିବା ବେଳେ ବାମପନ୍ଥୀ ଦଳ ସିପିଏମ୍ ଏବଂ ଆଇଏସ୍‌ଏଫ୍ ୧ଟି ଲେଖାଏ ହିସାବରେ ୨ଟି ଆସନ ଜିତିଛନ୍ତି। ସିପିଆଇ ଖାତା ଖୋଲିବାରେ ମଧ୍ୟ ଅସମର୍ଥ ରହିଛି ଯେତେବେଳେ କି ଅନ୍ୟାନ୍ୟ ଖାତାକୁ ୨ଟି ଆସନ ଯାଇଛି। ତେବେ ଫାଲ୍‌ଟା ଆସନରେ ଆଜି ଫଳାଫଳ ଘୋଷଣା କରାଯାଇନାହିଁ। ନିର୍ବାଚନ ଆୟୋଗଙ୍କ ଅନୁସାରେ ଏହି ଆସନରେ ଆସନ୍ତା ୨୧ ତାରିଖରେ ଆଉଥରେ ରି-ଭୋଟିଂ ହେବ। ସବୁଠୁ ବଡ଼ କଥା ହେଉଛି ମମତା ବାନାର୍ଜୀ ଉଭୟ ଭବାନୀପୁର ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ୧୫ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷେ ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମ ଆସନରୁ ମଧ୍ୟ ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି। ତେବେ କେବଳ ଆକ୍ସିସ ମାଇଁ ଇଣ୍ଡିଆ' ନିଜ ଏକ୍‌ଜିଟ୍ ପୋଲ୍‌ରେ ଦର୍ଶାଇଥିଲା ଯେ, ତାମିଲନାଡୁରେ ନୂଆଦଳ ଟିଭିକେ ଏଥର ସଂଖ୍ୟାବହୁଳ ଦଳ ଭାବେ ଉଭା ହେବ। ଆକ୍ସିସ ମାଇଁ ଇଣ୍ଡିଆକୁ ବାଦ୍‌ଦେଲେ ଅନ୍ୟ ପ୍ରାୟ ସମସ୍ତ ଏଜେନ୍ସି ଡିଏମ୍‌କେ ଓ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ପୁଣିଥରେ ସରକାର ଗଠନ କରିବା ନେଇ ପୂର୍ବାନୁମାନ କରିଥିଲେ। କିନ୍ତୁ ଫଳାଫଳ ଟିଭିକେ ସପକ୍ଷରେ ଯାଇଛି। ଅଭିନେତାରୁ ରାଜନେତା ସାଜିଥିବା ଥଲାପତି ବିଜୟ ମାତ୍ର ୨ ବର୍ଷ ପୂର୍ବେ ଗଠନ କରିଥିବା ଦଳ 'ଟିଭିକେ' ଏଥର ରାଜ୍ୟର ମୋଟ୍ ୨୩୪ ଆସନ ମଧ୍ୟରୁ ୧୦୮ ଆସନ ଜିତି ସଂଖ୍ୟା ଗରିଷ୍ଠ ଦଳ ଭାବେ ନିଜକୁ ପ୍ରତିପାଦିତ କରିଛି। ସରକାର ଗଠନ ପାଇଁ ୧୧୮ ଆସନର ଆବଶ୍ୟକତା ଥିବା ବେଳେ ଏଆଇଏଡିଏମ୍‌କେ ୫୦ ଆସନ, ଡିଏମ୍‌କେ ମେଣ୍ଟ ୬୩ ଆସନ ଜିତିବାରେ ସଫଳ ହୋଇଛି। ଅନ୍ୟାନ୍ୟ ଖାତାକୁ ୧୧ଟି ଆସନ ଯାଇଛି। ଚଳିତ ନିର୍ବାଚନରେ ଡିଏମ୍‌କେ ତଥା ଏହାର ମେଣ୍ଟ ସହଯୋଗୀଙ୍କୁ ମାତ୍ରାଧିକ କ୍ଷତି ପହଞ୍ଚାଇଛି ଟିଭିକେ। କେରଳରେ କଂଗ୍ରେସ କିନ୍ତୁ ବଡ ବିଜୟ ହାସଲ କରିଛି। କଂଗ୍ରେସ ଏଠାରେ ଏକାକୀ ୬୩ ଆସନ ଜିତିଥିବା ବେଳେ ଦଳ ନେତୃତ୍ୱାଧୀନ ୟୁଡିଏଫ୍ ମେଣ୍ଟ ମୋଟ୍ ୧୦୨ ଆସନ ଜିତିବାରେ ସଫଳ ହୋଇଛି। ବିଗତ ୧୦ ବର୍ଷ ମଧ୍ୟରେ କଂଗ୍ରେସ ଏଠାରେ କ୍ଷମତାକୁ ଫେରିଛି।

### ଗଙ୍ଗୋତ୍ରୀରୁ ଗଙ୍ଗାସାଗର ...

ଏହି ଦିନଟି ଐତିହାସିକ ଏବଂ ଅଭୂତପୂର୍ବ। ଦଳ ପାଇଁ ତୃଣମୂଳସ୍ତରରୁ ବର୍ଷ ବର୍ଷ ଧରି ପରିଶ୍ରମ କରିଆସୁଥିବା ଦଳର କୋଟି କୋଟି କର୍ମୀମାନଙ୍କ ପରିଶ୍ରମ ଆଜି ସଫଳତାରେ ପରିଣତ ହୋଇଛି ଏବଂ ଏହି ବିଜୟର ସମ୍ପୂର୍ଣ୍ଣ ଶ୍ରେୟ ଦଳର କର୍ମକର୍ତ୍ତା ଓ ସେମାନଙ୍କ ପରିବାରକୁ ଯାଉଛି। ମୋଦୀ ନିଜ ଭାଷଣ ମାଧ୍ୟମରେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ପ୍ରଣାମ କରିଛନ୍ତି। ମୋଦୀ କହିଛନ୍ତି, ଆଜି ଦିନରେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆତ୍ମାକୁ ବାସ୍ତବିକ ଶାନ୍ତି ମିଳିଥିବ। ସେ ୧୯୫୧ରେ ଜନସଂଘ ପ୍ରତିଷ୍ଠା କରି ପ୍ରତ୍ୟେକ କର୍ମକର୍ତ୍ତାଙ୍କୁ ସନ୍ଦେଶ ଦେଇଥିଲେ ଯେ ଦେଶ ପାଇଁ ବଞ୍ଚିବା ଏବଂ ଦେଶ ପାଇଁ ମରିବାକୁ ହେବ। ଡଃ ମୁଖାର୍ଜୀ ବଙ୍ଗଳାକୁ ଭାରତର ଅଂଶ କରି ରଖିବା ପାଇଁ ବଡ଼ ଲଢ଼େଇ ଲଢ଼ିଥିଲେ। ତେବେ ଆଜିର ଏହି ବିଜୟ ଭାରତର ଗଣତନ୍ତ୍ର, ସମ୍ବିଧାନ ଏବଂ ଜନତାଙ୍କ ବିଶ୍ୱାସର ବିଜୟ। ବିଜେପିର ମନ୍ତ୍ର ହେଉଛି 'ନାଗରିକ ଦେବୋ ଭବ' ଏବଂ ଦଳ ଜନସାଧାରଣଙ୍କ ସେବା ପାଇଁ ପ୍ରତିବଦ୍ଧ। ମୋଦୀ ଏହି ଅବସରରେ ପଶ୍ଚିମବଙ୍ଗର ନିଜ ଦଳୀୟ କର୍ମୀ ତଥା ନେତାମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ବିଜେପି କଦାପି ପ୍ରତିଶୋଧର ରାଜନୀତି କରିନାହିଁ କିମ୍ବା କରିବ ମଧ୍ୟ ନାହିଁ। ବିଜେପି କେବଳ ବିକାଶ ଓ ପରିବର୍ତ୍ତନର ରାଜନୀତି କରିବା ନୀତିରେ ବିଶ୍ୱାସ ରଖିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଜିର ଏହି ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟ କାର୍ଯ୍ୟକ୍ରମରେ ଅମିତ୍ ଶାହ, ରାଜନାଥ ସିଂ, ଅଧିକାଂଶ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ତଥା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନଙ୍କ ଭଳି ଦଳର ସମସ୍ତ ବଡ଼ ତଥା ପ୍ରମୁଖ ନେତାମାନ ଉପସ୍ଥିତ ରହିଥିଲେ। ବିଳମ୍ବିତ ସନ୍ଧ୍ୟାରେ ମୋଦୀ ଯେତେବେଳେ ବିଜେପି ମୁଖ୍ୟାଳୟରେ ପହଞ୍ଚିଲେ ତାଙ୍କୁ ଏଠାରେ ବିଜେପି କର୍ମୀ ତଥା ନେତାମାନେ ଭବ୍ୟ ସ୍ୱାଗତ କରିଥିଲେ।

# ୨୦ ଦିନ ହେଲା ନଳକୂପ ଅଚଳ, ଗ୍ରାମବାସୀ ହନ୍ତସନ୍ତ

**କନ୍ଧମାଳ,୪।୫/ଏନ୍‌ଏନ୍‌ଏସ୍‌:** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ଶେଉଳମୁଣ୍ଡା ଗ୍ରାମରେ ଥିବା ନଳକୂପ ଦୀର୍ଘ ୨୦ ଦିନରୁ ଅଧିକ ହେବ ଅଚଳ ହୋଇପଡ଼ିଛି। ଏଣୁ ଗାଁର ୧୦ ପରିବାରର ୩୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ

## ତୁରନ୍ତ ମରାମତି କରିବାକୁ ଦାବି

ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ପରେ ଲୋକେ ବିଭାଗର ଟୋଲ୍ ଫ୍ରି ନମ୍ବର୍‌ରେ ଅଭିଯୋଗ କରିଥିଲେ। ହେଲେ ଏହାକୁ ୨୦ ଦିନ ବିତିଯାଇଥିଲେ ସୁଦ୍ଧା ନଳକୂପ ମରାମତି ନହେବା ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଥିରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪



ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ୨୦ ଦିନରୁ ଅଧିକ ହେବ ନଳକୂପ ମରାମତି ହୋଇପାରିନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି।

ସେହିପରି ଦପଲା ପଞ୍ଚାୟତ ଅନ୍ତର୍ଗତ ପରତଳା ଗ୍ରାମର ଦଳିତ ସାହିରେ ଥିବା ନଳକୂପ ୫ ଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମର ୧୦ ପରିବାରର ୨୫ ଲୋକ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଭିଯୋଗ କଲେ କେହି ଶୁଣୁନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରଚଣ୍ଡ ଖରା ସମୟରେ ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅଚଳ ନଳକୂପ ଗୁଡ଼ିକୁ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଜିର ଇତିହାସ

- ୧୯୧୬-ପୂର୍ବ ରାଷ୍ଟ୍ରପତି ଜ୍ଞାନୀ ଜୈଲ୍ ସିଂହ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୪୪ - ମହାତ୍ମା ଗାନ୍ଧୀ ଜେଲ୍‌ରୁ ମୁକ୍ତ ହୋଇଥିଲେ।
- ୧୯୪୯-ଦେଶରେ ଝାଡ଼ଖଣ୍ଡ ପାର୍ଟିର ସ୍ଥାପନା ହୋଇଥିଲା।
- ୧୯୮୮-ଏଭେରେଷ୍ଟ ଶିଖରରେ ପ୍ରଥମ ଟେଲିଭିଜନ ପ୍ରସାରଣ କରାଯାଇଥିଲା।
- ୨୦୦୩-ଭାରତ-ବାଂଲାଦେଶ ସଂଯୁକ୍ତ ନଦୀ ଆୟୋଗର ବୈଠକ ସିଲ୍‌ହଟ ଠାରେ ଆରମ୍ଭ ହୋଇଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦


**ମେଷ** – ଆଜି ଅର୍ଥକୁ ନେଇ ଶିକ୍ଷା ପାଇବେ। ଖର୍ଚ୍ଚ ବୃଦ୍ଧି ହେବ। ପରିଶ୍ରମ ବେକାର ଯିବନାହିଁ। କାମକୁ ନେଇ ପ୍ରଶଂସିତ ହେବେ। ସରକାରୀ କାମକୁ ନେଇ ଚିନ୍ତା ରହିପାରେ। ଛୋଟ କଥା ବଡ଼ ରୂପ ନେଇପାରେ।

**ବୃଷ** – କାର୍ଯ୍ୟକୁଶଳତା ହିଁ ଆପଣଙ୍କର ପରିଚୟ। ଭାଗ୍ୟ ସମ୍ପୂର୍ଣ୍ଣ ଭାବରେ ସାଥ୍ ଦେବ। ସଫଳତା ପ୍ରାପ୍ତି ଯୋଗ ରହିଛି। ପୁରୁଣା କରଜ ଶୁଝିବେ। ସମ୍ପର୍କରେ ବୁଝାମଣା ହେବ।

**ମିଥୁନ** – ଦିନଟି ବୁଝାମଣା ଓ ବୁଦ୍ଧିର ସଠିକ୍ ଅବସର ଦେବ। ନିଜର ନିଷ୍ପତ୍ତି ଆଶ୍ଚର୍ଯ୍ୟ କରିବ। ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଛବି ମଜଭୁତ ହେବ। ଲୋକଙ୍କ ସମର୍ଥନ ପାଇବେ।

**କର୍କଟ** – ଆୟର ରାସ୍ତା ଖୋଲିବ। ଅଳ୍ପ ଚାପ ରହିପାରେ। ପରିବାରରେ କୌଣସି ସମସ୍ୟାର ସମାଧାନ ହେବ। କୌଣସି ମୁଦ୍ଦାର ସମାଧାନ ହୋଇପାରେ। ଅଧିକ ଚିନ୍ତା ନକଲେ ଭଲ।

**ସିଂହ** – ଦିନଟି ଆଗକୁ ବଢ଼ିପାରେ। ଅଚାନକ ଖର୍ଚ୍ଚ ପ୍ରତିବନ୍ଧ ହୋଇପାରେ। ପିତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ଜରୁରୀ। ପୁରୁଣା ଇଚ୍ଛା ପୂରା ହୋଇପାରେ। ମନ ଖୁସି ହେବ।

**କନ୍ୟା** – ବାଣୀ ଓ ବ୍ୟବହାର ଉପରେ ଖାସ୍ ଧ୍ୟାନ ଦେବାକୁ ପଡ଼ିବ। ଛୋଟ କଥା ବଡ଼ ପ୍ରଭାବ ପକାଇପାରେ। ମାତାପିତାଙ୍କ ସହଯୋଗ ପାଇବେ। ବୈବାହିକ ଜୀବନରେ ସମସ୍ୟାର ଅନ୍ତ ହେବ।

**ତୁଳା** – ଆଜି ଖୁସି ଖବର ପାଇବେ। ଫସି ରହିଥିବା ଅର୍ଥ ଫେରି ପାଇବାର ଯୋଗ ରହିଛି। ବଡ଼ ଡିଲ୍ ଫାଇନାଲ୍ ହୋଇପାରେ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ପିଲାଙ୍କୁ ଖୁସି କରେଇବେ।

**ବିଛା** – ନିଜ କଥା ଉପରେ ଖାସ୍ ନିୟନ୍ତ୍ରଣ ରଖିବେ। ଭୁଲ୍ ଶବ୍ଦ ଫାଟ ସୃଷ୍ଟି କରିପାରେ। ଅଜଣା ବ୍ୟକ୍ତିଙ୍କ ନିର୍ଣ୍ଣୟ କ୍ଷତି ଦେଇପାରେ। ସନ୍ତାନଙ୍କ ଚାକିରି ଚିନ୍ତାରେ ପକାଇବ। ତାଳମେଳର ଅଭାବ ହୋଇପାରେ।

**ଧନୁ** – ଅଚାନକ ଦିନଟି ଲାଭ ଦେବ। ବାଣୀ ଉପରେ ସଂଯମ ରଖିବା ଜରୁରୀ। ମାଙ୍ଗଳିକ କାର୍ଯ୍ୟର ଆୟୋଜନ ହୋଇପାରେ। ଖୁସିର ପରିବେଶ ଦେଖାଦେବ। ଜୀବନଶୈଳୀରେ ସୁଧାର ଆସିବ।

**ମକର** – ପରିଶ୍ରମ କରିବାର ଦିନ। ପ୍ରେମ ଜୀବନରେ ମଧୁରତା ରହିବ। ଜୀବନସାଥୀଙ୍କ ସହିତ ସୁନ୍ଦର ମୁହୂର୍ତ୍ତ ବିତେଇବେ। ପାଠପଢ଼ାକୁ ନେଇ ଚିନ୍ତା ରହିବ। ନୂଆ ବାହନ କିଣିପାରନ୍ତି।

**କୁମ୍ଭ** – ଦିନଟି ଆପଣଙ୍କ ପାଇଁ ଅନୁକୂଳ। ଅଟକିଥିବା ଧନ ଫେରିପାଇବେ। କୌଣସି ଶୁଭ କାର୍ଯ୍ୟର ସମ୍ଭାବନା ରହିଛି। ବାହନ ଚଲେଇବା ସମୟରେ ସାବଧାନ ରହିବେ।

**ମୀନ** – ପରିବାର ସହିତ ସମୟ ବିତେଇବେ। ମନକୁ ତାହା ଆନନ୍ଦ ଦେବ। ମନକୁ ନୂଆ ନୂଆ ଆଇଡିଆ ଯୁଟିବ। ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଭାରି ପଡ଼ିବ। ଅଟକିଥିବା କାମ ପୂରା ହୋଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



ମନପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ।
ଭାବସଂଶୁଦ୍ଧିରିତ୍ୟେତତ୍ତପୋ ମାନସମୁଚ୍ୟତେ। (୧୭/୧୬)
ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ ତ୍ରିବିଧଂ ନରୈଃ।
ଅଫଳାକାଙ୍କ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷତେ। (୧୭/୧୭)

ମନର ପ୍ରସନ୍ନତା, ଅକ୍ରୁରତା, ବାକ୍‌ସଂଯମ, ମନସଂଯମ ଏବଂ ବ୍ୟବହାରରେ କପଟତାରାହିତ୍ୟକୁ ମାନସ ତପସ୍ୟା କୁହାଯାଏ।
ପୂର୍ବରୁ କହିଥିବା ତିନି ପ୍ରକାର ତପସ୍ୟା ଯେବେ ଫଳ ଆକାଂକ୍ଷା ରହିତ, ଈଶ୍ୱରଙ୍କ ଠାରେ ଏକାଗ୍ରଚିତ୍ତ ହେବା ଦ୍ୱାରା ଅନୁଷ୍ଠିତ ହୁଏ, ତେବେ ସେଗୁଡିକୁ ସାତ୍ତ୍ୱିକ ତପସ୍ୟା ବୋଲାଯାଏ।
ଅର୍ଥାତ ପୂର୍ବ ତିନି ଶ୍ଳୋକରେ, ଶାରୀରିକ, ବାଚିକ ଓ ମାନସିକ ଭେଦରେ ତ୍ରିବିଧ ତପସ୍ୟାଭେଦ ବର୍ଣ୍ଣିତ ହେଇଛି, ସେହି ତ୍ରିବିଧ ତପସ୍ୟା ସାତ୍ତ୍ୱିକାଦି ଭେଦରେ ତିନି ପ୍ରକାର, ଏହା ପର ତିନି ଶ୍ଳୋକରେ କୁହାଯିବ।

## ହର୍ମୁଜ୍‌ର ଅନୋଖା ଦୁନିଆ

ଆମେରିକା ଓ ଇରାନ ମଧ୍ୟରେ ହେଉଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ ଜଳ୍‌ଡ଼ମରୁମଧ୍ୟ ଚର୍ଚ୍ଚାରେ ରହିଛି। କିନ୍ତୁ ଇରାନର ଦକ୍ଷିଣରେ ଥିବା ଦ୍ୱୀପ କେସ୍ମ ଓ ହର୍ମୁଜରେ ରହୁଥିବା ଲୋକମାନଙ୍କର ଜୀବନ ଓ ସେମାନଙ୍କର ବଞ୍ଚିବାର ଅନୋଖା ଅନ୍ଦାଜ କୌତୁହଳ ସୃଷ୍ଟି କରେ। ଖଣିଜ ସମ୍ପଦରେ ଭରପୂର ସେଠିକାର ବାଲି ଲାଲ୍, ଗୋଲାପି, ନାରଙ୍ଗି ରଙ୍ଗରେ ଚମକୁଥାଏ। ଏହାର ଭୂମି ଯେତିକି ବିବିଧରଙ୍ଗୀ ଓ ମନମୋହକ ସେତିକି ଆକର୍ଷଣୀୟ। ସାଂସ୍କୃତିକ, ପାରମ୍ପରିକ ବିଶ୍ୱାସ ଓ ଆସ୍ଥା ସହିତ ଏହା ଜଡ଼ିତ। ସେଠିକାର ସଂସ୍କୃତି, ଆସ୍ଥା, ମାନ୍ୟତାଗୁଡ଼ିକୁ କିଛି ଲୋକ ଅନ୍ଧବିଶ୍ୱାସ ବୋଲି ମାନନ୍ତି କିନ୍ତୁ ଏହା ହେଉଛି ସେମାନଙ୍କର ଜୀବନ। କେସ୍ମ ଦ୍ୱୀପରେ ରହୁଥିବା ମହିଳାମାନେ ନିଶଥିବା ନକାବ ପିନ୍ଧିଥାନ୍ତି। ଏହା ଦୁଷ୍ଟ ଆତ୍ମାମାନଙ୍କ ଠାରୁ ରକ୍ଷା କରିଥାଏ ବୋଲି ବିଶ୍ୱାସ କରାଯାଏ। କିଛି ପବନ ଶୈତାନୀ ବା ଜିନ୍ନବାଲା ହୋଇଥାନ୍ତି। ସେଠାରେ ‘ଜାର୍’ ନାମକ ପବନ ସମ୍ପର୍କରେ କୁହାଯାଏ ଯେ ଏହି ପବନ ଶରୀରରେ ପ୍ରବେଶ କରିପାରେ। ଏହି କାରଣରୁ ମଣିଷ ଅସ୍ତବ୍ୟସ୍ତ ଅନୁଭବ କରିବା ସହିତ ରୋଗ ଦ୍ୱାରା ପୀଡ଼ିତ ହୋଇପାରେ। ଏଥିପାଇଁ ମହିଳାମାନେ ନିଶଥିବା ନକାବ ପିନ୍ଧନ୍ତି ‘ଜାର୍’କୁ ଧୋକା ଦେବା ପାଇଁ। ଏହାର ଅର୍ଥ ଜଣେ ମହିଳା ପୁରୁଷମାନଙ୍କ ପରି ଯେପରି ଦେଖାଯିବ। ଜାର୍ ପବନ ପ୍ରତି ମହିଳାମାନେ ଅଧିକ ଅସୁରକ୍ଷିତ ଅନୁଭବ କରନ୍ତି। ତେବେ ପବନ ସହିତ ଜଡ଼ିତ ମାନ୍ୟତାଗୁଡ଼ିକର ମୂଳଦୁଆ ବହୁତ ପୁରୁଣା। ଏହି ଦ୍ୱୀପଗୁଡ଼ିକରେ ଇରାନୀ, ଆରବ, ୟୁରୋପୀୟ ଶକ୍ତିଗୁଡ଼ିକ ରହିଥିବା କଥା ବିଶ୍ୱାସ କରାଯାଏ। କାରଣ ଦ୍ୱୀପଗୁଡ଼ିକର ସମୁଦ୍ର କୂଳକୁ ବ୍ୟାପାରୀ, ବିଭିନ୍ନ ଦେଶର ସୈନିକ, ପ୍ରବାସୀମାନେ ଆସିଛନ୍ତି। ପୂର୍ବ ଆଫ୍ରିକା, ଆରବ ପ୍ରାୟଦ୍ୱୀପ ଓ ଭାରତୀୟ ଉପମହାଦ୍ୱୀପ ମଧ୍ୟରେ ଜାହାଜଗୁଡ଼ିକ ଯାତାୟାତ କରୁଥାନ୍ତି। ଏଗୁଡ଼ିକ ସହିତ ବିଭିନ୍ନ ଭାଷା, ପରମ୍ପରା ଓ ଅନୋଖା ବିଶ୍ୱାସଗୁଡ଼ିକ ମଧ୍ୟ ଆସିଛନ୍ତି। ତେବେ କେସ୍ମ ଓ ହର୍ମୁଜର କିଛି ଲୋକ ଗଛ ଉପରେ ରହନ୍ତି। ସେମାନଙ୍କ ଅନୁସାରେ କିଛି ପ୍ରକାରର ଗଛ ତଳେ ଶୋଇବା ଦ୍ୱାରା ଶୈତାନୀ ଆତ୍ମା ଶରୀର ମଧ୍ୟରେ ପ୍ରବେଶ କରିପାରେ।



## ସନ୍ତାନ ଜନ୍ମ ଓ ମଙ୍ଗଳ ଗୀତ



ଭାରତୀୟ ସଂସ୍କୃତିରେ ଲୋକଗୀତର ରହିଛି ନିଜର ଏକ ସ୍ୱତନ୍ତ୍ର ମହତ୍ତ୍ୱ। ଯେତେବେଳେ ପରିବାରରେ ଏକ ନୂଆ ଅତିଥି ଭାବରେ ଶିଶୁର ଆଗମନ ହୁଏ ସୋହରର ମଧୁର ଧୁନ୍ ବିନା ଉତ୍ସବ ଅସମ୍ପୂର୍ଣ୍ଣ ପରି ମନେହୁଏ। ମୁଖ୍ୟତଃ ମିଥିଳା ଓ ଉତ୍ତର ଭାରତର ଅଲଗା ଅଲଗା କ୍ଷେତ୍ରରେ ପ୍ରଚଳିତ ଏକ ପାରମ୍ପରିକ ଲୋକଗୀତ ହେଉଛି- ସୋହର। ପିଲାଙ୍କ ଜନ୍ମର ଖୁସିକୁ ଜାହିର କରିବା ପାଇଁ ମହିଳାମାନେ ଏହି ଗୀତ ଗାଆନ୍ତି। ଏହା କେବଳ ଏକ ଲୋକଗୀତ ନୁହେଁ, ପରିବାର ଓ ସମାଜର ସାମୂହିକ ଖୁସି, ବୟସ୍କଙ୍କ ଆଶୀର୍ବାଦ ଓ ଶହ ଶହ ବର୍ଷର ସାଂସ୍କୃତିକ ବିରାସତର ପ୍ରତୀକ। ପିଲା ଜନ୍ମ ହେବା ପରେ ସେହି ଘରୁ ସୋହରର ଗୁଞ୍ଜ ଶୁଣିବାକୁ ମିଳେ। ସାଧାରଣତଃ ଛଅ ଦିନରେ ଛଠୀ ସଂସ୍କାର ହୋଇଥାଏ। ଏହି ଅବସରରେ ମହିଳାମାନଙ୍କର ଏକ ସମୂହ ଏକତ୍ରିତ ହୁଅନ୍ତି। ଢୋଲକର ଥାପ ଓ ମଞ୍ଜିରାର ଶବ୍ଦ ସହିତ ମହିଳାମାନେ ଯେତେବେଳେ ଉଚ୍ଚ ସ୍ୱରରେ ସୋହର ଗାଆନ୍ତି ପୂରା ବାତାବରଣ ମାଙ୍ଗଳିକ ଓ ହର୍ଷୋଲ୍ଲାସରେ ଭରିଯାଏ। ଏହି ଗୀତଗୁଡ଼ିକର ପଂକ୍ତିରେ ନବଜାତ ପାଇଁ ଲୁଚି ରହିଥାଏ ଅପାର ସ୍ନେହ, ଖୁସି ଓ ଉଜ୍ଜ୍ୱଳ ଭବିଷ୍ୟତର ମଙ୍ଗଳକାମନା। ସୋହର ଗୀତ ମୂଳ ଭାରତୀୟ ଇତିହାସ ସହିତ ଗଭୀର ଭାବରେ ଜଡ଼ିତ ହୋଇ ରହିଛି। ଇତିହାସକାରଙ୍କ ଅନୁସାରେ ବୈଦିକ କାଳରୁ ସନ୍ତାନ ଜନ୍ମ ପରି ଶୁଭ ଅବସରଗୁଡ଼ିକରେ ମଙ୍ଗଳଗୀତ ଗାଇବାର ପରମ୍ପରା ରହିଆସିଛି। ସମୟ ସହିତ ମିଥିଳାର ମହିଳାମାନେ ଏହି ପରମ୍ପରାକୁ ନା କେବଳ ସଂରକ୍ଷିତ କରି ରଖିଛନ୍ତି ଏହାକୁ ଆହୁରି ସମୃଦ୍ଧ ମଧ୍ୟ କରିଛନ୍ତି। କେତେକ ସୋହରରେ ଭଗବାନ ରାମ ଓ ଭଗବାନ କୃଷ୍ଣଙ୍କ ଜନ୍ମର ପ୍ରସଙ୍ଗଗୁଡ଼ିକ ବହୁତ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଥାଏ। ସୋହର ଗୀତଗୁଡ଼ିକ ଜରିଆରେ ନବଜାତର ସେହି ପୀଡ଼ା ଓ ସଂଘର୍ଷକୁ ବ୍ୟକ୍ତ କରାଯାଏ ଯାହାକୁ ସହ୍ୟ କରି ଜଣେ ମା’, ଶିଶୁକୁ ଜନ୍ମ ଦେଇଥାଏ।

## ବିଶ୍ୱ ଆସ୍ଥମା ଦିବସ



ଆସ୍ଥମା-ଆସ୍ଥମା ରୋଗରେ ଶ୍ୱାସନଳୀ ଶକ୍ତ ହୋଇଯାଏ କିମ୍ବା ସଂକୁଚିତ ହୋଇଗଲେ ସେଥିରେ ସ୍ୱେଲିଂ ଆସିଯାଏ। ଏହି କାରଣରୁ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ବାଧା ଉତ୍ପନ୍ନ ହୁଏ। ଅଣନିଃଶ୍ୱାସୀ ଲାଗେ ବିଶେଷ କରି ଶୁଖିଲା କାଶ ମଧ୍ୟ ହୁଏ। ଛାତି ଜାମ୍ ହେବା ପରି ମନେହୁଏ ଓ ନିଃଶ୍ୱାସ ନେବା ସମୟରେ ସିଟି ବାଜିବା ପରି ଶବ୍ଦ ହୁଏ। ଏହା ଏକ ସାଧାରଣ ଓ ଦୀର୍ଘକାଳୀନ ରୋଗ ଅଟେ। ଏହି ସମସ୍ୟା ପ୍ରତି ଲୋକମାନଙ୍କୁ ସଚେତନ କରେଇବା ପାଇଁ ପ୍ରତିବର୍ଷ ମେ’ ମାସର ପ୍ରଥମ ମଙ୍ଗଳବାର ଦିନ ବିଶ୍ୱ ସ୍ତରରେ ପାଳନ କରାଯାଏ ଆସ୍ଥମା ଦିବସ। ଏହି ଦିନ ପିଲା ଓ ବୟସ୍କମାନଙ୍କ ମଧ୍ୟରେ ହେଉଥିବା ଏହି ପ୍ରମୁଖ ବୈଶ୍ୱିକ ଅଣ-ସଂକ୍ରାମକ ରୋଗ ସହିତ ଲଢ଼ିବା ପାଇଁ ବିଭିନ୍ନ ବୈଶ୍ୱିକ ଓ ସ୍ଥାନୀୟ ସଂଗଠନ ଏକଜୁଟ ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଅନ୍ୟ ନିୟାମକ ପ୍ରାଧିକରଣ ନିମ୍ନ ଓ ମଧ୍ୟ ଆୟବାଲା ଦେଶଗୁଡ଼ିକରେ ଆସ୍ଥମାକୁ ଗରିବୀର କାରକ ଓ ପରିଣାମ ଦେଉଥିବା ରୋଗ ଭାବରେ ଗ୍ରହଣ କରିଛନ୍ତି। ହୁ ଅନୁସାରେ ୨୦୧୯ରେ ବୈଶ୍ୱିକ ସ୍ତରରେ ୨୬.୨ କୋଟି ଲୋକ ଆସ୍ଥମା ଦ୍ୱାରା ପୀଡ଼ିତ ଥିଲେ ଓ ଏହାଦ୍ୱାରା ୪.୫୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ଆମ ଦେଶରେ ୩.୪ କୋଟି ଲୋକ ଆସ୍ଥମା ଦ୍ୱାରା ପୀଡ଼ିତ ଅଛନ୍ତି। ଏହା ହେଉଛି ବିଶ୍ୱ ସ୍ତରରେ ଥିବା ଆସ୍ଥମା ସଂଖ୍ୟାର ୧୩ ପ୍ରତିଶତ। ୧୯୯୩ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହଯୋଗୀ ସଂସ୍ଥା ଜିଆଇଏନ୍ଏ ଦ୍ୱାରା ଏହି ଦିବସର ସ୍ଥାପନା କରାଯାଇଥିଲା। ୧୯୯୮ରେ ସ୍ପେନ୍‌ର ବାର୍ସିଲୋନାରେ ଆୟୋଜିତ ପ୍ରଥମ ବିଶ୍ୱ ଆସ୍ଥମା ସମ୍ମିଳନୀ ସହିତ ୩୫ରୁ ଅଧିକ ଦେଶଗୁଡ଼ିକରେ ଏହି ଦିବସ ପାଳନ କରାଯାଇଥିଲା। ସେବେଠାରୁ ବିଶ୍ୱ ଆସ୍ଥମା ଦିବସରେ ପ୍ରତିବର୍ଷ ଭାଗୀଦାରୀ ବୃଦ୍ଧି ପାଉଛି।

କିପରି ରକ୍ଷା ପାଇବେ-ବାୟୁ ପ୍ରଦୂଷଣ, ଥଣ୍ଡା ପବନ, ସୁଗନ୍ଧ ଆଦି ଆସ୍ଥମାକୁ ଟ୍ରିଗର୍ କରିଥାନ୍ତି। ଏହି କାରକଗୁଡ଼ିକ ଠାରୁ ନିଜକୁ ଦୂରରେ ରଖିବାକୁ ଚେଷ୍ଟା କରିବା ଉଚିତ। ଆଲର୍ଜି ସୃଷ୍ଟି କରୁଥିବା ପଦାର୍ଥଗୁଡ଼ିକର ସମ୍ପର୍କରେ ନଆସିବାକୁ ଚେଷ୍ଟା କରନ୍ତୁ। ସିଗାରେଟ୍, ମହମବତୀ, ଧୂପକାଠି ଓ ବାଣର ଧୂଆଁ ଠାରୁ ଦୂରରେ ରୁହନ୍ତୁ। ସର୍ଦ୍ଦି ଓ ଫ୍ଲୁ ହୋଇଥିବା ରୋଗୀଙ୍କ ଠାରୁ ଦୂରରେ ରହିବା ପାଇଁ ଚେଷ୍ଟା କରିବେ। ଆଖପାଖର ବାତାବରଣକୁ ଧୂଳି ଠାରୁ ଦୂରରେ ରଖିବାକୁ ଚେଷ୍ଟା କରନ୍ତୁ। ନିମୋନିଆ, ଡିପ୍‌ଥେରିଆ, ଟିଟାନସ୍, କଳା କାଶ ପରି ରୋଗ ପାଇଁ ଟିକା ନେବା ବହୁତ ଜରୁରୀ। ନିୟମିତ ଭାବରେ ଆସ୍ଥମା ଔଷଧର ସେବନ କରନ୍ତୁ।



## କସ୍ମିକ୍ କିରଣ



କସ୍ମିକ୍ କିରଣ ବ୍ରହ୍ମାଣ୍ଡର ସବୁଠାରୁ ଅଧିକ ଉର୍ଜା ଦେଉଥିବା କଣ। ଏଗୁଡ଼ିକରୁ ବାହାରୁଥିବା ଉର୍ଜା ପୃଥିବୀରେ ମଣିଷମାନଙ୍କ ଦ୍ୱାରା ତିଆରି ହେଉଥିବା କୌଣସି ପାର୍ଟିକଲ୍ ଏକ୍ସଲେରେଟର୍ ଦ୍ୱାରା କେତେ ଗୁଣ ଅଧିକ ହୋଇଥାଏ। ବୈଜ୍ଞାନିକଙ୍କ ଅନୁସାରେ ଏହି କିରଣଗୁଡ଼ିକ ସୁପର୍‌ନୋଭା ବିସ୍ଫୋରଣ, ବ୍ଲାକ୍ ହୋଲ୍ ଦ୍ୱାରା ବାହାରୁଥିବା ଜେଟ୍ସ ବା ପଲ୍ସର ପରି ବିପଦଜନକ ଖଗୋଳୀୟ ପିଣ୍ଡଗୁଡ଼ିକରୁ ବାହାରିଥାଏ। କସ୍ମିକ୍ କିରଣ ଓ ଡାର୍କ ମ୍ୟାଟର୍‌ର ରହସ୍ୟଗୁଡ଼ିକର ସମାଧାନ ପାଇଁ ଡିଏଏମ୍‌ପିଇ ସ୍ପେସ୍ ସାଟେଲାଇଟ୍‌କୁ ଲଞ୍ଚ୍ କରାଯାଇଥିଲା। ୟୁନିଭର୍ସିଟି ଅଫ୍ ଜେନେଭାର ବିଶେଷଜ୍ଞମାନେ ଟେଲିସ୍କୋପ୍‌ର ହାଇ ପ୍ରେସିସନ୍ ଡାଟାର ବିଶ୍ଳେଷଣ କରିଥିଲେ। ଏଥିମଧ୍ୟରୁ ପ୍ରୋଟୋନ୍‌ରୁ ଆରମ୍ଭ କରି ଆୟରନ୍ ପର୍ଯ୍ୟନ୍ତ ସମସ୍ତ ପ୍ରାଇମେରୀ କସ୍ମିକ୍‌ରେ ନ୍ୟୁକ୍ଲିଆଇର ଅଧ୍ୟୟନ କରାଯାଇଥିଲା। ଅଧ୍ୟୟନରୁ ଏହା ଜଣାପଡ଼ିଛି ଯେ ଏହି କିରଣଗୁଡ଼ିକ ପ୍ରୋଟନ୍ ନୁହେଁ, ହିଲିୟମ୍, କାର୍ବନ୍, ଅକ୍ସିଜେନ୍ ଓ ଆୟରନ୍‌ର ନ୍ୟୁକ୍ଲିଅସ୍ ଦ୍ୱାରା ତିଆରି ହୁଏ। ଏହି ରିସର୍ଚ୍ଚର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ କରିବା ପରି ଅଂଶବିଶେଷ ଥିଲା ସ୍ପେକ୍ଟ୍ରମ୍ ସଫ୍ଟନିଂ ଯାହାର ଅର୍ଥ ଯେତେବେଳେ ଏହି କିରଣଗୁଡ଼ିକର ଉର୍ଜା ଏକ ଖାସ୍ ପଏଣ୍ଟରେ ପହଞ୍ଚିଯାଏ କଣଗୁଡ଼ିକର ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବା ଆରମ୍ଭ ହୋଇଥାଏ। ୧୫ ଟେରାଭୋଲ୍ଟ ଉର୍ଜାର ଆଖପାଖରେ ଏହି ପରିବର୍ତ୍ତନ ଦେଖାଦେଇଥିଲା। ଏହାକୁ ବିଜ୍ଞାନ ଭାଷାରେ ରିଜିଡିଟି ବୋଲି କୁହାଯାଏ।

## ବିପ୍ଳବୀ ଧରଣୀଧର ଭୂୟାଁ



କେନ୍ଦୁଝର ଜିଲ୍ଲାର ଏକ ଆଦିବାସୀ ପଲ୍ଲୀ କୁସୁମିତା ଠାରେ ଏକ ଭୂୟାଁ ପରିବାରରେ ୫ ମେ’, ୧୮୬୪ରେ ଜନ୍ମଗ୍ରହଣ କରିଥିଲେ ଧରଣୀଧର ଭୂୟାଁ। ମାତାପିତାଙ୍କ କନିଷ୍ଠ ପୁତ୍ର ଥିଲେ ଧରଣୀଧର। ସେ ଥିଲେ ଜଣେ ମେଧାବୀ ଛାତ୍ର। ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ସେ ଶିକ୍ଷା ସମାପ୍ତ କରିଥିଲେ। ଶିକ୍ଷା ପ୍ରତି ତାଙ୍କର ଆଗ୍ରହ ଯୋଗୁ କେନ୍ଦୁଝରର ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ତାଙ୍କୁ କଟକରେ ଜମିଜମା ସର୍ବେକ୍ଷଣ ପାଠ ପଢ଼ିବାକୁ ପଠାଇଥିଲେ। ଏହାପରେ ସର୍ବେକ୍ଷଣ ନିରୀକ୍ଷକ (ସର୍ଭେ ଓଭରସିଅର୍) ଭାବେ ସେ ନିଯୁକ୍ତି ପାଇଲେ। ତାଙ୍କର ବ୍ୟକ୍ତିତ୍ୱ, ସାଧୁତା, ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ଖୁବ୍ କମ୍ ସମୟ ଭିତରେ ରାଜାଙ୍କର ପ୍ରିୟଭାଜନ ହୋଇଥିବାରୁ ତାଙ୍କୁ ବଦନାମ କରି ରାଜାଙ୍କ ନିକଟରେ ଅପ୍ରିୟ କରିବା ଥିଲା ଷଡ଼ଯନ୍ତ୍ରକାରୀଙ୍କର ଉଦ୍ଦେଶ୍ୟ। ଏ ସମୟରେ କେନ୍ଦୁଝର ଓ ସିଂହଭୂମ ରାଜ୍ୟ ମଧ୍ୟରେ ସୀମାକୁ ନେଇ ବିବାଦ ଦେଖାଦେଇଥିଲା। ସେଥିପାଇଁ ଧରଣୀଧରଙ୍କୁ ମାପଚୁପ ପାଇଁ ସୀମାକୁ ପଠାଇ ଦିଆଗଲା। କିନ୍ତୁ ସେଠାରୁ ଫେରିବା ପରେ ତାଙ୍କ ପଦବୀ ସେ ହରାଇଥିଲେ। ଏହାପରେ ରାଜାଙ୍କ ଅତ୍ୟାଚାରକୁ ବିରୋଧ କରି ଭୂୟାଁ ସମ୍ପ୍ରଦାୟ ମେଳି କରିଥିଲେ। କିନ୍ତୁ ଇଂରେଜମାନଙ୍କ ଦ୍ୱାରା ସେହି ମେଳିକୁ ଦମନ କରିଦିଆ ଯାଇଥିଲା। ଧରଣୀଧର ନିଜ ମେଳି ସହାୟତାରେ ସଶସ୍ତ୍ର ଲଢ଼େଇ କରି ରାଜାଙ୍କୁ ଗାଦିରୁ ହଟାଇ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହିଁଥିଲେ ମଧ୍ୟ ଇଂରେଜ ସରକାରଙ୍କ ବିଦ୍ରୋହକୁ ଦମନ କରିବାକୁ ଯାଇ ସେ ବନ୍ଦୀ ହେଲେ ଓ ସାତ ବର୍ଷ ଜେଲ୍‌ଦଣ୍ଡ ଭୋଗିଥିଲେ। ବିଦ୍ରୋହୀ ଧରଣୀଧର କାରାଗାରରୁ ମୁକ୍ତି ପାଇବା ପରେ ଅନେକ ବର୍ଷ ତପସ୍ୟାରତ ରହିଲେ। ଏହାପରେ ପୁରୀରୁ ଆଳିକୁ ଯାଇ ସେ ଆଶ୍ରମ ସ୍ଥାପନା କରି ସନ୍ନ୍ୟାସୀ ଜୀବନ ଅତିବାହିତ କରିଥିଲେ। ଶେଷରେ ୧୬ ମେ’, ୧୯୧୪ରେ ତାଙ୍କର ମୃତ୍ୟୁ ହୋଇଥିଲା।

## ରୋମାଣ୍ଟିକ୍ ସିରିଜରେ କରନ୍ ଓ ସୁରଭି



ଟିଭି ଅଭିନେତା କରନ୍ ସିଂହ ଗ୍ରୋଭର ଓ ଅଭିନେତ୍ରୀ ସୁରଭି ଜ୍ୟୋତିଙ୍କ ଯୋଡ଼ି ଦର୍ଶକମାନଙ୍କର ହୃଦୟକୁ ଜିତି ସାରିଛି। ସିରିଜ ‘କୁବୁଲ୍ ହୈ’ରେ ଏହି ଯୋଡ଼ିକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ। ଏହାର କିଛି ବର୍ଷ ପରେ ପ୍ରସାରିତ ହେଲା ସିରିଜ ‘କୁବୁଲ୍ ହୈ ୨.୦’ ଯେଉଁଥିରେ ଦର୍ଶକମାନେ ମଧ୍ୟ ଖୁବ୍ ଭଲପାଇବା ଦେଇଥିଲେ ଏହି ଯୋଡ଼ିକୁ। ଏମାନଙ୍କର କେମିଷ୍ଟ୍ରିକୁ ଦର୍ଶକମାନେ ଏତେ ପସନ୍ଦ କରିଛନ୍ତି ଯେ ଆଜି ବି ଏହି ସିରିଜ ଦେଖିବା ପାଇଁ ଲୋକମାନେ ଚାହୁଁଛନ୍ତି। ତେବେ ଖବର ଅନୁସାରେ କରନ୍ ଓ ସୁରଭି ପୁଣି ଥରେ ରୋମାଣ୍ଟିକ ମୋଡ୍‌ରେ ନଜର ଆସିପାରନ୍ତି। ଏମାନଙ୍କ ହାତରେ ଲାଗିଛି ଅନ୍ୟ ଏକ ରୋମାଣ୍ଟିକ ସିରିଜ ‘ତୁମ୍ ସେ ତୁମ୍ ତକ୍’ ଯେଉଁଟିକୁ ଦର୍ଶକମାନେ ଦେଖିପାରିବେ ଓଟିଟି ପ୍ଲାଟ୍‌ଫର୍ମରେ। ଏହି ସିରିଜର ସୁଟିଂ ଆରମ୍ଭ ହେଲାଣି ଏପ୍ରିଲ୍ ମାସରୁ। ଏହାର କାହାଣୀ ସୁରଭିଙ୍କୁ ଖୁବ୍ ପସନ୍ଦ ଆସିଛି ଓ ତାଙ୍କ ପ୍ରଶଂସକଙ୍କ ପାଇଁ ଏହା ଏକ ଟ୍ରିଟ୍ ହୋଇପାରେ ବୋଲି କୁହାଯାଉଛି। କିନ୍ତୁ ଏହା ଉପରେ କରନ୍ ସିଂହଙ୍କର କୌଣସି ପ୍ରତିକ୍ରିୟା ସମ୍ମୁଖକୁ ଆସିପାରି ନାହିଁ। ଏହା ଏକ ମିନି ରୋମାଣ୍ଟିକ ସିରିଜ କିମ୍ବା ଏକ ମଲ୍ଟି-ସିଜନ୍ ଯାହା ଉପରୁ ପରଦା ଉଠିବା ବାକି ରହିଛି। ସିରିଜ ‘କୁବୁଲ ହୈ’ରେ ସୁରଭି ଓ କରନ୍ ଯଥାକ୍ରମେ ଜୋୟା ଓ ଅସଦ ଅହମଦ ଭୂମିକାରେ ନଜର ଆସିଥିଲେ। ଏ ଦୁଇ ଜଣଙ୍କର ସରାରତ ଓ ରୋମାନ୍ସ ଦର୍ଶକମାନଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଯଦିଓ ସିରିଜ ଅଧା ହୋଇଥିବା ବେଳେ କରନ୍ ଶୋ’ ଛାଡ଼ି ଦେଇଥିଲେ ଓ ତାଙ୍କ ସ୍ଥାନରେ ନିଆଯାଇଥିଲା ରାକେଶ ବାପଟଙ୍କୁ। ‘କୁବୁଲ ହୈ ୨.୦’ରେ ମଧ୍ୟ ନିର୍ମାତାମାନେ ସୁରଭିଙ୍କ ସହିତ କରନ୍‌ଙ୍କୁ ମୁଖ୍ୟ ଭୂମିକାରେ ନେବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଏମାନଙ୍କ ପୂର୍ବରୁ ନିର୍ମାତାମାନେ ନିହାରିକା ଚୌକସୀ ଓ ଆଶିଷ ଚୌଧୁରୀଙ୍କୁ ଆପ୍ରୋଚ୍ କରାଯାଇଥିବା କଥା କୁହାଯାଉଛି।



ଆଜିର ମ୍ୟାଚ୍

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଚେନ୍ନାଇ ସୁପର୍ କିଙ୍ଗ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଦିଲ୍ଲୀ

ନିତିଦିନ NITIDIN

# ଦିଲ୍ଲୀ ଟ୍ରିପ୍‌ରୁ ଓହରିଲେ ଧୋନି

## ଚେନ୍ନାଇରେ ରିହାବ୍ ଜାରୀ ରଖିବେ



**ଚେନ୍ନାଇ,୪।୫/ଏଜେନ୍ସି:** ଚଳିତ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମଙ୍ଗଳବାରର ମ୍ୟାଚ୍ ପାଇଁ ପୂର୍ବତନ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) କ୍ୟାପ୍‌ଟେନ୍ ଏମ୍‌ଏସ୍ ଧୋନି ଦିଲ୍ଲୀ ଯାତ୍ରା କରିନାହାନ୍ତି। ଧୋନି ଚେନ୍ନାଇରେ ରହି ତାଙ୍କ ଆଘାତ ପାଇଁ ରିହାବ୍ ଜାରୀ ରଖିବେ। ଏହାର ଅର୍ଥ ସେ ମ୍ୟାଚ୍ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ନାହାନ୍ତି। କିନ୍ତୁ ଫ୍ରାଞ୍ଚାଇଜି ଅଧିକାରୀ ତାଙ୍କୁ ଚଳିତ ସିଜନ୍‌ରେ ଖେଳିବାକୁ ମନା କରିନାହାନ୍ତି। ସେ ଯେକୌଣସି ପର୍ଯ୍ୟାୟରେ ସେ ଉପଲବ୍ଧ ହେବା ଉଚିତ ବୋଲି ଫ୍ରାଞ୍ଚାଇଜିର ଜଣେ ବରିଷ୍ଠ ଅଧିକାରୀ କ୍ରିକ୍‌ବଜ୍‌କୁ କହିଛନ୍ତି। ସିଏସ୍‌କେର ଲିଗ୍ ପର୍ଯ୍ୟାୟରେ ଆଉ ପାଞ୍ଚଟି ମ୍ୟାଚ୍ ଖେଳ ବାକି ଅଛି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପରେ ସିଏସ୍‌କେ ମେ' ୧୦ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ଆୟୋଜନ କରିବ। ଏହାପରେ ମେ' ୧୫ରେ ଋଷଭ ପନ୍ତଙ୍କ ଟିମ୍ ବିପକ୍ଷରେ ଲକ୍ଷ୍ନୌରେ ପ୍ରତ୍ୟାବର୍ତ୍ତନ ମ୍ୟାଚ୍ ଖେଳିବ। ମେ' ୧୮ରେ ଟିମ୍ ଚେନ୍ନାଇରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଭେଟିବା ପରେ ମେ' ୨୧ରେ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ଖେଳିବା ପାଇଁ ଅହମଦାବାଦ ଯାତ୍ରା କରିବ। ଧୋନି ଚଳିତ ସିଜନ୍‌ରେ ଗୋଟିଏ ବି ମ୍ୟାଚ୍ ଖେଳିନାହାନ୍ତି। ୨୦୨୫ରେ ମେ' ୨୫ରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ସେ ଶେଷ ଥର ପାଇଁ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ।

## ଦିଲ୍ଲୀ କ୍ୟାପିଟାଲ୍ସକୁ ଆଶ୍ୱସ୍ତି

# ପ୍ରତ୍ୟାବର୍ତ୍ତନ ପାଇଁ ଲୁଙ୍ଗି ଏନ୍‌ଗିଡ଼ି ପ୍ରସ୍ତୁତ



**ନୂଆଦିଲ୍ଲୀ,୪।୫/ଏଜେନ୍ସି:** ଆଘାତରୁ ସୁସ୍ଥ ହୋଇ ଲୁଙ୍ଗି ଏନ୍‌ଗିଡି ପଡ଼ିଆକୁ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କୋଚ୍ ମୁନାଫ୍ ପଟେଲ୍ ସୋମବାର କହିଛନ୍ତି। ଏପ୍ରିଲ୍ ୨୫ରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ କ୍ୟାଚ୍ ନେବାକୁ ଉଦ୍ୟମ କରୁଥିବା ବେଳେ ଏନ୍‌ଗିଡ଼ି ମୁଣ୍ଡମାଡ଼ି ପଡ଼ିଯାଇଥିଲେ ଏବଂ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ସହାୟତାରେ ହସ୍ପିଟାଲ୍ ନିଆଯାଇଥିଲା। ଏହି ଆଘାତ କାରଣରୁ ସାଉଥ୍ ଆଫ୍ରିକାର ଏହି ଫାଷ୍ଟ ବୋଲର୍ ଦୁଇଟି ମ୍ୟାଚ୍ ଖେଳିପାରି ନଥିଲେ। ମଙ୍ଗଳବାରର ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ମୁନାଫ୍ କହିଛନ୍ତି, ଲୁଙ୍ଗି ଏନ୍‌ଗିଡିଙ୍କ ସମେତ ଟିମ୍‌ର ସମସ୍ତ ଖେଳାଳି ଫିଟ୍ ଅଛନ୍ତି। ଏନ୍‌ଗିଡିରା ପ୍ରତ୍ୟାବର୍ତ୍ତନ ଫଳରେ ଦିଲ୍ଲୀ କ୍ୟାପିଟାଲ୍ସର ବୋଲିଂ ଆକ୍ରମଣକୁ ଶକ୍ତି ମିଳିବ। ମିଚେଲ୍ ଷ୍ଟାର୍କ ମଧ୍ୟ ଟିମ୍‌ରେ ସାମିଲ ହୋଇଛନ୍ତି ଏବଂ ସେ ରାଜସ୍ଥାନ ବିପକ୍ଷ ସିଜନ୍‌ରେ ନିଜର ପ୍ରଥମ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୨୬୪ ରନ୍ ଡିଫେଣ୍ଡ କରିବାରେ ବିଫଳ ହୋଇଥିଲା। ପଞ୍ଜାବ ରନ୍ ଚେଜ୍‌ରେ ନୂଆ ରେକର୍ଡ କାଏମ କରି ବିଜୟୀ ହୋଇଥିଲା। ମୁନାଫ୍ କହିଛନ୍ତି, ଷ୍ଟାର୍କଙ୍କ ଉପସ୍ଥିତିରେ ନିଶ୍ଚିତ ରୂପେ ଫରକ ପଡ଼ିବ।

# ଆଇପିଏଲ୍ ଅଧାରୁ ଇଂଲଣ୍ଡ ଫେରିଲେ ଫିଲ୍ ସଲ୍ଟ

## ଫିଲ୍ଡିଂ ବେଳେ ଆଙ୍ଗୁଠିରେ ଲାଗିଥିଲା ଆଘାତ



**ବେଙ୍ଗାଲୁରୁ,୪।୫/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓପ୍ନିଂ ବ୍ୟାଟର୍ ଫିଲ୍ ସଲ୍ଟ ଆଙ୍ଗୁଠି ଆଘାତ କାରଣରୁ ନିଜ ଦେଶ ଇଂଲଣ୍ଡ ଫେରିଛନ୍ତି। ଆଘାତ କାରଣରୁ ସେ ଗତ ତିନିଟି ମ୍ୟାଚ୍ ଖେଳିପାରି ନଥିଲେ। ଏବେ ସେ ସ୍କାନ୍ ପାଇଁ ଇଂଲଣ୍ଡ ଯାଇଛନ୍ତି। ସେ ଆଙ୍ଗୁଠି ସ୍କାନ୍ କରାଇ ଏବେ ପରିବାର ସହିତ ସମୟ କାଟୁଛନ୍ତି। ସେ ଏହି ମାସରେ ଭାରତ ଫେରିଆସିବେ ବୋଲି ଟିମ୍ ଏବଂ ସେ ଆଶାବାଦୀ। ତାଙ୍କ ଅନୁପସ୍ଥିତିରେ ବିରାଟ କୋହଲିଙ୍କ ସହ ଜ୍ୟାକବ୍ ବେଥେଲ୍ ଇନିଂସ୍ ଓପନ୍ କରୁଛନ୍ତି। ସଲ୍ଟଙ୍କ ଆଘାତ ନେଇ ଆର୍‌ସିବି ପକ୍ଷରୁ କୌଣସି ବୟାନ୍ ଜାରୀ କରାଯାଇ ନାହିଁ। ତେବେ ରିପୋର୍ଟ ଅନୁସାରେ ଏପ୍ରିଲ୍ ୧୮ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ଆହତ ହୋଇଥିଲେ। ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍‌ରେ ଡାଇଭ୍ ଲଗାଇବା ବେଳେ ତାଙ୍କ ବାମହାତ ଆଙ୍ଗୁଠିରେ ଆଘାତ ଲାଗିଥିଲା।

ଟି-୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିବା ପରେ ସଲ୍ଟ ଆଇପିଏଲ୍‌ରେ ଫର୍ମକୁ ଫେରିଥିଲେ। ଚଳିତ ସିଜନ୍‌ର ଛଅ ଇନିଂସ୍‌ରେ ସେ ୧୬୮.୩୩ ଷ୍ଟ୍ରାଇକ୍ ରେଟ୍‌ରେ ୨୦୨ ରନ୍ କରିଛନ୍ତି। ଗତ ସିଜନ୍‌ରେ ଟିମ୍‌ରେ ଟାଇଟଲ୍ ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ୨୦୨୫ ସିଜନ୍‌ରେ ୧୭୫.୯୮ ଷ୍ଟ୍ରାଇକ୍ ରେଟ୍‌ରେ ୪୦୩ ରନ୍ କରିଥିଲେ।

## ଆଇପିଏଲ୍‌ରେ ମୁମ୍ବାଇର ସବୁଠୁ ବଡ଼ ରନ୍ ଚେଜ୍

# ଲକ୍ଷ୍ନୌକୁ ୬ ୱିକେଟ୍‌ରେ ହରାଇଲା



**ମୁମ୍ବାଇ,୪।୫/ଏଜେନ୍ସି:** ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍‌ରେ ନିଜର ସବୁଠୁ ବଡ଼ ରନ୍ ଚେଜ୍ କରିଛି। ସୋମବାର ଟିମ୍ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷରେ ୬ ୱିକେଟ୍‌ରେ ବିଜୟୀ ହୋଇଛି। ଏହା ଚଳିତ ସିଜନ୍‌ରେ ମୁମ୍ବାଇ ଲଗାତାର ତିନି ପରାଜୟ ପରେ ବିଜୟ ସ୍ୱାଦ ଚାଖିଛି। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଟସ୍ ହାରି ବ୍ୟାଟିଂ ପାଇଥିବା ଲକ୍ଷ୍ନୌ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୨୨୮ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୮.୪ ଓଭର୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଆଭେସ୍ ଖାନ୍‌ଙ୍କ ବଲ୍‌ରେ ଛକା ମାରି ୱିଲ୍ ଜ୍ୟାକ୍ସ ମୁମ୍ବାଇକୁ ବିଜୟୀ କରାଇଛନ୍ତି।

### ରୋହିତ ଶର୍ମା ଓ ର୍‍ୟାନ୍ ରିକେଲ୍‌ଟନ୍‌ଙ୍କ ଅର୍ଦ୍ଧଶତକ

ରନ୍ ଚେଜ୍‌ରେ ଓପ୍ନର୍‌ମାନେ ମୁମ୍ବାଇ ପାଇଁ ବିସ୍ଫୋରକ ଆରମ୍ଭ କରିଥିଲେ। ର୍‍ୟାନ୍ ରିକେଲ୍‌ଟନ୍ ଏବଂ ରୋହିତ ଶର୍ମା ୬୫ ବଲ୍‌ରେ ୧୪୩ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ରୋହିତ ଶର୍ମା ୪୪ ବଲ୍‌ରେ ୬ ଚୌକା ଓ ୭ ଛକା ସହାୟତାରେ ୮୪ ରନ୍ କରିଥିବା ବେଳେ ରିକେଲ୍‌ଟନ୍ ୩୨ ବଲ୍‌ରେ ୮୩ ରନ୍ କରିଥିଲେ। ରିକେଲ୍‌ଟନ୍‌ଙ୍କ ଇନିଂସ୍‌ରେ ୬ ଚୌକା ଓ ୮ ଛକା ସାମିଲ ଥିଲା। ତିଲକ ବର୍ମା ୧୧ ରନ୍ କରିଥିବା ବେଳେ କ୍ୟାପ୍‌ଟେନ୍ ଦାୟିତ୍ୱରେ ଥିବା ସୂର୍ଯ୍ୟକୁମାର ଯାଦବ ୧୨ ରନ୍‌ର ଯୋଗଦାନ ଦେଇଥିଲେ। ନମନ ଧୀର ୨୩ ଏବଂ ୱିଲ୍ ଜ୍ୟାକ୍ସ ୧୦ ରନ୍ କରି ଅପରାଜିତ ଫେରିଥିଲେ। ଲକ୍ଷ୍ନୌ ପକ୍ଷରୁ ମନିମାରନ୍ ସିଦ୍ଧାର୍ଥ ୨ଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ଶମୀ ଓ ମୋହସିନ୍ ଖାନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ ପାଇଥିବା ଲକ୍ଷ୍ନୌ ପକ୍ଷରୁ ନିକୋଲାସ୍ ପୁରନ୍ ସର୍ବାଧିକ ୬୩ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ତାଙ୍କ ୨୧ ବଲ୍‌ର ଇନିଂସ୍‌ରେ ୮ ଛକା ଓ ଗୋଟିଏ ଚୌକା ସାମିଲ ଥିଲା। ସେ ମିଚେଲ୍ ମାର୍ଶଙ୍କ ସହ ୩୫ ବଲ୍‌ରେ ୯୪ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାର୍ଶ ୨୫ ବଲ୍‌ରେ ୪୪ ରନ୍ କରି ଆଉଟ୍ ହୋଇଥିଲେ। ଜୋଶ୍ ଇଙ୍ଗ୍‌ଲିସ୍ ୧୩ ରନ୍ କରିଥିବା ବେଳେ କ୍ୟାପ୍‌ଟେନ୍ ଋଷଭ ପନ୍ତ ୧୫ ଏବଂ ଅକ୍ଷତ ରଘୁବଂଶୀ ୧୧ ରନ୍‌ର ଯୋଗଦାନ ଦେଇଥିଲେ। ଏଡେନ୍ ମାର୍କରମ୍ ୩୧ ଏବଂ ହିମତ୍ ସିଂହ ୪୦ ରନ୍ କରି ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ କର୍ବିନ୍ ବଶ୍ ୨ଟି ୱିକେଟ୍ ନେଇଥିବା ବେଳେ ଏଏମ୍ ଗଜନଫର, ୱିଲ୍ ଜ୍ୟାକ୍ସ ଏବଂ ରଘୁ ଶର୍ମାଙ୍କୁ ୧-୧ ସଫଳତା ମିଳିଥିଲା।

## ୧୬ ବଲ୍‌ରେ ଅର୍ଦ୍ଧଶତକ

# ସୂର୍ଯ୍ୟବଂଶୀଙ୍କ ରେକର୍ଡ ଭାଙ୍ଗିଲେ ପୁରନ୍



**ମୁମ୍ବାଇ,୪।୫/ଏଜେନ୍ସି:** ଚଳିତ ଆଇପିଏଲ୍‌ରେ ଫର୍ମକୁ ନେଇ ସଂଘର୍ଷ କରୁଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବ୍ୟାଟର୍ ନିକୋଲାସ୍ ପୁରନ୍ ସୋମବାର ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ପୁରନ୍ ମାତ୍ର ୧୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏହା ସହିତ ସେ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀଙ୍କ ବଡ଼ ରେକର୍ଡ ଭାଙ୍ଗିଛନ୍ତି। ଆଇପିଏଲ୍‌ର ଏହା ପୁରନ୍‌ଙ୍କର ୨୦ରୁ କମ୍ ବଲ୍‌ରେ ପଞ୍ଚମ ଅର୍ଦ୍ଧଶତକ। ସୂର୍ଯ୍ୟବଂଶୀଙ୍କ ନାମରେ ୨୦ରୁ କମ୍ ବଲ୍‌ରେ ୪ ଅର୍ଦ୍ଧଶତକ ରହିଛି। ଏହି ଲିଷ୍ଟରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓପ୍ନର୍ ଅଭିଷେକ ଶର୍ମା ଶୀର୍ଷରେ ରହିଛନ୍ତି। ଅଭିଷେକ ୨୦ରୁ କମ୍ ବଲ୍‌ରେ ୬ ଥର ଅର୍ଦ୍ଧଶତକ କରିଛନ୍ତି। ୩୦ ବର୍ଷୀୟ ପୁରନ୍ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଏହି ମ୍ୟାଚ୍‌ରେ ୬୩ ରନ୍ କରି ଆଉଟ୍ ହୋଇଛନ୍ତି। ତାଙ୍କର ୨୧ ବଲ୍‌ର ଇନିଂସ୍‌ରେ ୮ ଛକା ଓ ଗୋଟିଏ ଚୌକା ସାମିଲ। ପୁରନ୍‌ଙ୍କ ଷ୍ଟ୍ରାଇକ୍ ରେଟ୍ ୩୦୦ ଥିବାବେଳେ ଏହା ଆଇପିଏଲ୍ ଇତିହାସରେ ତାଙ୍କର ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ।

# ସିଏସ୍‌କେ ଅଲ୍‌ରାଉଣ୍ଡର୍ ରାମକୃଷ୍ଣ ଘୋଷ ଆଇପିଏଲ୍‌ରୁ ବାଦ୍

## ମୁମ୍ବାଇ ବିପକ୍ଷ ଡେବ୍ୟୁ ମ୍ୟାଚ୍‌ରେ ଆହତ ହୋଇଥିଲେ



**ଚେନ୍ନାଇ,୪।୫/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ)ର ଅଡୁଆ ଜାରି ରହିଛି। ଟିମ୍‌ର ବୋଲିଂ ଅଲ୍‌ରାଉଣ୍ଡର୍ ରାମକୃଷ୍ଣ ଘୋଷ ଚଳିତ ସିଜନ୍‌ରୁ ବାହାର ହୋଇଛନ୍ତି। ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ନିଜର ଡେବ୍ୟୁ ମ୍ୟାଚ୍‌ରେ ରାମକୃଷ୍ଣଙ୍କ ଡାହାଣ ପାଦରେ ଆଘାତ ଲାଗିଥିଲା। ଅବଶ୍ୟ ଫ୍ରାଞ୍ଚାଇଜି ତାଙ୍କ ବଦଳ ଖେଳାଳି ଘୋଷଣା କରିନାହିଁ। ମହାରାଷ୍ଟ୍ର ମିଡିୟମ୍ ପେସର୍ ରାମକୃଷ୍ଣ ଘୋଷଙ୍କ ପାଇଁ ଶନିବାର ଦିନ ସ୍ୱପ୍ନ ପରି ହୋଇଥିଲା। ମ୍ୟାଚ୍‌ର ଅଷ୍ଟମ ଓଭର୍‌ରେ ସେ ପଏଣ୍ଟ ବାଉଣ୍ଡାରୀରେ ଏକ ଡାଇଭିଂ କ୍ୟାଚ୍ ନେଇ ମୁମ୍ବାଇ ଓପ୍ନର୍ ୱିଲ୍ ଜ୍ୟାକ୍ସଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ବୋଲିଂରେ ନିଜ ଶର୍ଟପିଚ୍ ବଲ୍‌ରେ ବିଶ୍ୱର ନମ୍ବର ଏକ ଟି-୨୦ ବ୍ୟାଟର୍ ସୂର୍ଯ୍ୟକୁମାର ଯାଦବଙ୍କୁ ଆଉଟ୍ କରିଥିଲେ। ରାମକୃଷ୍ଣ ୧୩୩ କିମି ବେଗରେ ବୋଲିଂ କରି ସମସ୍ତଙ୍କୁ ଚକିତ କରିଥିଲେ। ଘୋଷଙ୍କୁ ସିଏସ୍‌କେ ୨୦୨୫ ଆଇପିଏଲ୍ ମେଗା ଅକ୍ସନ୍‌ରେ ତାଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କାରେ କିଣିଥିଲା। ଗତ ସିଜନ୍‌ରେ ସେ ଗୋଟିଏ ବି ମ୍ୟାଚ୍ ଖେଳିନଥିଲେ ମଧ୍ୟ ଏଥର ଟିମ୍ ତାଙ୍କ ଉପରେ ଭରସା କରି ରିଟେନ୍ କରିଥିଲା। ଶନିବାର ତାଙ୍କୁ ପ୍ରଥମ ଥର ହଳଦିଆ ଜର୍ସିରେ ପଡ଼ିଆକୁ ଓହ୍ଲାଇବାର ସୁଯୋଗ ମିଳିଥିଲା, କିନ୍ତୁ ଆଘାତ ତାଙ୍କ ସିଜନ୍ ଶେଷ କରିଦେଇଛି।

## ପଞ୍ଜାବ କିଙ୍ଗ୍ସକୁ ଝଟ୍‌କା

# ଜେମ୍ସ ହୋପ୍ସ ସିଡ୍‌ନୀ ସିକ୍ସର୍ସ ମୁଖ୍ୟ କୋଚ୍ ନିଯୁକ୍ତ



**ନୂଆଦିଲ୍ଲୀ,୪।୫/ଏଜେନ୍ସି:** ଆଇପିଏଲ୍ ୨୦୨୬ ମଝିରେ ପଞ୍ଜାବ କିଙ୍ଗ୍ସକୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ବୋଲିଂ କୋଚ୍ ଜେମ୍ସ ହୋପ୍ସ ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍)ରେ ସିଡ୍‌ନୀ ସିକ୍ସର୍ସର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ସିକ୍ସର୍ସ ତାଙ୍କୁ ଦୁଇବର୍ଷ ପାଇଁ ସ୍ୱାକ୍ଷର କରିଛି। ଗ୍ରେଗ୍ ଶିପର୍ଡଙ୍କ ସ୍ଥାନରେ ହୋପ୍ସଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ, ଶିପର୍ଡଙ୍କୁ ତାଙ୍କ କାର୍ଯ୍ୟକାଳ ମଝିରୁ ହଟାଇ ଦିଆଯାଇଛି। ତାଙ୍କ କୋଚିଂରେ ସିକ୍ସର୍ସ ବିବିଏଲ୍ ୨୦୨୬ ସିଜନ୍‌ର ଫାଇନାଲ୍‌ରେ ପହଞ୍ଚିଥିଲା। ଜେମ୍ସ ହୋପ୍ସ କୌଣସି ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ ହେବା ଏହା ପ୍ରଥମ ଘଟଣା। ଅବଶ୍ୟ ଏହା ପୂର୍ବରୁ ସେ ଆଇପିଏଲ୍, ବିବିଏଲ୍ ଏବଂ ଏମ୍‌ସିଏଲ୍ ପରି ଲିଗ୍‌ରେ ବୋଲିଂ କୋଚ୍‌ର ଦାୟିତ୍ୱ ତୁଲାଇ ସାରିଛନ୍ତି। ଏହା ସହିତ ସେ ଅଷ୍ଟ୍ରେଲିଆର ଘରୋଇ ଟିମ୍ ତାସ୍‌ମାନିଆ ସହ ମଧ୍ୟ ଜଡ଼ିତ ଥିଲେ। ନୂଆ ଦାୟିତ୍ୱକୁ ନେଇ ହୋପ୍ସ କହିଛନ୍ତି, ସିଡ୍‌ନୀ ସିକ୍ସର୍ସ ପରି ବଡ଼ କ୍ଲବ୍ ସହ ଯୋଡ଼ିହେବା ମୋ ପାଇଁ ଗର୍ବର ବିଷୟ। ଟିମ୍‌ର ପରମ୍ପରା ଚମତ୍କାର ରହିଛି ଏବଂ ଏହାର ଆଗାମୀ ଚରଣରେ ଯୋଗଦାନ ଦେବା ପାଇଁ ମୁଁ ଉତ୍ସାହିତ।

# ଉବର୍ କପ୍ ଟାଇଟଲ୍ ଜିତିଲା କୋରିଆ

## ଥୋମାସ୍ କପ୍ ବଜାୟ ରଖିଲା ଚୀନ୍



**ହର୍ସେନ୍ସ,୪।୫/ଏଜେନ୍ସି:** ବିଶ୍ୱ ନମ୍ବର ଏକ ଏବଂ ଅଲିମ୍ପିକ୍ ଚାମ୍ପିଅନ୍ ଆନ୍ ସେ-ୟଙ୍ଗଙ୍କ ନେତୃତ୍ୱରେ ଦକ୍ଷିଣ କୋରିଆ ବ୍ୟାଡ୍‌ମିଣ୍ଟନ୍‌ର ମର୍ଯ୍ୟାଦାଜନକ ଉବର୍ କପ୍ ମହିଳା ବିଶ୍ୱ ଟିମ୍ ଟାଇଟଲ୍ ଜିତିଛି। ଅନ୍ୟପକ୍ଷରେ ଫ୍ରାନ୍ସକୁ ହରାଇ ଚୀନ୍ ପୁରୁଷ ମୁକୁଟ ଥୋମାସ୍ କପ୍ ହାସଲ କରିଛି। ଡେନ୍‌ମାର୍କର ହର୍ସେନ୍ସରେ ରବିବାର ବିଳମ୍ବିତ ରାତିରେ ଦକ୍ଷିଣ କୋରିଆ ୩-୧ରେ ଡିଫେଣ୍ଡିଂ ଚାମ୍ପିଅନ୍ ଚୀନ୍‌କୁ ହରାଇ ତୃତୀୟ ଥର ପାଇଁ ଉବର୍ କପ୍ ନିଜ ନାମରେ କରିଛି। ଟପ୍ ସିଡ୍ ଆନ୍ ବିଶ୍ୱ ନମ୍ବର-୨ ଚୀନ୍‌ର ୱାଙ୍ଗ୍ ଝିୟିଙ୍କୁ ୨୧-୧୦, ୨୧-୧୩ରେ ହରାଇ ଦକ୍ଷିଣ କୋରିଆର ଅଭିଯାନ ଆରମ୍ଭ କରିଥିଲେ। ତେବେ ପ୍ରଥମ ଡବଲ୍ସ ମ୍ୟାଚ୍ ଜିତି ଟାନ୍ ନିଙ୍ଗ୍ ଏବଂ ଲିଉ ଶେଙ୍ଗ୍‌ଶୁ ଚୀନ୍‌କୁ ବରାବର କରିଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ କିମ୍ ଗା-ଏଉନ୍ ୨୧-୧୯, ୨୧-୧୫ରେ ଚେନ୍ ୟୁଫେଇଙ୍କୁ ମାତ୍ ଦେଇ ଦକ୍ଷିଣ କୋରିଆ ୨-୧ରେ ଆଗୁଆ କରିଥିଲେ। ଏହାପରେ ହା-ନା ଏବଂ କିମ୍ ହ୍ୟେଜେଅଙ୍ଗ୍ ୧୬-୨୧, ୨୧-୧୦, ୨୧-୧୩ରେ ଜିଆ ୟିଫାନ୍ ଓ ଝାଙ୍ଗ୍ ଶୁସିଆନ୍‌ଙ୍କୁ ହରାଇ ଦକ୍ଷିଣ କୋରିଆକୁ ଟାଇଟଲ୍ ଜିତାଇଥିଲେ। ପୁରୁଷ ବିଭାଗରେ ପ୍ରଥମ ଥର ଫାଇନାଲ୍ ଖେଳୁଥିବା ଫ୍ରାନ୍ସକୁ ୩-୧ରେ ହରାଇ ଚୀନ୍ ଥୋମାସ୍ କପ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛି।

# ପେଶାୱର୍ ଜାଲ୍‌ମୀ ପିଏସ୍‌ଏଲ୍ ଚାମ୍ପିଅନ୍



**ଲାହୋର,୪।୫/ଏଜେନ୍ସି:** ପେଶାୱର ଜାଲ୍‌ମୀ ପ୍ରଥମ ଥର ପାଇଁ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍) ଚାମ୍ପିଅନ୍ ହୋଇଛି। ରବିବାର ରାତିରେ ସ୍ଥାନୀୟ ଗଦ୍ଦାଫି ଷ୍ଟାଡ଼ିୟମ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ବାବର୍ ଆଜମ୍‌ଙ୍କ ନେତୃତ୍ୱାଧୀନ ଟିମ୍ ୫ ୱିକେଟ୍‌ରେ ହାଇଦ୍ରାବାଦ କିଙ୍ଗ୍‌ସମେନ୍‌କୁ ହରାଇଛି। ଏହି ମ୍ୟାଚ୍‌ରେ ବାବର ଆଜମ୍ ଖାତା ଖୋଲିପାରି ନଥିଲେ ମଧ୍ୟ ତାଙ୍କ ଟିମ୍ ବିଜୟୀ ହୋଇଥିଲା।

୧୩୦ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ପେଶାୱର୍ ଜାଲ୍‌ମୀ ୪୦ ରନ୍‌ରେ ୪ ୱିକେଟ୍ ହରାଇଥିଲା। ଏହାପରେ ଆରୋନ୍ ହାର୍ଡି ଟିମ୍‌କୁ ୧୫.୨ ଓଭର୍‌ରେ ବିଜୟୀ କରାଇଥିଲେ। ସେ ଅବ୍‌ଦୁଲ୍ ସମଦଙ୍କ ସହ ପଞ୍ଚମ ୱିକେଟ୍ ପାଇଁ ୮୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ସମଦ୍ ୩୪ ବଲ୍‌ରେ ୪୮ ରନ୍ କରି ଆଉଟ୍ ହୋଇଥିବା ବେଳେ ହାର୍ଡି ୩୯ ବଲ୍‌ରେ ୯ ଚୌକା ସହାୟତାରେ ୫୬ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଅଲୀ ୩ଟି ୱିକେଟ୍ ନେଇଥିଲେ। ହାର୍ଡିଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

## ଫ୍ରେଞ୍ଚ ଓପନ୍ ୨୦୨୬

# ପୁରସ୍କାର ରାଶିକୁ ନେଇ ଶୀର୍ଷ ଖେଳାଳିଙ୍କ ଅସନ୍ତୋଷ



**ନୂଆଦିଲ୍ଲୀ,୪।୫/ଏଜେନ୍ସି:** ଫ୍ରେଞ୍ଚ ଓପନ୍ ୨୦୨୬ ଆରମ୍ଭ ପୂର୍ବରୁ ବହୁ ମହାନ୍ ଟେନିସ୍ ଖେଳାଳି ପୁରସ୍କାର ରାଶିକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ନୋଭାକ୍ ଜୋକୋଭିଚ୍, ଜାନିକ୍ ସିନର୍, ଆରିନା ସାବାଲେଙ୍କା ଏବଂ କୋକୋ ଗଫ୍‌ଙ୍କ ପରି ଷ୍ଟାର୍ ଖେଳାଳି ଏହାକୁ ନେଇ ଗଭୀର ନୈରାଶ୍ୟ ବ୍ୟକ୍ତ କରିଛନ୍ତି। ଏହି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ଶେଷ ଆଡ଼କୁ ପ୍ୟାରିସ୍‌ରେ ଆରମ୍ଭ ହେବ। ଖେଳାଳିମାନଙ୍କ ଚିନ୍ତା କେବଳ ପୁରସ୍କାର ରାଶିକୁ ନେଇ ନୁହେଁ। ସେମାନେ ଉନ୍ନତ ପ୍ରତିନିଧିତ୍ୱ, ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ଏବଂ ପେନ୍‌ସନ୍ ପରି ପ୍ରସଙ୍ଗ ଉପରେ ମଧ୍ୟ ଧ୍ୟାନ ଦେବାକୁ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଆୟୋଜକଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।

ଫ୍ରେଞ୍ଚ ଓପନ୍‌ର ମୋଟ ପୁରସ୍କାରରେ ରାଶିରେ ପ୍ରାୟ ୧୦% ବୃଦ୍ଧି କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ନିକଟରେ ଘୋଷଣା କରାଯାଇଥିଲା। ଏବେ ମୋଟ ପୁରସ୍କାର ରାଶି ୬୧.୭ ମିଲିୟନ୍ ୟୁରୋ ହୋଇଛି, ଯାହା ଗତ ବର୍ଷର ୫.୩ ମିଲିୟନ୍ ୟୁରୋଠାରୁ ଅଧିକ। ଏହା ସତ୍ତ୍ୱେ ଏହି ବୃଦ୍ଧି ପର୍ଯ୍ୟାପ୍ତ ନୁହେଁ ବୋଲି ଖେଳାଳିମାନେ କହୁଛନ୍ତି। ଏକ ବୟାନରେ ଖେଳାଳିମାନେ କହିଛନ୍ତି, ଟୁର୍ଣ୍ଣାମେଣ୍ଟର ମୋଟ ରାଜସ୍ୱରେ ସେମାନଙ୍କ ଅଂଶଧନ ଲଗାତାର ହ୍ରାସ ପାଉଛି। ୨୦୨୪ରେ ଖେଳାଳିଙ୍କ ଅଂଶଧନ ୧୫.୫% ଥିବା ବେଳେ ଏହା ୨୦୨୬ରେ ୧୪.୯% ହେବାର ସମ୍ଭାବନା ରହିଛି। ଅର୍ଥାତ୍ ଆୟ ବୃଦ୍ଧି ସତ୍ତ୍ୱେ ଖେଳାଳିମାନଙ୍କୁ ଅପେକ୍ଷାକୃତ କମ୍ ଅଂଶଧନ ମିଳିବ। ଖେଳାଳିମାନଙ୍କ କହିବା ଅନୁସାରେ ୨୦୨୫ରେ ଫ୍ରେଞ୍ଚ ଓପନ୍‌ର ମୋଟ ରାଜସ୍ୱ ୨୯୫ ମିଲିୟନ୍ ୟୁରୋ ଥିଲା, ଯାହା ପୂର୍ବ ବର୍ଷଠାରୁ ୧୪% ଅଧିକ। ଏହା ତୁଳନାରେ ପୁରସ୍କାର ରାଶିରେ କେବଳ ୫.୪% ବୃଦ୍ଧି ହୋଇଛି। ଏହାଦ୍ୱାରା ଖେଳାଳିମାନଙ୍କ ଅଂଶଧନ ହ୍ରାସ ପାଇ ୧୪.୩%ରେ ପହଞ୍ଚିଛି, ଯାହା ଚିନ୍ତାଜନକ ବିଷୟ।

## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱରକୁ ହରାଇ ବଲାଙ୍ଗିର ଚାମ୍ପିଅନ୍



**କଟକ,୪।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ଆୟୋଜିତ ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗିର ଚାମ୍ପିଅନ୍ ହୋଇଛି। ଆଜି ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ବଲାଙ୍ଗିର ୬ ୱିକେଟ୍‌ରେ ଭୁବନେଶ୍ୱରକୁ ହରାଇ ଦେଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର ପ୍ରଜ୍ଞା ପି ମହାନ୍ତି ୪୬ ବଲ୍‌ରେ ସର୍ବାଧିକ ୫୨ ରନ୍ ବଳରେ ପ୍ରଥମେ ୪ ୱିକେଟ୍ ହରାଇ ୧୦୬ ରନ୍ କରିଥିଲା। ଜବାବରେ ବଲାଙ୍ଗିର ୧୭.୩ ଓଭର୍‌ରେ ୪ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ମାଧୁରୀ ମେହେଟା ୪୬ ରନ୍‌ର ଇନିଂସ୍ ଖେଳିଥିଲେ। ମାଧୁରୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଚାମ୍ପିଅନ୍ ବଲାଙ୍ଗିରକୁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ୍ ଭୁବନେଶ୍ୱରକୁ ୨ ଲକ୍ଷ ଟଙ୍କା ମିଳିଛି। ଫାଇନାଲ୍ ମ୍ୟାଚ୍ ପରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳଙ୍କ ଉପସ୍ଥିତିରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଓସିଏ ସଦସ୍ୟ ଧୀରେନ୍ ପଲେଇ, ସୁଶାନ୍ତ କୁମାର ମହାନ୍ତି ଏବଂ ନିର୍ବାଣ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏପ୍ରିଲ୍ ୧୬ରୁ ଆରମ୍ଭ ହୋଇଥବା ଟୁର୍ଣ୍ଣାମେଣ୍ଟରେ ୩୦ ଟିମ୍ ଭାଗ ନେଇଥିବା ବେଳେ କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ମୋଟ ୮୨ ମ୍ୟାଚ୍ ଖେଳାଯାଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra